RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



ଡେବ୍ୟୁ କରିବେ ଶିବାଂଶୀ

▶ପୃଷ୍ଠା ୧୧ ଦେଖନ୍ତୁ...

♦VOLUME- 44 ♦ISSUE-16 ♦FRIDAY ♦10 JULY 2026 ♦PAGE-12 ♦₹ 7.00
PANIKOILI
♦ବର୍ଷ-୪୪ ♦ସଂଖ୍ୟା-୧୬ ♦ଶୁକ୍ରବାର ♦୧୦ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ହୀରାକୁଦ ଖୋଲିଲା ୧୦ ଗେଟ୍

### ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୨୧ ଫୁଟ୍



■ ସମ୍ବଲପୁର, ୯।୭ (ସମିସ): ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ବିଭିନ୍ନ ଡ୍ୟାମ୍‌ର ଜଳ ନିଷ୍କାସନ ଯୋଗୁଁ ଗତ କେଇଦିନ ହେବ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ଗୁରୁବାର ପୂର୍ବାହ୍ଣ ସାଢ଼େ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲା ଯାଇଥିବାବେଳେ ପରବର୍ତ୍ତୀ ସମୟରେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲା ଯାଇଥିଲା। ଆଜି ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୧ ଫୁଟ ରହିଥିବାବେଳେ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ▶ପୃଷ୍ଠା-୧୦

## ୧୩ରୁ ପୁଣି ବଢ଼ିବ ବର୍ଷା



■ ଭୁବନେଶ୍ୱର, ୯।୭ (ସମିସ): ଆସନ୍ତା ୧୩ ତାରିଖ ପରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ଅଧିକ ସକ୍ରିୟ ହେବା ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହି ଘୂର୍ଣ୍ଣିବଳୟ ଦ୍ୱାରା ମୌସୁମୀ ନିମ୍ନଚାପ ରେଖା ମଧ୍ୟ ବଙ୍ଗୋପସାଗର ଉପରେ ରହିବାର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଉଛି। ଗତ ଲଘୁଚାପ ପ୍ରଭାବରେ ରାଜ୍ୟରେ ହୋଇଥିବା ଭଲ ବର୍ଷା ଯୋଗୁଁ ବର୍ତ୍ତମାନ ଅନେକ ସ୍ଥାନରେ ଚାଷ କାମ ଆଗଉଛି। ଏହାସହିତ ରାଜ୍ୟରେ ହାରାହାରି ବର୍ଷା ମଧ୍ୟ ଏବେ ସ୍ୱାଭାବିକ ତୁଳନାରେ ଅଧିକ ରହିଛି। ୧୩ ପରେ ପୁଣି ଥରେ ବର୍ଷା ବଢ଼ିଲେ ଏହାକୁ ଆହୁରି ବଳ ମିଳିବ ବୋଲି ଆଶା ରହିଛି।

ଅନ୍ୟପଟେ ରାଜ୍ୟରେ ଏବେ କିଛି କିଛି ସ୍ଥାନରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଏହି ଧାରା ଆସନ୍ତା ୩-୪ ଦିନ ଜାରି ରହିବ। ଏହି କ୍ରମରେ ଶୁକ୍ରବାର କେନ୍ଦୁଝର, ବାଲେଶ୍ୱର ଭଦ୍ରକ, ଅନୁଗୁଳ, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର ଝାରସୁଗୁଡା, ଦେବଗଡ଼ ଓ ମୟୁରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସେହିପରି ୧୩ରୁ ବର୍ଷାର ପରିମାଣ ବଢ଼ିବା ▶ପୃଷ୍ଠା-୧୦

# ଆନ୍ଧ୍ରରେ ଆତଙ୍କ ମୁଣ୍ଡ ନେଲା କରୋନା

### ଫୁସ୍‌ଫୁସ୍‌ରେ ସଂକ୍ରମଣ; ୪ର୍ଥ ଦିନରେ ରୋଗୀ ମୃତ

■ ଅମରାବତୀ, ୯।୭ (ଏଜେନ୍ସି): ୨୦୧୯ରୁ ତିନି ବର୍ଷ ଧରି ସାରା ବିଶ୍ୱକୁ ତଳିତଳାନ୍ତ କରିଥିବା ମାରାତ୍ମକ କରୋନା ପୁଣି ଫେରିଛି। କେବଳ ଫେରିନାହିଁ, ଏହା ଆନ୍ଧ୍ର ପ୍ରଦେଶରେ ଜଣେ ଯୁବକର ପ୍ରାଣ ମଧ୍ୟ ନେଇଛି। ରାଜ୍ୟରେ ଆଉ ୫ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଆନ୍ଧ୍ରରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ବ୍ୟାପିବା ଭୟରେ ସମସ୍ତ ମେଡିକାଲ ପ୍ରସ୍ତୁତ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ରପ୍ରଦେଶର କାଡାପା ଅଞ୍ଚଳରେ ଜଣେ ଯୁବକ ପ୍ରାଣ ହରାଇବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ୪୬ ବର୍ଷୀୟ ଯୁବକ କରୋନା ସଂକ୍ରମିତ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପ୍ରବଳ କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ଗତ ଜୁନ୍ ୨୪ ରେ ତାଙ୍କୁ ଭେଲୋରର ସିଏମସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନ୍ ୨୬ ରେ ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ଜୁନ୍ ୨୮ ରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ସୂଚନା ଅନୁଯାୟୀ, ନିମୋନିଆ ଯୋଗୁଁ ତାଙ୍କର ଉଭୟ ଫୁସଫୁସ ଗମ୍ଭୀର ଭାବେ ସଂକ୍ରମିତ ହୋଇଯାଇଥିଲା। ଏହି ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଅଞ୍ଚଳରେ

### ଚିହ୍ନଟ ହେଲେଣି ୫ ନୂଆ ଆକ୍ରାନ୍ତ



ସାନିଟାଇଜେସନ ପ୍ରକ୍ରିୟା ଆରମ୍ଭ କରିବା ସହ କଣ୍ଟାକ୍ଟ ଟ୍ରେସିଂ (ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଚିହ୍ନଟ) ଜାରି ରଖିଛି। ଏହା ସହିତ ରାଜ୍ୟର କାଡାପା ଏବଂ ତିରୁପତି ଜିଲ୍ଲାରୁ ୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ▶ପୃଷ୍ଠା-୧୦

## ୨୦୫୦ ସୁଦ୍ଧା କର୍କଟ ରୋଗୀ ଦୁଇଗୁଣା



■ ନୂଆଦିଲ୍ଲୀ: ବିଶ୍ୱରେ କ୍ୟାନ୍ସର ରୋଗର ଭୟାବହତା ଆସନ୍ତା ଦଶକରେ ଭୟାବହ ରୂପ ଧାରଣ କରିବ। ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରତିବର୍ଷ ନୂଆ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ପ୍ରାୟ ଦ୍ୱିଗୁଣ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କବାଣୀ ଶୁଣାଇଛି। ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ବାୟୁ ପ୍ରଦୂଷଣ, ମେଦ ବହୁଳତା, ଧୂମପାନ ଓ ମଦ୍ୟପାନ ବୃଦ୍ଧି ଯୋଗୁଁ କର୍କଟ ରୋଗୀଙ୍କ ସଂଖ୍ୟ ବୃଦ୍ଧି ପାଇବ ଏବଂ ନିମ୍ନ ଓ ମଧ୍ୟମ ଆୟ ଦେଶଗୁଡ଼ିକ ଏଥିରେ ପ୍ରଭାବିତ ହେବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ କର୍କଟ ରୋଗୀ ସଂଖ୍ୟା ବୃଦ୍ଧି ସହ ଚିକିତ୍ସା ଖର୍ଚ୍ଚ ଓ ମୃତ୍ୟୁ ହାର ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନଠାରୁ ପ୍ରତିଷେଧକ, ସଚେତନତା ଏବଂ ପ୍ରାରମ୍ଭିକ ଚିହ୍ନଟ ଉପରେ ଗୁରୁତ୍ୱ ଦିଆ ନଯାଏ, ତେବେ ଅନେକ ଦେଶର ▶ପୃଷ୍ଠା-୧୦

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କବାଣୀ**

ଭିତର ପୃଷ୍ଠାରେ...

ମୂଷଳ ବର୍ଷାରେ ଦିଲ୍ଲୀ ଉବୁଟୁବୁ; ରୋହିଣୀ ଅଞ୍ଚଳରେ ଭୁଶୁଡ଼ିଲା କୋଠା, ୩ ମୃତ

ମହାରାଷ୍ଟ୍ରର ରାୟଗଡ଼ରେ ନଦୀରେ ଭାସିଲା ୩୦୦୦ ଗ୍ୟାସ୍ ସିଲିଣ୍ଡର୍


## ଆରମ୍ଭ ହେଲା ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

■ ଭୁବନେଶ୍ୱର, ୯।୭ (ସମିସ): ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେଇଛି। ଏହାର ଅଂଶ ବିଶେଷ ସ୍ୱରୂପ ଆସନ୍ତା ଜୁଲାଇ ୨୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ବୈଠକ କରିବେ। ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି।

### ୨୧ରେ ଜିଲ୍ଲାପାଳମାନଙ୍କ ସହ ନିର୍ବାଚନ ଆୟୋଗଙ୍କ ବୈଠକ

### ବୁଥ୍‌ୱାରି ଭୋଟର ତାଲିକା ଲାଗି ଘରକୁ ଘର ବୁଲି ହେବ ସର୍ଭେ

ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ତଥା ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଚିଠି ଅନୁଯାୟୀ ଏହି ବୈଠକରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଡୋର ଟୁ ଡୋର ବା ଡି୨ଡି ସର୍ଭେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । ୨୦୨୭ ମସିହାରେ ସାଧାରଣ ନିର୍ବାଚନ ପାଇଁ ପଞ୍ଚାୟତ ଓ ସହରାଞ୍ଚଳ ଅଞ୍ଚଳର ବୁଥଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହି ସର୍ଭେ କରାଯିବ। ବୈଠକରେ ୨୦୨୨ ମସିହାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନ ସମ୍ବନ୍ଧୀୟ ଡିସି ବିଲ ଓ ୟୁଟିଲାଇଜେସନ ସାର୍ଟିଫିକେଟ (ୟୁସି) ଦାଖଲ ସ୍ଥିତିର ମଧ୍ୟ ସମୀକ୍ଷା କରାଯିବ। ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏହି ବୈଠକରେ ▶ପୃଷ୍ଠା-୧୦




## କଳାହାଣ୍ଡିରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ରାସ୍ତାରେ ଅଚଳ ହେଲା ଆମ୍ବୁଲାନ୍ସ; ଚାଲିଗଲା ନାବାଳିକାର ଜୀବନ





■ ଭବାନୀପାଟଣା, ୯।୭ (ସମିସ): କଳାହାଣ୍ଡି ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସ ଖରାପ ହୋଇଯିବାରୁ ଜଣେ ନାବାଳିକାର ଜୀବନ ଚାଲିଯାଇଛି। ମୃତକ ହେଲେ ନର୍ଲାବ୍ଲକ ତୁଳାପଡ଼ା ଗ୍ରାମର ରିୟା ନାଏକ (୧୧)। ସୂଚନା ଅନୁଯାୟୀ, ରିୟାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଭୟଙ୍କର ଯନ୍ତ୍ରଣାଯୋଗୁଁ ରିୟାଙ୍କୁ ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଭବାନୀପାଟଣା ଆସୁଥିବା ବେଳେ ଗୋହିରାପଦର ରେଳଫାଟକ ନିକଟରେ ଆମ୍ବୁଲାନ୍ସର ଚକ ପଞ୍ଚର ହୋଇଯାଇଥିଲା। ଦୁର୍ଭାଗ୍ୟବଶତଃ, ଗାଡ଼ିରେ ଥିବା ଜରୁରୀକାଳୀନ ଷ୍ଟେପନି ଷ୍ପେୟାର୍ ଚକା ମଧ୍ୟ ପୂର୍ବରୁ ଖରାପ ଥିଲା। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରିୟା ରାସ୍ତା ଉପରେ ୩ ଘଣ୍ଟା ଅଟକି ରହି ମୃତ୍ୟୁସହ ସଂଗ୍ରାମ କରିଥିଲେ। ବିଳମ୍ବରେ ଅନ୍ୟ ଏକ ଆମ୍ବୁଲାନ୍ସରେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ସଂଘାତିକ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମିଗ୍ରୀନ୍ ନାମକ ସଂସ୍ଥାକୁ ରାଜ୍ୟସ୍ତରରେ ଆମ୍ବୁଲାନ୍ସ ଚଳାଚଳ ଏବଂ ମେଣ୍ଟେନାନ୍ସ ଦାୟିତ୍ୱ ଦିଆଯାଇଥିବା କୁହାଯାଇଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲାରେ ୩୪ଟି ୧୦୮ ଆମ୍ବୁଲାନ୍ସ ଏବଂ ୧୭ଟି ଜନନୀ ଏକ୍ସପ୍ରେସର ଦାୟିତ୍ୱରେ ଉକ୍ତ ସଂସ୍ଥା ରହିଛି। ତେବେ ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଜଣେ ନାବାଳିକାର ଜୀବନ ଚାଲିଯାଇଛି।



# ଭାରତରେ ବିଶ୍ୱର ପ୍ରଥମ ସାପ୍ତାହିକ ଇନସୁଲିନ୍ 'ଆୱିକ୍ଲି'




**ବର୍ଷକୁ ୩୬୫ ବଦଳରେ ମାତ୍ର ୫୨ ଥର ଇଞ୍ଜେକ୍ସନ ନେବାକୁ ହେବ**

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ଡେନମାର୍କର ପ୍ରସିଦ୍ଧ ଔଷଧ ନିର୍ମାତା କମ୍ପାନୀ 'ନୋଭୋ ନର୍ଡିସ୍କ' ଭାରତୀୟ ବଜାରରେ ମଧୁମେହ (ଡାଇବେଟିସ୍) ରୋଗୀଙ୍କ ପାଇଁ ଏକ ବଡ଼ କ୍ରାନ୍ତିକାରୀ ଔଷଧ 'ଆୱିକ୍ଲି' ଲଞ୍ଚ୍ କରିଛି । ଏହା ବିଶ୍ୱର ପ୍ରଥମ 'ସପ୍ତାହକୁ ଏକ ସଟ୍' ନିଆଯାଉଥିବା ବେସାଲ୍ ଇନସୁଲିନ୍ । ଏହି ଆଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ରୋଗୀମାନଙ୍କୁ ଆଉ ପ୍ରତିଦିନ ଇଞ୍ଜେକ୍ସନ ନେବାକୁ ପଡ଼ିବ ନାହିଁ, ଫଳରେ ବର୍ଷକୁ ୩୬୫ ଥର ବଦଳରେ ମାତ୍ର ୫୨ ଥର ଇଞ୍ଜେକ୍ସନ ନେବାକୁ ହେବ । ଭାରତରେ ପ୍ରାୟ ୧୦.୧ କୋଟି ମଧୁମେହ ରୋଗୀ ଥିବା ବେଳେ ୧୩.୬ କୋଟି ଲୋକ ପ୍ରି-ଡାଇବେଟିସ୍ ସ୍ତରରେ ଅଛନ୍ତି । ପ୍ରତିଦିନ ସଟ୍ ନେବାର ଭୟ ଏବଂ ଯନ୍ତ୍ରଣା ଯୋଗୁଁ ଅନେକ ରୋଗୀ ପ୍ରାୟ ୭ ରୁ ୯ ବର୍ଷ ପର୍ଯ୍ୟନ୍ତ ଇନସୁଲିନ୍ ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ କରିଥାନ୍ତି । ଏହି ନୂଆ ସାପ୍ତାହିକ ଇନସୁଲିନ୍ ରୋଗୀଙ୍କ ମାନସିକ ଓ ଶାରୀରିକ ଚାପକୁ ବହୁ ମାତ୍ରାରେ ହ୍ରାସ କରିବ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି । କମ୍ପାନୀ ଏହି ଇନସୁଲିନ୍‌କୁ ବହୁତ ଶସ୍ତା ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟରେ ବଜାରକୁ ଆଣିଛି । ଏହାର ପ୍ରତି ୟୁନିଟ୍ ପିଛା ଖର୍ଚ୍ଚ ପ୍ରାୟ ୩.୭୩ ଟଙ୍କା ପଡ଼ିବ, ଯାହା ବର୍ତ୍ତମାନ ବଜାରରେ ମିଳୁଥିବା ଦୈନିକ ଇନସୁଲିନ୍ ତୁଳନାରେ ୩୦ ରୁ ୪୦ ପ୍ରତିଶତ ଶସ୍ତା । ସାଧାରଣତଃ ସପ୍ତାହକୁ ୭୦ ୟୁନିଟ୍ ଆବଶ୍ୟକ କରୁଥିବା ଜଣେ ରୋଗୀଙ୍କ ପାଇଁ ସାପ୍ତାହିକ ଖର୍ଚ୍ଚ ପ୍ରାୟ ୨୬୧ ଟଙ୍କା ହେବ । ବଜାରରେ ଏହା ୭୦୦ ୟୁନିଟ୍‌ର ପେନ୍ (ମୂଲ୍ୟ ୨, ୬୧୧ ଟଙ୍କା) ଏବଂ ୨, ୧୦୦ ୟୁନିଟ୍‌ର ପେନ୍ (ମୂଲ୍ୟ ୭, ୮୩୩ ଟଙ୍କା) ଭାରିଆଣ୍ଟରେ ଉପଲବ୍ଧ ହେବ । କ୍ଲିନିକାଲ୍ ଟ୍ରାୟଲ୍‌ରେ ଏହା ରକ୍ତରେ ଶର୍କରା ଅଂଶ ନିୟନ୍ତ୍ରଣ କରିବାରେ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । ଭାରତରେ ଏହାର ବିତରଣ ପାଇଁ ନୋଭୋ ନର୍ଡିସ୍କ 'ଆବୋଟ୍' କମ୍ପାନୀ ସହ ଚୁକ୍ତି କରିଛି ।

# ଚାକିରି, ସମ୍ପତ୍ତି ଲୋଭରେ ମା'କୁ ହତ୍ୟା କଲା ଝିଅ



ଜୟପୁର, ୯ ।୭ (ଏଜେନ୍ସି): ରାଜସ୍ଥାନର ଜୟପୁରରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯେଉଁଠି ଜଣେ ୨୩ ବର୍ଷର ଝିଅ ଚାକିରି ଏବଂ ସମ୍ପତ୍ତି ପାଇଁ ନିଜ ମା'କୁ ହତ୍ୟା କରିଛି । ଅଭିଯୁକ୍ତ ଝିଅ ଆୟୁଷୀ ଶର୍ମା ନିଜର ଦାଦା ଓ ପିଉସୀ ପୁଅ ଭାଇଙ୍କ ସହ ମିଶି ଏହି ହତ୍ୟାକାଣ୍ଡର ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲା । ଏହାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ୭ ଲକ୍ଷ ଟଙ୍କାର ସୁପାରୀ ଦିଆଯାଇ ଏକ ଦ୍ରୁତଗାମୀ ସ୍କର୍ପିଓ ଗାଡ଼ି ମାଡ଼ି ଦିଆଯାଇଥିଲା । ପୋଲିସ ସୂଚନା ଅନୁଯାୟୀ, ଗତ ବର୍ଷ ଆୟୁଷୀଙ୍କ ବାପାଙ୍କ ଦେହାନ୍ତ ପରେ ତାଙ୍କ ମା' ନୀରଜ ଶର୍ମା (୪୫) କୋର୍ଟରେ ଏକ ସରକାରୀ ଚାକିରି ପାଇଥିଲେ । ଆୟୁଷୀ ସେହି ଚାକିରି ଏବଂ ପରିବାରର ସମ୍ପତ୍ତି ନିଜ ନାଁରେ କରିବାକୁ ଚାହୁଁଥିଲା, ଯାହାକୁ ନେଇ ମା'-ଝିଅଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଜୁଲାଇ ୩ ତାରିଖରେ ନୀରଜ ନିଜ ପୁଅକୁ କୋଚିଂ ସେଣ୍ଟରରେ ଛାଡ଼ି ଫେରୁଥିବା ବେଳେ ପ୍ରାୟ ୧୩୦ କିଲୋମିଟର ବେଗରେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା, ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ସିସିଟିଭି ଫୁଟେଜ୍ ଏବଂ ମୃତକଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ପୋଲିସ ଏହି ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି । ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଆୟୁଷୀ ଶର୍ମାଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ଅଛି । ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ଅନ୍ୟ ଏକ ଗାଡ଼ିରେ ନୀରଜଙ୍କୁ ହତ୍ୟା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ବୋଲି ପୋଲିସ କହିଛି ।

## ବିଜେପିରେ ସାମିଲ ହେଲେ ୩ ପୂର୍ବତନ ଟିଏମ୍‌ସି ରାଜ୍ୟସଭା ସାଂସଦ


କୋଲକାତା, ୯ ।୭(ଏଜେନ୍ସି): ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସିରୁ ଇସ୍ତଫା ଦେଇଥିବା ୩ ଜଣ ବରିଷ୍ଠ ପୂର୍ବତନ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖର ରାୟ ଏବଂ ପ୍ରକାଶ ଚିକ୍ ବରାଇକ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । କୋଲକତାର ସଲ୍ଟଲେକ୍‌ସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଶିବିରରେ ସାମିଲ ହୋଇଛନ୍ତି ।



ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳ ମଧ୍ୟରେ ଆରମ୍ଭ ହୋଇଥିବା ବିଦ୍ରୋହ ଯୋଗୁଁ ଏହି ନେତାମାନେ ଗତ ମାସ ଉଭୟ ସାଂସଦ ପଦ ଏବଂ ଦଳରୁ ଇସ୍ତଫା ଦେଇଥିଲେ । ଚଳିତ ମାସ ୨୪ ତାରିଖରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନରେ ସେମାନେ ବିଜେପି ପ୍ରାର୍ଥୀ ହେବେ ବୋଲି ସୂଚନା ମିଳିଛି । ସେମାନେ ବିଜୟୀ ହେବା ପ୍ରାୟ ନିଶ୍ଚିତ । ରାୟ ଓ ବରାଇକଙ୍କ କାର୍ଯ୍ୟକାଳ ୨୦୨୯ ରେ ଏବଂ ଦେବଙ୍କ କାର୍ଯ୍ୟକାଳ ୨୦୩୦ରେ ଶେଷ ହେବାର ଥିଲା ।

## ସିନ୍ଦେଙ୍କୁ ଭେଟିଲେ ଶରଦ ପାୱାର

ମୁମ୍ବଇ, ୯ ।୭(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ରୋଚକ ମୋଡ଼ ଦେଖିବାକୁ ମିଳିଛି । ଏନସିପି (ଏସପି) ମୁଖ୍ୟ ଶରଦ ପାୱାର ହଠାତ ରାଜ୍ୟ ବିଧାନସଭା ପରିସରରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଭେଟିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ବିରୋଧୀ ମହା ବିକାଶ ଅଘାଡ଼ି (ଏମଭିଏ) ମେଣ୍ଟ ମଧ୍ୟରେ ଅଶାନ୍ତି ଚାଲିଥିବା ବେଳେ ଏହି ଅପ୍ରତ୍ୟାଶିତ ସାକ୍ଷାତକାରକୁ ନେଇ ଚର୍ଚ୍ଚା ଜୋର ଧରିଛି । ବୁଧବାର ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ସମ୍ପର୍କିତ ଏକ କମିଟି ବୈଠକରେ ଯୋଗଦେବା ପାଇଁ ପାୱାର ବିଧାନସଭାକୁ ଆସିଥିଲେ । ବୈଠକ ଶେଷ ହେବା ପରେ ସେ ସିଧାସଳଖ ଶିନ୍ଦେଙ୍କ ପ୍ରକୋଷ୍ଠକୁ ଯାଇଥିଲେ । ସେହି ସମୟରେ ସିନ୍ଦେ ଏକ କ୍ୟାବିନେଟ୍ ବୈଠକ କରୁଥିଲେ ମଧ୍ୟ ପାୱାରଙ୍କ ଆଗମନ ଖବର ପାଇ ସେ ବୈଠକକୁ କିଛି ସମୟ ସ୍ଥଗିତ ରଖି ବରିଷ୍ଠ ନେତାଙ୍କୁ ସ୍ୱାଗତ କରିଥିଲେ । ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ ମିନିଟ୍ ଧରି ଆଲୋଚନା ହୋଇଥିଲା । ଯଦିଓ ସିନ୍ଦେଙ୍କ କାର୍ଯ୍ୟାଳୟ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଛି, କିନ୍ତୁ ଏହାର ଟାଇମିଂ ଅର୍ଥାତ ସମୟକୁ ନେଇ ଚର୍ଚ୍ଚା ଥମୁନାହିଁ । ବିଶେଷ କରି ମହାୟୁତି ମେଣ୍ଟର ମୁଖ୍ୟ ରଣନୀତିକାର ଦେବେନ୍ଦ୍ର ଫଡନାଭିସଙ୍କୁ ନ ଭେଟି ପାୱାର କେବଳ ସିନ୍ଦେଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।



## ୨୦ରେ 'କକ୍ରୋଚ୍ ପାର୍ଟି'ର ସଂସଦ ଅଭିମୁଖେ ପଦଯାତ୍ରା

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ଛାତ୍ରମାନଙ୍କ ସମସ୍ୟା ଏବଂ ଦେଶର ପରୀକ୍ଷା ପ୍ରଣାଳୀରେ ହେଉଥିବା ବାରମ୍ବାର ବିଫଳତା ପ୍ରତିବାଦରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆସନ୍ତା ଜୁଲାଇ ୨୦ ତାରିଖ ଜନ୍ତର ମନ୍ତରରୁ ସଂସଦ ଭବନ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରାଯିବ । ସଂସଦର ମୌସୁମୀ ଅଧିବେଶନ ଏହି ଦିନ ଆରମ୍ଭ ହେବାକୁ ଯାଉଛି । ବିଶିଷ୍ଟ ସାମାଜିକ କର୍ମୀ ୱାଙ୍ଗଚୁକଙ୍କ ଅନଶନର ୧୧ତମ ଦିବସରେ ଏହି ସୂଚନା ଦିଆଯାଇଛି । ସେ ଦେଶବାସୀଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ଦଳର ମୁଖପାତ୍ର ବିଜେତା ଦାହିୟା କହିଛନ୍ତି ଯେ, 'ଯେହେତୁ ସରକାର ଆମ ଦାବି ଶୁଣୁନାହାନ୍ତି, ଆମେ ଆମର ପ୍ରତିବାଦକୁ ସଂସଦର ଅତି ନିକଟକୁ ନେବାକୁ ଚାହୁଁଛୁ, ଯେପରି ଆମ ସ୍ୱର ସରକାରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରିବ ।' ଏହି ପଦଯାତ୍ରା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନଶନରେ ବସିଥିବା ସୋନମ ୱାଙ୍ଗଚୁକ ନିଜ ସମର୍ଥକମାନଙ୍କୁ ଭାବପୂର୍ଣ୍ଣ ବାର୍ତ୍ତା ଦେଇ କହିଛନ୍ତି ଯେ, କେବଳ ଘରେ ବସି ସମର୍ଥନ ଜଣାଇଲେ ହେବନାହିଁ । ଯଦି ଲୋକେ ପ୍ରକୃତରେ ତାଙ୍କୁ ଜୀବିତ ଦେଖିବାକୁ ଚାହାନ୍ତି, ତେବେ ସେମାନେ ଏହି ଶାନ୍ତିପୂର୍ଣ୍ଣ ସଂସଦ ପଦଯାତ୍ରାରେ ଯୋଗଦେବା ଉଚିତ ।



# ମୂଷଳ ବର୍ଷାରେ ଭାସୁଛି ରାଜଧାନୀ ଦିଲ୍ଲୀ

## ରୋହିଣୀ ଅଞ୍ଚଳରେ ଭୁଶୁଡ଼ିଲା କୋଠା, ୩ ମୃତ

**ସୁରଟରେ ୯ ମୃତ, ମୁମ୍ବାଇରେ ଟ୍ରେନ, ବିମାନ ସେବା ବାଧାପ୍ରାପ୍ତ**

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ରାତିସାରା ହୋଇଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି । କ୍ରମାଗତ ମୂଷଳଧାରା ବର୍ଷା ଯୋଗୁଁ ସମଗ୍ର ସହର ଜଳମଗ୍ନ ହୋଇପଡ଼ିଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ରୋହିଣୀ ଅଞ୍ଚଳରେ ଏକ ଚାରି ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ପ୍ରାଣହାନି ଘଟିଛି । ସ୍ଥିତିକୁ ଦେଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସହର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ଲଗାତାର ବର୍ଷା ଯୋଗୁଁ ଦିଲ୍ଲୀର ପାରମ୍ପରିକ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ସହରର ପ୍ରମୁଖ ରାସ୍ତାଗୁଡ଼ିକ ନଦୀର ରୂପ ଧାରଣ କରିଛନ୍ତି । କାର୍ ଏବଂ ଅନ୍ୟ ଗାଡ଼ିଗୁଡ଼ିକ ଆଣ୍ଠୁଏ ପାଣିରେ ବୁଡ଼ି ରହିଥିବା ବେଳେ ଚାଳକ ଓ ପଥଚାରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ସଦର ବଜାର, ଗ୍ରେଟର କୈଳାସ, ବଦରପୁର, ଦ୍ୱାରକା, ବିକାଶ ମାର୍ଗ ଏବଂ ନୂଆଦିଲ୍ଲୀ ରେଳ ଷ୍ଟେସନ ଅଞ୍ଚଳରେ ବ୍ୟାପକ ଜଳବନ୍ଦୀ ସମସ୍ୟା ଦେଖାଦେଇଛି । ରିଂ ରୋଡ୍, ଆଉଟର ରିଂ ରୋଡ୍ ଏବଂ ଦିଲ୍ଲୀ-ନୋଏଡା ଏକ୍ସପ୍ରେସୱେ ଭଳି ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ସବୁଠାରୁ ବଡ଼ ଦୁର୍ଘଟଣା ରୋହିଣୀ ଅଞ୍ଚଳରେ ଘଟିଛି । ସେଠାରେ ପ୍ରବଳ ବର୍ଷା ସହି ନପାରି ଏକ ନିର୍ମାଣାଧୀନ ଚାରି ମହଲା ବିଶିଷ୍ଟ କୋଠା ହଠାତ୍ ଭୁସୁଡ଼ି ପଡ଼ିଥିଲା । ଏହି ଅଘଟଣରେ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଇଷ୍ଟ ଅଫ୍ କୈଳାସ ସମେତ ଅନେକ ସ୍ଥାନରେ ବିରାଟ ଗଛ ସବୁ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ସମେତ ପାର୍ଶ୍ୱବର୍ତ୍ତୀ ଗୁରୁଗ୍ରାମରେ ମଧ୍ୟ ସମାନ ସ୍ଥିତି ଉପୁଜିଛି, ଯେଉଁଠାରେ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥରେ ଶହ ଶହ ଗାଡ଼ି ପାଣିରେ ଫସି ରହିଥିବା ଦେଖିବାକୁ ମିଳିଛି । ଆଗାମୀ କିଛି ଘଣ୍ଟା ମଧ୍ୟରେ ଘଡ଼ଘଡ଼ି, ବିଜୁଳି ସହ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପ୍ରଶାସନ ରେଡ୍ ଆଲର୍ଟ ଜାରି କରିଛି ।



ସେହିଭଳି ଗୁଜରାଟର ସୁରଟ ସହରରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଅତ୍ୟନ୍ତ ସଂଗୀନ ରହିଛି । ଗତ କିଛି ଦିନ ମଧ୍ୟରେ ବର୍ଷା ଜନିତ ଦୁର୍ଘଟଣାରେ ପ୍ରାୟ ୯ ଜଣଙ୍କର ପ୍ରାଣହାନି ଘଟିଛି । ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ସ୍ଥାନୀୟ ଟ୍ରେନ ଓ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଭୂସ୍ଖଳନ ଯୋଗୁଁ ମୁମ୍ବାଇ-ପୁଣେ ଏବଂ ଗୁଜରାଟ ଅଭିମୁଖେ ଯାଉଥିବା ଅନେକ ଦୂରଗାମୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ପିମ୍ପରି ଚିଞ୍ଚୱାଡ୍‌ରେ ଏକ ଆବର୍ଜନା ସ୍ତୂପ ଭୁଶୁଡ଼ି ଯିବାରୁ ୧୧ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ୱାୟାନାଡ ଜିଲ୍ଲାରେ ଏକ ସୁଡ଼ଙ୍ଗ ପ୍ରକଳ୍ପ ସ୍ଥଳରେ ମାଟି ଧସିଯିବା ଯୋଗୁଁ ୫ ଜଣ ନିଖୋଜ ଅଛନ୍ତି, ଯେଉଁମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି ।

# ତୃଣମୂଳ କଂଗ୍ରେସକୁ ହାଇକୋର୍ଟରେ ଆଶ୍ୱସ୍ତି

## ବ୍ୟାଙ୍କ ଆକାଉଣ୍ଟରୁ ଦୈନିକ ଖର୍ଚ୍ଚ ପାଇଁ ଅନୁମତି

କୋଲକାତା, ୯ ।୭(ଏଜେନ୍ସି): କଲିକତା ହାଇକୋର୍ଟ ଆଜି ଟିଏମସିକୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । କୋଲକାତା ପୁଲିସ ଦ୍ୱାରା ର ଫ୍ରିଜ୍ କରାଯାଇଥିବା ପାର୍ଟିର ତିନୋଟି ବ୍ୟାଙ୍କ ଆକାଉଣ୍ଟରୁ ଦୈନିକ ଖର୍ଚ୍ଚ ପାଇଁ କୋର୍ଟ ଅସ୍ଥାୟୀ ଭାବେ ଅନୁମତି ଦେଇଛନ୍ତି । ତେବେ ଏହି ଆକାଉଣ୍ଟଗୁଡ଼ିକର ପରିଚାଳନା ସ୍ୱତନ୍ତ୍ର ବିଚାର ବିଭାଗୀୟ ଅଧିକାରୀ ଶ୍ରୀଞ୍ଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ, ମାମଲା ରୁଜୁ ହେବାର ମାତ୍ର ଗୋଟିଏ ଦିନ ମଧ୍ୟରେ ପୁଲିସ ପକ୍ଷରୁ ଯେଉଁଭଳି ତରବରିଆ ଭାବେ ଏହି ଆକାଉଣ୍ଟଗୁଡ଼ିକୁ ଅଚଳ କରାଯାଇଛି, ତାହା ପଛରେ କୌଣସି ପର୍ଯ୍ୟାପ୍ତ ତଥ୍ୟ କିମ୍ବା ଯୁକ୍ତି ନାହିଁ । ଏହି ଅପ୍ରତ୍ୟାଶିତ କାର୍ଯ୍ୟାନୁଷ୍ଠାନକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଷ୍ଟିସ ସୌଗାତ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସାଧାରଣ ନାଗରିକ ଥାନା ଦୌଡ଼ି ଦୌଡ଼ି ନୟାନ୍ତ, କିନ୍ତୁ ଏହି ମାମଲାରେ ପୁଲିସ ଯେପରି ତତ୍ପରତା ପ୍ରକାଶ କଲା, ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା ସହିତ କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏହି ବିବାଦ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସର ବିଦ୍ରୋହୀ ଗୋଷ୍ଠୀ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରସ୍ଥ ହୋଇପାରିବେ ନାହିଁ । ଏହି ନିର୍ଦ୍ଦେଶ ଫଳରେ ନିର୍ବାଚନ କମିସନଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଦଳ ନିଜର ଦୈନିକ ଖର୍ଚ୍ଚ ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରିବାରେ ଆଉ କୌଣସି ବାଧା ରହିବ ନାହିଁ ।



## ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍: କେନ୍ଦ୍ର ଉପରେ ବର୍ଷିଲେ ମମତା

- **ବିରୋଧୀଙ୍କୁ ଦୁର୍ବଳ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାକୁ ଅସ୍ତ୍ର କରାଯାଉଛି**
- **ଟିଏମ୍‌ସି ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ**



କୋଲକାତା, ୯ ।୭(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ର ତିନୋଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୪୦.୪୨ କୋଟି ଟଙ୍କାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫ୍ରିଜ୍ କରିବା ପରେ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଟିଏମ୍‌ସି । ପାର୍ଟି କହିଛି ଯେ ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ । ସମସ୍ତ ତଥ୍ୟ ନିର୍ବାଚନ କମିସନ ଏବଂ ଆୟକର ବିଭାଗକୁ ଦିଆଯାଇଛି । ଏହାସତ୍ତ୍ୱେ ଇଡି କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ । ବିରୋଧୀଙ୍କୁ ଦୁର୍ବଳ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାର ବ୍ୟବହାର କରାଯାଉଛି । ଏହା ହେଉଛି ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ମମତାଙ୍କ ପାର୍ଟି ଅଭିଯୋଗ କରିଛି । ଟିଏମସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବ୍ୟାଙ୍କ ଆକାଉଣ୍ଟରେ ଥିବା ସମସ୍ତ ପାଣ୍ଠି ସମ୍ପୂର୍ଣ୍ଣ ସ୍ୱଚ୍ଛ । ଟିଏମ୍‌ସି ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ, ସମସ୍ତ ତଥ୍ୟ ନିର୍ବାଚନ କମିସନ ଏବଂ ଆୟକର ବିଭାଗକୁ ଦିଆଯାଇଛି । ନିର୍ବାଚନ ବଣ୍ଡ ତଥ୍ୟ ମଧ୍ୟ ଉଭୟ ଭାରତ ସରକାର ଏବଂ ସୁପ୍ରିମ କୋର୍ଟରେ ରହିଛି । ଏହି ବଣ୍ଡ ଷ୍ଟେଟ ବ୍ୟାଙ୍କ ଜାରି କରିଥିଲା । ପାଣ୍ଠି ସଂକ୍ରାନ୍ତ ସମସ୍ତ ତଥ୍ୟ ନିର୍ବାଚନ କମିସନଙ୍କ ୱେବସାଇଟରେ ଉପଲବ୍ଧ ବୋଲି ଏଥିରେ କୁହାଯାଇଛି । ଏହାସତ୍ତ୍ୱେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବା ବିଜେପିର ରାଜନୈତିକ ଅଭ୍ୟାସ ହୋଇଗଲାଣି । ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ପାର୍ଟି କହିଛି ।

# ପୁଣି ଆରମ୍ଭ ହେଲା ଆମେରିକା-ଇରାନ ଯୁଦ୍ଧ

- **ଇରାନର ୯୦ଟି ସ୍ଥାନକୁ ଟାର୍ଗେଟ୍ କଲା ଆମେରିକା**
- **କୁଏତ, ବାହାରିନରେ ଆମେରିକା ପ୍ରତିଷ୍ଠାନ ଉପରେ ଆକ୍ରମଣ କଲା ଇରାନ**

ୱାସିଂଟନ/ତେହରାନ, ୯ ।୭(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସାମରିକ ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି । ଗୁରୁବାର ଦିନ ଆମେରିକା ସେନା ପକ୍ଷରୁ ଇରାନର ଗୁରୁତ୍ୱପୂର୍ଣ୍ଣ ରଣନୀତିକ ଦକ୍ଷିଣ- ପୂର୍ବ ବନ୍ଦର ସହର 'ଚାବାହାର' ଉପରେ ପ୍ରବଳ ବିମାନ ଆକ୍ରମଣ କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଚୁକ୍ତି ଶେଷ ହୋଇଥିବା ଘୋଷଣା କରିବା ପରେ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଯଦି ଇରାନ ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟରୁ ନିବୃତ୍ତ ନହୁଏ, ତେବେ ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସାମରିକ ଅପରେସନରେ ଇରାନର ପ୍ରାୟ ୯୦ଟି ସାମରିକ ଘାଟି ଓ ପ୍ରତିରକ୍ଷା ଭିତ୍ତିଭୂମିକୁ ଟାର୍ଗେଟ୍ କରାଯାଇଛି । ଆକ୍ରମଣ ଯୋଗୁଁ ଚାବାହାର ସହରର ଅନେକ ସ୍ଥାନରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ଏବଂ ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ଏହି ଆକ୍ରମଣ କରାଯାଇଥିବା ଆମେରିକା ଦାବି କରିଛି । ତେବେ ଏହି ଆକ୍ରମଣରେ ସାଧାରଣ ନାଗରିକଙ୍କ ବନ୍ଦର ସେବା କିମ୍ବା ଶକ୍ତି ପ୍ରକଳ୍ପଗୁଡ଼ିକର କୌଣସି କ୍ଷତି ହୋଇନାହିଁ । ଗତ ମଙ୍ଗଳବାର ଦିନ ହର୍ମୁଜ ପ୍ରଣାଳୀରେ ତିନୋଟି ମାଲବାହୀ ଜାହାଜ ଉପରେ ହୋଇଥିବା ଆକ୍ରମଣ ପାଇଁ ୱାସିଂଟନ ସିଧାସଳଖ ଇରାନକୁ ଦାୟୀ କରିଥିଲା । ଏହାର ପ୍ରତିଶୋଧ ସ୍ୱରୂପ ଇରାନ ମଧ୍ୟ ଆମେରିକାର ସାମରିକ ଘାଟି ଥିବା କୁୱେତ ଏବଂ ବହରିନ ଉପରେ ଆକ୍ରମଣ କରିଥିଲା । ଏହାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଇରାନ ଆମକୁ ଗୋଟିଏ ଆଘାତ ଦେଲେ ଆମେ ତାକୁ ୨୦ ଗୁଣା ଅଧିକ ଆଘାତ ଦେବୁ । ଆମେରିକା ପୂର୍ବରୁ ଇରାନ ବିରୋଧରେ ସାମରିକ ବିଜୟ ହାସଲ କରିସାରିଛି ଏବଂ ବର୍ତ୍ତମାନ ଇରାନ ପାଖରେ ଲଢ଼ିବା ପାଇଁ ଅତି ସୀମିତ ସମ୍ବଳ ରହିଛି । ଆମେରିକାର ଏହି ଚେତାବନୀ ଏବଂ ଆକ୍ରମଣ ଉପରେ ଇରାନ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ଇରାନର ସଂସଦୀୟ ବାଚସ୍ପତି ତଥା ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ, ଆମେରିକା ଏପର୍ଯ୍ୟନ୍ତ ନିଜର ଭୁଲରୁ କିଛି ଶିଖିନାହିଁ । ଦାଦାଗିରି କରିବା ଏବଂ ଚୁକ୍ତି ଭଙ୍ଗ କରିବା ଆମେରିକା ପାଇଁ ଆଦୌ ସହଜ ହେବନାହିଁ ଏବଂ ଏଥିପାଇଁ ୱାସିଂଟନକୁ ବଡ଼ ମୂଲ୍ୟ ଦେବାକୁ ପଡ଼ିବ । ଚାବାହାର ବନ୍ଦର ଉପରେ ହୋଇଥିବା ଆକ୍ରମଣ ପରେ ସମଗ୍ର ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଏହି ଆକ୍ରମଣ ପ୍ରତିଆକ୍ରମଣ ଯୋଗୁଁ ଆନ୍ତର୍ଜାତୀୟ ବାଣିଜ୍ୟିକ ଜଳପଥରେ ସୁରକ୍ଷା ଚିନ୍ତା ବଢ଼ିଯାଇଥିବା ବେଳେ, ବିଶ୍ୱସ୍ତରରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମକୁ ଏହା ଏକ ବଡ଼ ସଙ୍କଟ ମଧ୍ୟକୁ ଠେଲି ଦେଇଛି ।



ଚାର୍ଲସ ଶୋଭରାଜ୍‌ଙ୍କଠାରୁ ପାଇଥିଲା ପ୍ରେରଣା

# ୩୦୦ରୁ ଅଧିକ ପଞ୍ଚତାରକା ହୋଟେଲରେ ରହିଲେ, ବିଲ୍ ଦେଲେନି

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): କୁଖ୍ୟାତ ସିରିଏଲ କିଲର ତଥା ସାରା ବିଶ୍ୱରେ ବେଶ୍ ଜଣାଶୁଣା ମହାଠକ ଚାର୍ଲସ ଶୋଭରାଜ୍‌ଙ୍କ ଫର୍ମୁଲା ଆପଣାଇ ଗତ ୩ ଦଶନ୍ଧି ଧରି ଦେଶର ୩୦୦ରୁ ଅଧିକ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲକୁ ଠକିଥିବା ଜଣେ ୬୯ ବର୍ଷୀୟ ବୃଦ୍ଧଙ୍କୁ ପୁଲିସ ଗିରଫ କରିଛି । ତାମିଲନାଡୁର ବାସିନ୍ଦା ଏହି ଅଭିଯୁକ୍ତଙ୍କ ନାଁ ବିଙ୍ଗସନ ଜନ୍ । ସେ ନକଲି ପରିଚୟ ପତ୍ର ଦେଖାଇ ହୋଟେଲଗୁଡ଼ିକରେ ରହୁଥିଲେ ଏବଂ ବିଲ୍ ନଦେଇ ଚମ୍ପଟ ମାରୁଥିଲେ । ଛତିଶଗଡ଼ ରାୟପୁରର ହାୟତ ହୋଟେଲରୁ ବିଲ୍ ବାବଦକୁ ୬୩, ୭୫୫ ଟଙ୍କା ନଦେଇ ଏବଂ ସେଠାରୁ ପ୍ରାୟ ୧.୪୮ ଲକ୍ଷ ଟଙ୍କାର ଏକ ଲାପଟପ୍ ଚୋରି କରି ପଳାଇବା ଅଭିଯୁକ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି । ହୋଟେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ ରାୟପୁର ପୁଲିସର ସାଇବର ସେଲ୍ ବୈଷୟିକ ପ୍ରମାଣ ସାହାଯ୍ୟରେ ଅଭିଯୁକ୍ତଙ୍କୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରୁ ଗିରଫ କରିବାରେ ସଫଳ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ଜନ୍ ୧୯୮୦ ଦଶକରେ ଦିଲ୍ଲୀରେ ଜଣେ ଟୁରିଷ୍ଟ ଗାଇଡ୍ ଭାବେ କାମ କରୁଥିଲେ । ସେଠାରେ ହୋଟେଲ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହେବା ପରେ ସେ ମାଗଣାରେ ରହିବା ପାଇଁ ଏହି ଠକେଇର ପନ୍ଥା ବାଛିଥିଲେ । ୧୯୯୬ ମସିହାରେ ସେ ପ୍ରଥମ ଥର ଗିରଫ ହୋଇ ତିହାର ଜେଲ ଯାଇଥିଲେ । ସେଠାରେ ରହିବା ସମୟରେ ସେ ଚାର୍ଲସ ଶୋଭରାଜ୍‌ଙ୍କ କାର୍ଯ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ । ଜେଲରୁ ମୁକୁଳିବା ପରେ ସେ ଇଂରାଜୀ ଶିକ୍ଷକ, ଯୋଗ ଟ୍ରେନର କିମ୍ବା ବିଦେଶୀ ଗାଇଡ୍ ସାଜି ହୋଟେଲ କର୍ମଚାରୀଙ୍କୁ ନିଜ କଥାରେ ଭୁଲାଉଥିଲେ ଏବଂ ସେମାନଙ୍କ ବିଶ୍ୱାସ ଜିତି ବିନା ଆଡଭାନ୍ସରେ ରହୁଥିଲେ । ସେ କେରଳ, ଗୋଆ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର ଜେଲରେ ପ୍ରାୟ ୧୫ ବର୍ଷ କାଟିସାରିଛନ୍ତି । ବର୍ତ୍ତମାନ ପୁଲିସ ତାଙ୍କୁ କୋର୍ଟରେ ହାଜର କରି ଅଧିକ ତଦନ୍ତ ଚଳାଇଛି ।

# ନଦୀରେ ଭାସିଲା ୩ ହଜାର ଗ୍ୟାସ୍ ସିଲିଣ୍ଡର

ରାୟଗଡ଼, ୯ ।୭(ଏଜେନ୍ସି): ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପ୍ରାୟ ୩, ୦୦୦ ଏଲପିଜି ଗ୍ୟାସ୍ ସିଲିଣ୍ଡର ପାତାଳଗଙ୍ଗା ନଦୀ ଏବଂ ଖାରପଡ଼ା ଜୋରରେ ଭାସୁଥିବାର ଦେଖାଯାଇଛି । ଏହି ଦୃଶ୍ୟକୁ ସ୍ଥାନୀୟ ଲୋକେ ବ୍ରିଜ୍ ଉପରୁ ନିଜ ମୋବାଇଲ୍‌ରେ ରେକର୍ଡ କରୁଥିବା ଦେଖିବାକୁ ମିଳିଛି । ପ୍ରଶାସନିକ ସୂଚନା ଅନୁଯାୟୀ, ଲଗାତାର ପ୍ରବଳ ବର୍ଷା ଯୋଗୁଁ ପାତାଳଗଙ୍ଗାସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍‌ପିସିଏଲ୍) ଗ୍ୟାସ୍ ବୋଟଲିଂ ପ୍ଲାଣ୍ଟର ସୁରକ୍ଷା ପ୍ରାଚୀର ଭୁଶୁଡ଼ି ପଡ଼ିଥିଲା । ଏହାଫଳରେ ବନ୍ୟା ପାଣି ସିଧାସଳଖ ପ୍ଲାଣ୍ଟ ପରିସରକୁ ପଶିଯାଇ ସେଠାରେ ରଖାଯାଇଥିବା ହଜାର ହଜାର ସିଲିଣ୍ଡରକୁ ନଦୀ ସ୍ରୋତରେ ଭସାଇ ନେଇଥିଲା । ବନ୍ୟା ପାଣିରେ ଭାସିଯାଇଥିବା ଏହି ସିଲିଣ୍ଡରଗୁଡ଼ିକ ମଧ୍ୟରୁ କେତେକରେ ଗ୍ୟାସ୍ ଭର୍ତ୍ତି ଥାଇପାରେ ବୋଲି ଆଶଙ୍କା କରାଯାଉଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାୟଗଡ଼ ଜିଲ୍ଲାପାଳ କିଷନ ଜାଭଲେ ସର୍ବସାଧାରଣଙ୍କୁ ଜରୁରୀକାଳୀନ ଅପିଲ୍ କରିଛନ୍ତି । ନଦୀ କିମ୍ବା ଆଖପାଖ ଅଞ୍ଚଳରେ ଏହି ସିଲିଣ୍ଡର ପାଇଲେ ତାକୁ ନିଜ ଘରକୁ ନ ନେବାକୁ କୁହାଯାଇଛି । ଭାସିଯାଇଥିବା ଏହି ସିଲିଣ୍ଡରକୁ ଖୋଲିବା କିମ୍ବା ବ୍ୟବହାର କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ସିଲିଣ୍ଡରଗୁଡ଼ିକୁ ତୁରନ୍ତ ସ୍ଥାନୀୟ ଏଚପିସିଏଲ୍ ଡିଲର, କମ୍ପାନୀ, ତହସିଲଦାର ଅଫିସ୍ କିମ୍ବା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜମା କରି ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି । ଗତ ଏକ ସପ୍ତାହ ଧରି ପ୍ରବଳ ବର୍ଷା ଯୋଗୁଁ ମହାରାଷ୍ଟ୍ରର ରାୟଗଡ଼ ସମେତ ବିଭିନ୍ନ ଜିଲ୍ଲାରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି ।



## ଜଙ୍ଗଲରେ ରାତିସାରା ଫସିରହିଲେ ୩ ଯୁବକ

ପାଲଲହଡ଼ା, ୯ ।୭ (ସମିସ): ଶୁଣା କଥାରେ ପାହାଡ଼ ଚଢ଼ିଲେ। ରାତିସାରା ଜଙ୍ଗଲ ଭିତରେ ଫସି ରହିଲେ। ପ୍ରବଳ ବର୍ଷା ଭିତରେ ପଥର ଉପରେ ରାତି କାଟି ଦୀର୍ଘ ୨୨ ଘଣ୍ଟା ପରେ ଅଗ୍ନିଶମ ବିଭାଗ ଦ୍ୱାରା ସୁରକ୍ଷିତ ଉଦ୍ଧାର ହେଲେ କେନ୍ଦୁଝର ଜିଲ୍ଲାର ୪ ପର୍ଯ୍ୟଟକ। ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ମାଳ୍ୟଗିରି ପର୍ବତରେ ଏହି ଘଟଣା ଘଟିଛି।

ବୁଧବାର କେନ୍ଦୁଝର ଓ ଭୁବନେଶ୍ୱର ଅଞ୍ଚଳର ୧୩ ଜଣ ଯୁବକ ପାଲଲହଡ଼ାର ଖୁଲୁଡ଼ି ପର୍ଯ୍ୟଟନ କେନ୍ଦ୍ର ବୁଲିବାକୁ ଆସିଥିଲେ। ସ୍ଥାନୀୟ ଲୋକଙ୍କ ନିକଟରୁ ମାଳ୍ୟଗିରି ପାହାଡ଼ ଉଠିବା ଓ ଉପରେ ଏହାର ଚିତ୍ତାକର୍ଷକ ଦୃଶ୍ୟ ବିଷୟରେ ଜାଣିବାକୁ ପାଇଥିଲେ। ଏହାକୁ ଉପଭୋଗ କରିବାକୁ ଇଚ୍ଛା କରିଥିଲେ ଏହି ପର୍ଯ୍ୟଟକମାନେ। ସମସ୍ତେ ପାହାଡ଼ ଚଢ଼ିବାକୁ ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ଭୟରେ ଅଧା ରାସ୍ତାରୁ ଫେରିଆସି ଘରକୁ ଚାଲି ଯାଇଥିଲେ। କିନ୍ତୁ ଅନ୍ୟ ୭ ଜଣ ପାହାଡ଼ ଚଢ଼ିବା ଜାରି ରଖିଥିଲେ। ମାତ୍ର ଦୁର୍ଭାଗ୍ୟ ବଶତଃ ସେମାନେ ପଥଭ୍ରଷ୍ଟ ହୋଇ ଦୁଇଟି ଗୋଷ୍ଠୀରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଗୋଟିଏ ଦଳରେ ୪ ଜଣ ଓ ଅନ୍ୟ ଦଳରେ ୩ ଜଣ ରହିଯାଇଥିଲେ। ଏହା ଭିତରେ ୪ ଜଣିଆ ଗୋଷ୍ଠୀ ସନ୍ଧ୍ୟା ପୂର୍ବରୁ ତଳକୁ ଫେରିଆସିଥିବା ବେଳେ ଅନ୍ୟ ୩ ଜଣ ରାସ୍ତା ନ ପାଇ ଫେରିପାରି ନ ଥିଲେ। ସକାଳେ ମଧ୍ୟ ତଳକୁ ଆସିବାର ରାସ୍ତା ପାଇ ନ ଥିଲେ। ତେବେ ସନ୍ଧ୍ୟା ପୂର୍ବରୁ ଫେରିଆସିଥିବା ଯୁବକମାନେ ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ମଧ୍ୟ ଖୋଜାଖୋଜି ଆରମ୍ଭ କରିଦେଇଥିଲା। ସେହିପରି ୩ ଯୁବକ ଫସିରହିଥିବା ସ୍ଥାନରେ ସୌଭାଗ୍ୟବଶତଃ ମୋବାଇଲ ନେଟୱର୍କ ଥିବାରୁ ସେମାନେ ମଧ୍ୟ ୧୧୨କୁ ଯୋଗାଯୋଗ କରିଥିଲେ। ଅଗ୍ନିଶମ ବିଭାଗକୁ ନିଜ ଲୋକେସନ ଦେଇଥିଲେ। ଏହା ଭିତରେ ଅଗ୍ନିଶମ ବିଭାଗ ସକାଳୁ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା। ପ୍ରାୟ ୮ ଘଣ୍ଟା ପରିଶ୍ରମ ପରେ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପରେ ପୁଲିସ ଉପସ୍ଥିତରେ ସେମାନଙ୍କୁ ଛଡ଼ା ଯାଇଥିଲା। ଉଦ୍ଧାର ହୋଇଥିବା ତିନି ଯୁବକ କେନ୍ଦୁଝର ଅଞ୍ଚଳର ବାପୁନ ମହାନ୍ତ, ଅନନ୍ତ ମୁଣ୍ଡା ଏବଂ ପ୍ରଶାନ୍ତ ପାତ୍ର ବୋଲି ଜଣାପଡ଼ିଛି। ସେମାନଙ୍କ କହିବା ଅନୁଯାୟୀ ରାତିରେ ପ୍ରବଳ ବର୍ଷା ହୋଇଥିଲା। ଜଙ୍ଗଲ ଭିତରେ ପ୍ରାୟ ୩୦ ଫୁଟ ଓସାର ଏକ ପଥର ଉପରେ ସେମାନେ ରାତିସାରା ଆଶ୍ରୟ ନେଇଥିଲେ।

**୨୨ ଘଣ୍ଟା ପରେ ଉଦ୍ଧାର**



# ନୀଳ ଅର୍ଥ ବ୍ୟବସ୍ଥା ଇତିହାସରେ ଯୋଡ଼ିହେଲା ନୂଆ ଅଧ୍ୟାୟ

## ଓଡ଼ିଶାରୁ ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି



- ଯୁବବର୍ଗ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ଆଧୁନିକ ବୃତ୍ତି ଭାବରେ ଦେଖନ୍ତୁ: ଉପରାଷ୍ଟ୍ରପତି
- ନୀଳ ଅର୍ଥ ବ୍ୟବସ୍ଥା ଯୁବପିଢ଼ି ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ: ରାଜ୍ୟପାଳ
- ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ 'ମେରାଇନ୍ ହବ୍'ରେ ପରିଣତ କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୭ (ସମିସ): ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର'ର ଜାତୀୟ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଦସ୍ତାବିଜକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଉପରାଷ୍ଟ୍ରପତି ଦେଶର ଦଶଟି ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫପିପିଓ) ଏବଂ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ମାଛ ଧରା ପାଇଁ ପ୍ରାଧିକରଣ ପତ୍ର (ଏଲଓଏ) ପ୍ରଦାନ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଉପ-ରାଷ୍ଟ୍ରପତି କହିଛନ୍ତି ଯେ ଏହି ପଦକ୍ଷେପ ସହିତ ଭାରତର ସାମୁଦ୍ରିକ ଯାତ୍ରାରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। ଏହା ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ୍) ଏବଂ ଗଭୀର ସମୁଦ୍ରର ବିଶାଳ ସମ୍ଭାବନାକୁ ସ୍ଥାୟୀ ଭାବରେ ଉପଯୋଗ କରିବାରେ ସକ୍ଷମ କରିବ। ଏହି ଅବସରରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ବିଶ୍ୱସ୍ତରୀୟ ସୁଯୋଗ ଦ୍ୱାରା ପରିଚାଳିତ ଏକ ଆଧୁନିକ ବୃତ୍ତି ଭାବରେ ମତ୍ସ୍ୟଚାଷକୁ ଦେଖିବା ପାଇଁ ଉପରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଉଦ୍‌ବୋଧନ ଦେଇ ଭାରତର ବ୍ୟାପକ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଏବଂ ଅପାର ସାମୁଦ୍ରିକ ସମ୍ପଦ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ମାଛ ଧରିବାକୁ ପ୍ରୋତ୍ସାହିତ କରିବା ସହ ମତ୍ସ୍ୟଜୀବୀ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବ ଏବଂ ଯୁବପିଢ଼ି ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ।

ସମାରୋହରେ ଓଡ଼ିଶାର ଦୀର୍ଘକାଳୀନ ବ୍ଲୁ-ଇକୋନୋମି ରୋଡ୍‌ମ୍ୟାପ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସହ ସମନ୍ୱିତ କରି ଆମେ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଡକୁମେଣ୍ଟ' ର ଶୁଭାରମ୍ଭ କରିଛୁ, ଯାହା ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳର ସର୍ବୋତ୍ତମ ଉପଯୋଗ କରିବ। ନୌ-ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ହଜାର ହଜାର ବର୍ଷର ଗୌରବଶାଳୀ ଇତିହାସ ରହିଛି ଏବଂ ଆଜିର ଏହି ପଦକ୍ଷେପ ସେହି ପରମ୍ପରାକୁ ଆଗକୁ ବଢ଼ାଇବା ସହ ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ ମେରାଇନ୍ ହବ୍ ଭାବେ ସ୍ଥାପିତ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଭାରତର ନୀଳ ଅର୍ଥ ବ୍ୟବସ୍ଥା ଲାଗି ଅପାର ସମ୍ଭାବନା ରହିଛି । ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି ଭାରତ ସରକାର ଗ୍ରହଣ କରିଥିବା ଯୁଗାନ୍ତକାରୀ ପଦକ୍ଷେପକୁ ସେ ଉଚ୍ଚପ୍ରଶଂସା କରିଥିଲେ। କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ କହିଥିଲେ ଯେ ଏହା ଏକ ସ୍ୱଚ୍ଛ ଏବଂ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ସିଷ୍ଟମ ମାଧ୍ୟମରେ ଗଭୀର ସମୁଦ୍ର ମତ୍ସ୍ୟ ସମ୍ପଦର ବିଶାଳ ଅବ୍ୟବହୃତ ସମ୍ଭାବନାକୁ ଉନ୍ମୁକ୍ତ କରିବ। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ଓଡ଼ିଶାର ମତ୍ସ୍ୟ ଏବଂ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ବିଭିନ୍ନ ମତ୍ସ୍ୟ ପ୍ରତିଷ୍ଠାନ, ମତ୍ସ୍ୟଜୀବୀ ସଂଗଠନର ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ।

## ତାମିଲନାଡୁ ଗ୍ୟାସଲିକ୍ ଦୁର୍ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ରାଜ୍ୟ ବିଜେଡି ପ୍ରତିନିଧିମଣ୍ଡଳୀ

ତେଲକୋଇ, ୯।୭ (ସମିସ): ତାମିଲନାଡୁ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୫ ଜଣ ନିରୀହ ଆଦିବାସୀ ସମ୍ପ୍ରଦାୟର ଶ୍ରମିକଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ବିଜେଡିର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ତେଲକୋଇ ବ୍ଲକ୍ ଉକ୍ତ ଜୁଆଙ୍ଗ ସମ୍ପ୍ରଦାୟର ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ବିଭିନ୍ନ ଦିଗକୁ ନେଇ ମୃତକଙ୍କ ପରିବାର ସହିତ



ଆଲୋଚନା କରିଛନ୍ତି। କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ଏହି ଟିମ୍ ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର ପୀଡ଼ିତଙ୍କ ପାଖରେ ପହଞ୍ଚିଥିଲେ। ପ୍ରତ୍ୟେକ ପରିବାର ତଥା ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ ଏହି ପ୍ରତିନିଧିମଣ୍ଡଳୀ। ରାଜ୍ୟ ବିଜେଡି ସୁପ୍ରିମୋ ତଥା ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶନରେ ଏହି ଟିମ୍ ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବିଜେଡି ପ୍ରତିନିଧି ଦଳ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହିତ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଦାଦନ ମୃତ୍ୟୁ ଘଟଣା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏହି ଘଟଣାକୁ ନିନ୍ଦା କରିଛନ୍ତି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା। ଏଥିପାଇଁ ବର୍ତ୍ତମାନର ସରକାରୀ ବ୍ୟବସ୍ଥାକୁ ଭର୍ତ୍ସନା କରିଥିଲେ। ଅଧିକାଂଶ ମୃତକ ନାବାଳିକା ହୋଇଥିବା ବେଳେ କେଉଁ ପରିସ୍ଥିତିରେ ନାବାଳିକାମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ, ଆଉ ଶବ ହୋଇ ଫେରିଲେ ସେସବୁର ବିସ୍ତୃତ ତଥ୍ୟ ପ୍ରତିନିଧିମଣ୍ଡଳୀ ସଂଗ୍ରହ କରିଛନ୍ତି। ଯେଉଁ ଗୁରୁତରମାନେ ସେଠାରେ ରହି ଚିକିତ୍ସିତ ହେଉଛନ୍ତି ତାଙ୍କର ଉପଯୁକ୍ତ ଚିକିତ୍ସା ହେଉଛି ନା ନାହିଁ ଏବଂ ଆଉ କେଉଁ ମୃତକଙ୍କ ମରଶରୀର ଘରେ ପହଞ୍ଚିନାହିଁ ସରକାର ଓ ପ୍ରଶାସନ ଏହାର ସୁବ୍ୟବସ୍ଥା କରିବା ଆବଶ୍ୟକ ବୋଲି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା ଦାବି ରଖିଛନ୍ତି। ଏହି ଦୁର୍ଘଟଣା କେବଳ

- ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଦାଦନ ମୃତ୍ୟୁ ନିନ୍ଦନୀୟ: ସଞ୍ଜୟ ଦାସବର୍ମା
- ପାଠପଢ଼ା ବୟସରେ ନାବାଳିକା ଦାଦନ ଯାଇ ଶବ ହୋଇ ଫେରିବା କ୍ଷୋଭର ବିଷୟ

ଜିଲ୍ଲା କିମ୍ବା ରାଜ୍ୟରେ ନୁହେଁ ଏହା ସାରା ଦେଶରେ ଚହଳ ସୃଷ୍ଟି କରିଛି। ପାଠ ପଢିବା ସମୟରେ ଦାଦନ ଖଟିଯିବା ଏବଂ ଶବ ହୋଇ ଫେରିବା ଦୁଃଖଦାୟକ ଘଟଣା ବୋଲି ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସୋର ବିଧାୟକ ମାଧବ ଧଡା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହାସହିତ ତେଲକୋଇ ବିଜୁ ଜନତା ଦଳର ଶତାଧିକ ସକ୍ରିୟ କର୍ମୀ ଯୋଗ ଦେଇଥିଲେ।

## ଅଣସରରେ ଚାଲିଛି ଶ୍ରୀଜୀଉଙ୍କ ଗୁପ୍ତ ସେବା

# ଆଜି ଚକାକୁ ବିଜେ ହେବେ ମହାପ୍ରଭୁ

ପୁରୀ, ୯।୭ (ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଚାରିଦିନ ହେବ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବାବେଳେ ଶୁକ୍ରବାର ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହେବ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିବେ। ସେହିପରି ଶୁକ୍ରବାର ଶ୍ରୀମନ୍ଦିରକୁ ଦଶମୂଳ ମୋଦକ ବିଜେ ହେବ। ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଯୋଗାଇଦେବେ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି।

## ଶିକ୍ଷାମନ୍ତ୍ରୀଙ୍କୁ ଜବାବ ମାଗିଲା କଂଗ୍ରେସ

# 'ନିମ୍ବୁଡ଼ା ନିମ୍ବୁଡ଼ା' କେଉଁ ଓଡ଼ିଆ ଅସ୍ମିତା

ଭୁବନେଶ୍ୱର, ୯।୭ (ସମିସ): ଓଡ଼ିଶା ସରକାରଙ୍କ ପ୍ରଚଳିତ ପ୍ରଥମରୁ ଅଷ୍ଟମ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ଏହାକୁ ନେଇ ଶିକ୍ଷାମନ୍ତ୍ରୀଙ୍କ ଯୁକ୍ତିକୁ ନେଇ ବର୍ଷିଛି କଂଗ୍ରେସ। ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡଃ ହମିଦ ହୁସେନ କହିଥିଲେ ଯେ, ଏହା କେବଳ ଛାପା ଭୁଲ ନୁହେଁ; ଏହା ଓଡ଼ିଶାର ଲକ୍ଷ



- ସରକାର ମୁହଁରେ ଗୁଣାତ୍ମକ ଶିକ୍ଷା ଓଡ଼ିଆଙ୍କୁ ଉପହାସ
- ସରକାର ରାସ୍ତା ଓ ବହି ଛାପା ଟେଣ୍ଡର ପାର୍ଥକ୍ୟ ବୁଝନ୍ତୁ

ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ହୋଇଥିବା ଗୁରୁତର ଅବହେଳା। ଗୋଟିଏ କିମ୍ବା ଦୁଇଟି ଭୁଲକୁ ମାନବୀୟ ତ୍ରୁଟି କୁହାଯାଇପାରେ; କିନ୍ତୁ ହଜାର ହଜାର ତ୍ରୁଟି କେବଳ ଛାପା ଭୁଲ ନୁହେଁ, ଏହା ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାର ବିଫଳତା। ଯେଉଁ ସରକାର ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେଇପାରୁନାହିଁ, ସେ ଗୁଣାତ୍ମକ ଶିକ୍ଷାର କଥା କହିବାର ନୈତିକ ଅଧିକାର ହରାଇଛନ୍ତି। ବହି ଛପା ପୂର୍ବରୁ ଅନ୍ତିମ ଅନୁମୋଦନ କିଏ ଦେଇଥିଲେ? ବିଷୟ ବିଶେଷଜ୍ଞଙ୍କ ଯାଞ୍ଚ କାହିଁକି ହୋଇନଥିଲା? ଗୁଣବତ୍ତା ପରିବର୍ତ୍ତେ ଟେଣ୍ଡରକୁ କାହିଁକି ପ୍ରାଧାନ୍ୟ ଦିଆଗଲା? କୋଟି କୋଟି ଟଙ୍କାର କ୍ଷତି ପାଇଁ ଦାୟୀ କିଏ? ଯଦି ଛାତ୍ରଛାତ୍ରୀମାନେ ଏହି ଭୁଲ ପାଠ୍ୟପୁସ୍ତକ ପଢ଼ି ପରୀକ୍ଷାରେ କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ଏହି ଦାୟିତ୍ୱ କିଏ ନେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ପିସିସି ମୁଖପାତ୍ର ଡଃ ମନିସା ଦାସ ପଟ୍ଟନାୟକ ଶିକ୍ଷାମନ୍ତ୍ରୀଙ୍କ "ନିମ୍ବୁଡ଼ା" ଗୀତ ସମ୍ପର୍କିତ ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଥିଲେ ଯେ, ଓଡ଼ିଆ ଅସ୍ମିତାର ନାରା ଦେଉଥିବା ସରକାର ଆଜି ଓଡ଼ିଶାର ପିଲାଙ୍କ ପାଠ୍ୟପୁସ୍ତକରେ ରାଜସ୍ଥାନୀ ଗୀତକୁ ଯୁକ୍ତିସଙ୍ଗତ ବୋଲି ଦର୍ଶାଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅବମାନନା କରୁଛନ୍ତି। ଯଦି ସେହି ଗୀତ ରାଜସ୍ଥାନର ସଂସ୍କୃତିର ଅଂଶ, ତେବେ ରାଜସ୍ଥାନର ପାଠ୍ୟପୁସ୍ତକରେ ରହୁ; ଓଡ଼ିଶାର ପିଲାଙ୍କ ଉପରେ ତାହା କାହିଁକି ଲଦାଯାଉଛି? କେଜିରୁ ପିଜି ମାଗଣା ଶିକ୍ଷାର ପ୍ରଚାର କରିବା ସହଜ, କିନ୍ତୁ ଭୁଲରେ ଭର୍ତ୍ତି ପାଠ୍ୟପୁସ୍ତକ ବଣ୍ଟନ କରିବା ଶିକ୍ଷା ପ୍ରତି ଘୋର ଅବହେଳା। ଭୋକିଲା ଲୋକଙ୍କୁ ବାସୀ ଖାଦ୍ୟ ଦେଇ ପୁଣ୍ୟ ଆଶା କରିବା ଯାହା, ପିଲାଙ୍କୁ ଭୁଲ ଶିକ୍ଷା ଦେଇ ମାଗଣା ଶିକ୍ଷାର ପ୍ରଚାର କରିବା ମଧ୍ୟ ସେହିଭଳି। ଏହି ସରକାର ରାସ୍ତା ନିର୍ମାଣର ଟେଣ୍ଡର ଓ ପାଠ୍ୟପୁସ୍ତକ ଛପାର ଟେଣ୍ଡର ମଧ୍ୟରେ ପାର୍ଥକ୍ୟ ବୁଝିପାରୁନାହାନ୍ତି। ଶିକ୍ଷା କୌଣସି ସାଧାରଣ ଠିକା କାମ ନୁହେଁ; ଏହା ଏକ ପିଢ଼ିର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ। ଯେଉଁ ସରକାର "ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶା"ର ସ୍ଲୋଗାନ ଦେଉଛନ୍ତି, ସେମାନେ ପ୍ରଥମେ ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେବାକୁ ସକ୍ଷମ ହୁଅନ୍ତୁ ବୋଲି ସେ କହିଛନ୍ତି।




### ପିହୁ ନିଖୋଜ ଘଟଣାକୁ ଭୁଲିଗଲା କି ବିଜେପି

# ତଦନ୍ତରେ ଅବହେଳା କରିଥିବା ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

**ଯାଜପୁର, ୯।୭ (ସମିସ)**

ଗତ ୬ ବର୍ଷ ତଳେ ଶିଶୁ କନ୍ୟା ପିହୁ ନିଖୋଜ ଘଟଣାକୁ ନେଇ ବିଜେପି ସମଗ୍ର ରାଜ୍ୟରେ ତମ୍ବିତୋଫାନ କରିଥିଲା। ପିହୁ ମା' ମୋନାଲିସାଙ୍କୁ ଅସ୍ତ୍ର କରି ବିଭିନ୍ନ କାର୍ଯ୍ୟାଳୟ ଆଗରେ ଧାରଣା ଠାରୁ ଆରମ୍ଭ କରି ଆତ୍ମଦାହ ଭଳି ଷଡ଼ଯନ୍ତ୍ର କରି ତତ୍କାଳୀନ ସରକାର ତଥା ବିଜୁ ଜନତା ଦଳକୁ ବଦନାମ କରିଥିଲା। ତତ୍କାଳୀନ ସରକାରଙ୍କୁ ଦାୟୀ କରିବା ସହିତ ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରି ବିଜେପି ରାଜରାସ୍ତାକୁ ଓହ୍ଲାଇଥିଲା। ଇତି ମଧ୍ୟରେ ପିହୁ ନିଖୋଜ ଘଟଣାକୁ ୬ ବର୍ଷ ବିତିବାକୁ ବସିଥିବାବେଳେ ରାଜ୍ୟରେ ବିଜେପି ସରକାର ଦୁଇବର୍ଷ ପୂରଣ କରିଛି। ବିଜେପି ସରକାରକୁ ଆସିବା ପରେ ସତେ ଯେମିତି ପିହୁ ନିଖୋଜ ଘଟଣା ସରକାର ପାଇଁ ଅଦରକାରୀ ହୋଇପଡ଼ିଛି। ବିଞ୍ଝାରପୁର ଥାନା ମଧୁସୂଦନପୁର ଗ୍ରାମର ନିର୍ମଳ ନାୟକଙ୍କ ବିବାହିତା ଝିଅ ମୋନାଲିସା ନାୟକଙ୍କ ୨ ବର୍ଷର ଶିଶୁ କନ୍ୟା ପିହୁ ୨୦୨୦ ମସିହା ଅଗଷ୍ଟ ୯ ତାରିଖ ଦିନ ଅପରାହ୍ନ ପ୍ରାୟ ୨ ଟା ବେଳେ ଦାଣ୍ଡ ବାରଣ୍ଡାରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲା। ମା' ମୋନାଲିସା ଘର ଭିତରେ କାମ କରୁଥିବା ବେଳେ ପିହୁକୁ କେହି ଅପହରଣ କରି ନେଇଥିଲେ। ଗାଁରେ ବହୁ ଖୋଜାଖୋଜି ପରେ ଝିଅ ନ ମିଳିବାରୁ ମୋନାଲିସା ସେହିଦିନ ବିଞ୍ଝାରପୁର ଥାନାକୁ ଯାଇ ଲିଖିତ ଭାବେ ଏତଲା ଦେଇ ପିହୁକୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। କିନ୍ତୁ ତତ୍କାଳୀନ ଥାନା ବାବୁ ଇନ୍ସପେକ୍ଟର ନିରଞ୍ଜନ ଶବର ଚିରାଚରିତ ଢଙ୍ଗରେ ମାମଲାକୁ ଅତି ହାଲୁକା ଭାବେ ନେଇ ଛୁଟିରେ ଥିବା ସବ୍‌ଇନ୍ସପେକ୍ଟର ସଞ୍ଜୀବ ଥାଟୋଇଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ୫ ଦିନ ଧରି ପୁଲିସ କେବଳ ଖୋଜାଖୋଜି କରିବାର ନାଟକ କରି ନିଜର ବିଫଳତା ପ୍ରଦର୍ଶନ ପରେ ୧୪ ତାରିଖ ଦିନ ଏତଲାକୁ ପଞ୍ଜୀକରଣ କରିଥିଲା। ଯାହାର କେଶ୍ ନମ୍ବର ଥିଲା ୨୨୮/୨୦୨୦। ବିଞ୍ଝାରପୁର ପୁଲିସ ଏହି ଘଟଣାରେ ଆଦୌ ସମ୍ବେଦନଶୀଳ ନଥିଲା। ଯେତେଥର ଥାନାକୁ ମୋନାଲିସା ଯାଉଥିଲେ ସବୁଥର କେବଳ ପ୍ରତିଶ୍ରୁତି ହିଁ ମିଳୁଥିଲା। ମୋନାଲିସା ଥାନା ଠାରୁ ଆରମ୍ଭ କରି ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଏସ୍‌ପି, ଜିଲ୍ଲାପାଳ, ଡିଜିପି, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିଶୁ ଆୟୋଗ ସମସ୍ତଙ୍କୁ ଭେଟିଛନ୍ତି। ଜଣ ଜଣଙ୍କୁ ୧୦/୨୦ ଥର ଭେଟି ତାଙ୍କ ଛୁଆଟିକୁ ଉଦ୍ଧାର କରିବା ନିମନ୍ତେ କାକୁତି ମିନତି ହୋଇ ନିଷ୍ଫଳ ହୋଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ମୋନାଲିସା ସମସ୍ତଙ୍କୁ ଭେଟି ନିରାଶ ହୋଇ ବିଧାନସଭା ଆଗରେ ଧାରଣା ଦେବା ପାଇଁ ଯିବା ବେଳେ କଟକ ଠାରେ ଚାଉଳିଆଗଞ୍ଜ ପୁଲିସ ତାଙ୍କୁ ଅଟକ ମଧ୍ୟ ରଖିଥିଲା। ସେତେବେଳର ଥାନାଧିକାରୀ ଶ୍ରୀ ଶବର ଏବେ କଟକ ଗ୍ରାମାଞ୍ଚଳ ପୁଲିସର ଡିଏସ୍‌ପି ଅଛନ୍ତି। ସେତେବେଳେର ଥାନାଧିକାରୀ ଶ୍ରୀ ଶବର ଓ ତଦନ୍ତକାରୀ ଅଧିକାରୀ ଶ୍ରୀ ଥାଟୋଇ ଙ୍କ ପାଇଁ ଆଜି ମୋ ଝିଅକୁ ହରାଇଛି ଏବଂ ସେମାନଙ୍କୁ ଚାକିରିରୁ ବହିଷ୍କାର କରି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ନିମନ୍ତେ ମୋନାଲିସା ଦାବି କରିଛନ୍ତି। ଅନ୍ୟପଟେ ପିହୁ ନିଖୋଜ ଘଟଣାଟି କେଉଁ ସ୍ଥିତିରେ ରହିଛି ସେ ସମ୍ପର୍କରେ ଗତ ସପ୍ତାହରେ ନବନିଯୁକ୍ତ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିବ୍ୟ ଭୂଷଣ ମହାନ୍ତି ବୁଝିବା ପରେ ମୋନାଲିସାଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀ ମହାନ୍ତି ମୋନାଲିସାଙ୍କ ସହିତ ଆଲୋଚନା କରିବା ପରେ ତାଙ୍କୁ ସହାୟତା ଯୋଗାଇଦେବା ପାଇଁ ଆଶ୍ୱାସନା ଦେଇଥିଲେ। ଏ ସମ୍ପର୍କରେ ସେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷଙ୍କ ଏଭଳି ସହଯୋଗ ପାଇଁ ମୋନାଲିସା ତାଙ୍କୁ କୃତଜ୍ଞତା ଦେଇଛନ୍ତି।

**ପିହୁଙ୍କ ମା'ଙ୍କୁ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷଙ୍କ ଆଶ୍ୱାସନା**

## ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

**ଯାଜପୁର, ୯।୭ (ସମିସ):** ଜନୈକ ୧୬ ବର୍ଷୀୟା ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତକୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୦ ମସିହା ନଭେମ୍ବର ୧୩ ତାରିଖରେ ଯାଜପୁର ରୋଡ଼ ଥାନା କାଚହୁଡ଼ି ଗ୍ରାମର ଶୁକଦେବ ପାତ୍ରଙ୍କ ପୁଅ ସୁମରେନ୍ଦ୍ର ପାତ୍ର ଓରଫ ହାପୁନ (୩୩) ଜନୈକ ୧୬ ବର୍ଷୀୟା ନାବାଳିକାକୁ ଅପହରଣ କରି ନେଇଥିଲା। ଏ ନେଇ ନାବାଳିକାର ବାପା ଯାଜପୁର ରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ରୋଡ଼ ପୁଲିସ କେସ୍ ନଂ. ୪୪୮/୨୦ରେ ଏକ ଅପହରଣ ମାମଲା ରୁଜୁ କରିଥିଲେ। ପରେ ଅଭିଯୁକ୍ତକୁ ଗିରଫ କରିବାରେ ନାବାଳିକା ସହିତ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ଜଣାପଡ଼ିବା ପରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ମେଡ଼ିକାଲ ରିପୋର୍ଟ ଆସିବା ପରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଦିନ ୧୧ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ନେଇ ରାୟରେ ଉଲ୍ଲେଖ କରାଯାଇଛି। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଅଲିପ କୁମାର ନାୟକ ପରିଚାଳନା କରିଥିଲେ।

## ପିଏମ୍‌ଶ୍ରୀ ବୁଦ୍ଧରାଜା ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ

**ଦାନଗଦି, ୯।୭ (ସମିସ) :** ପିଏମ୍‌ଶ୍ରୀ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦିର ୫୫ ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସରେ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାର ସଭାପତି ଲୋକନାଥ ଧୀର, ପରିଚାଳନା କମିଟି ସଭାପତି ପବିତ୍ର ମୋହନ ଜେନାମଣି, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ତଥା ବ୍ୟାସନଗର ସ୍ୱୟଂଶାସିତ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଆବୁ ତାହିର, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସ, ପୁରାତନ ଛାତ୍ର ରଞ୍ଜନ କୁମାର ଧୀର, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ଶତପଥୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପୁରାତନ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଭଲ ଶିକ୍ଷା ଗ୍ରହଣ କରି ବିଦ୍ୟାଳୟର ମାନ ରଖିବାପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଦିଲ୍ଲୀପ କୁମାର ସାହୁ, ନିମେଇ ଭଞ୍ଜ, ଲଳିତ କୁମାର ବେହେରା, ହରିହର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟ / ସଭ୍ୟା ଓ ଶତାଧିକ ଆଲୁମିନି ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମିଶ୍ର ସଭାକୁ ସଂଯୋଜନା କରିଥିଲେ।

## ଚଷାଖଣ୍ଡ ପଞ୍ଚାୟତରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର କାର୍ଯ୍ୟାନ୍ୱୟନ କର୍ମଶାଳା

**ଦଶରଥପୁର, ୯।୭ (ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଯାଜପୁର ସହଯୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ପକ୍ଷରୁ ଦଶରଥପୁର ବ୍ଲକ୍ ଚଷାଖଣ୍ଡ ଗ୍ରାମ ପଞ୍ଚାୟତ ପରିସରରେ ପଞ୍ଚାୟତର ସରପଞ୍ଚ ପ୍ରତିଭା ମଲ୍ଲିକଙ୍କ ସଭାପତିତ୍ୱରେ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର କ୍ରିୟାନ୍‌ୱୟନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦଶରଥପୁର ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଯୋଗ ଦେଇ ଶିଶୁ ସୁରକ୍ଷା କମିଟିକୁ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରରୁ ଶିଶୁ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, କଂସାଲଡିହ ଶ୍ରୀମା ହାଇସ୍କୁଲର ପ୍ରଧାନଶିକ୍ଷକ ମହେଶ୍ୱର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ସାମାଜିକକର୍ମୀ ମିହିର କୁମାରଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ମଲ୍ଲିକ, ଆଇସିଡିଏସ ସୁପରଭାଇଜର ମୀନାରାଣୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ଚଷାଖଣ୍ଡ ପଞ୍ଚାୟତ ନିମନ୍ତେ ଏକ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ ହେବା ସଂପର୍କରେ କହିଥିଲେ। ବିଷୟ ବିଶାରଦ ରୂପେ ଶିଶୁ ଅଧିକାର ଓ ସୁରକ୍ଷା କର୍ମୀ କବିତା ମହାନ୍ତି ଯୋଗଦାନ କରି ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ, ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ୱାର୍ଡ ସଭ୍ୟା, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ, ସମାଜସେବୀ ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଶିଶୁ ସୁରକ୍ଷା ଉପରେ ମତ ରଖିଥିଲେ। ପରିଶେଷରେ ସଂଯୋଗର ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲ।

## ରଥଯାତ୍ରା ପାଇଁ ଗୀତାଜାଗରଣ ପରିଷଦର ବୈଠକ

**ଯାଜପୁର, ୯।୭ (ସମିସ):** ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ପରିଷଦର ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବିନୋଦ ବିହାରୀ ନାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ଆସନ୍ତା ୧୯ ତାରିଖ ଗୁରୁବାର ଗୁଣ୍ଡିଚା ମନ୍ଦିରରେ ଏକ ଭଜନ ସନ୍ଧ୍ୟା କରାଯିବା ପାଇଁ ସ୍ଥିର ହୋଇଥିବା ପ୍ରକାଶ କରିଥିଲେ। ଉପ-ସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ପ୍ରତିବର୍ଷ ପରି ଏବର୍ଷ ଧାରାବିବରଣୀ ଓ ଭଜନ ସନ୍ଧ୍ୟା ସୁଚାରୁରୂପେ ସମାପନ କରିବାକୁ ଆହ୍ୱାନ ଦେଇଥିଲେ। ସହ ସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତ କାର୍ଯ୍ୟକୁ ସଞ୍ଚାଳନ କରିବାକୁ ସ୍ଥିର କରାଗଲା। ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ, ରବିନାରାୟଣ କର, ଅଭିମନ୍ୟୁ ମିଶ୍ର, ସୁରଜ କୁମାର ପଣ୍ଡା, ରବିନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାପଡ଼ା ଘାଇକୁ ନେଇ ବିଧାୟିକାଙ୍କ ଆପତ୍ତି



**ଯାଜପୁର, ୯।୭ (ସମିସ):** ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ଖୋଲିଛି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାର ଗୁମର। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କଣ୍ଟାପଡ଼ା ଠାରେ ସୃଷ୍ଟି ହୋଇଥିବା ଘାଇକୁ ନେଇ ଆପତ୍ତି ଜଣାଇଛନ୍ତି ଯାଜପୁର ବିଧାୟିକା ସୁଜାତା ସାହୁ। ସେ ଅଭିଯୋଗ କରିଛନ୍ତି ଘାଇ ହେବା ସ୍ଥାନ ରେ ବନ୍ଧର ଆବଶ୍ୟକତା ନଥିଲା। କିଏ ଏହି ବନ୍ଧ ନିର୍ମାଣ କଲା ଏବଂ କାହା ସ୍ୱାର୍ଥରେ ଏହା ନିର୍ମାଣ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ଡ୍ରେନେଜ୍ କିମ୍ବା ଜଳ ସମ୍ପଦ ବିଭାଗ ପାଖରେ ଏ ନେଇ କୌଣସି ତଥ୍ୟ ନଥିବା ବେଳେ ଠିକାଦାରଙ୍କ ସହିତ ଶାସକ ଦଳ ନେତା ମିଶି ଏଭଳି ଅର୍ଥ ହରୁଲୁଟ କରିଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିଂହପୁର, ୯।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ରାହାସ ଗୁହାଳି ଗ୍ରାମରେ ଅବସ୍ଥିତ ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସାହୁଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ସଭାପତି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ଅନ୍ୟତମ ଅତିଥି ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗଦାଧର ପଡ଼ିଆରୀ, ସମ୍ମାନିତ ଅତିଥି କପିଳା ପଞ୍ଚାୟତର ସରପଞ୍ଚ ଦେବଦତ୍ତ ସେଠୀ, ସମିତି ସଭ୍ୟା ଆରତି ମଲ୍ଲିକ, ସମାଜସେବୀ ବ୍ରଜ ସୁନ୍ଦର ସାମଲ, ପ୍ରମୋଦ କୁମାର ସାମଲ, ପ୍ରଫେସର କାଳନ୍ଦୀ ବାରିକ, ସମାଜସେବୀ ଆଦିକନ୍ଦ ପତି, ନିରଞ୍ଜନ ପାତ୍ର, ଧନେଶ୍ୱର ଦାସ, ବିଞ୍ଝାରପୁର ଓଷ୍ଟାର ସଭାପତି ଜଗନ୍ନାଥ ବେହେରା, ଓଷ୍ଟାର ସମ୍ପାଦକ ସନ୍ତୋଷ ପ୍ରକାଶ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସାମଲ, ନିରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ଦାସ, ସିଆରସିସି ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ କାର୍ଯ୍ୟାଳୟ ସହାୟକ ଅନୀଲ କୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଓ ବିଜୟିନୀ ଦାଶ ସଂଗୀତ ପରିବେଷଣ କରିଥିଲେ।

## ବ୍ରେନ୍ ଷ୍ଟ୍ରୋକ୍‌ରେ ପୀଡ଼ିତ ବ୍ୟକ୍ତିଙ୍କୁ ସହାୟତା ପାଇଁ ନିବେଦନ



**ଧର୍ମଶାଳା, ୯।୭ (ସମିସ):** ଧର୍ମଶାଳା ବ୍ଲକ୍ କାଏମା ପଞ୍ଚାୟତ ନାଉପାଳ ଗ୍ରାମରେ ଜଣେ ବ୍ୟକ୍ତି ବ୍ରେନ୍ ଷ୍ଟ୍ରୋକରେ ପୀଡ଼ିତ ହୋଇ ଅସହାୟ ଅବସ୍ଥାରେ ଘରେ ପଡ଼ିରହି ଜୀବନ ବିତାଉଛନ୍ତି। ପରିବାରରେ ଦେଖାଶୁଣା କରିବାକୁ କେହି ନଥିବାରୁ ସେ ଏବେ ଗୋଟିଏ ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସୂଚନା ଅନୁଯାୟୀ ନାଉପାଳ ଗ୍ରାମର ସୂର୍ଯ୍ୟମଣି ମଲିକ ଦିନ ମଜୁରିଆ ଭାବେ କାମ କରି ଜୀବିକା ନିର୍ବାହ କରୁଥିଲେ। କରୋନା ମହାମାରୀ ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର କୌଣସି ପୁଅ କିମ୍ବା ଝିଅ ନଥିବାରୁ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଏକାକୀ ଜୀବନ ବିତାଉଥିଲେ। ଗତ ଜୁନ୍ ମାସରେ ତାଙ୍କ ଦେହ ଅସୁସ୍ଥ ହେବାରୁ ନିକଟସ୍ଥ ଏକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଔଷଧ ଆଣି ସେବନ କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କ ପୁତୁରାଙ୍କ ସହଯୋଗରେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜଣାପଡ଼ିଥିଲା। ଚିକିତ୍ସା ସମୟରେ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ୬୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ବେଳେ ଅତିରିକ୍ତ ପରୀକ୍ଷା ଓ ଔଷଧ ପାଇଁ ୨୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ ତାଙ୍କ ପୁତୁରା ବହନ କରିଥିଲେ। ହସ୍ପିଟାଲରୁ ଫେରିବା ପରେ ସେ ଏବେ ଘରେ ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି। ପ୍ରତିମାସ ଔଷଧ ପାଇଁ ପ୍ରାୟ ୬ ହଜାର ଟଙ୍କା ଆବଶ୍ୟକ ହେଉଥିବା ବେଳେ ସେହି ଅର୍ଥ ଯୋଗାଡ଼ କରିବାକୁ ନେଇ ତାଙ୍କ ପୁତୁରା ଓ ସାହି ପଡ଼ିଶା ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତ ସ୍ତରରେ ଲୋକଙ୍କ ସମସ୍ୟା ବୁଝିବା ପାଇଁ ଦାୟିତ୍ୱରେ ଥିବା ପ୍ରଭାରୀ ଓ ଜୋନ୍ ପ୍ରଭାରୀଙ୍କ ସହ ଯୋଗାଯୋଗ କରି ସହଯୋଗ ପାଇଁ ନିବେଦନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ମିଳିପାରିନାହିଁ। ତେଣୁ ଏହି ଘଟଣାରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ହସ୍ତକ୍ଷେପ କରି ପୀଡ଼ିତଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଓ ସରକାରୀ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି।

## ବିଧାୟକଙ୍କ ଦ୍ୱାରା ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ



**ଧର୍ମଶାଳା, ୯।୭ (ସମିସ):** ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଲକ ଛକ ଠାରେ ବିଧାୟକଙ୍କ ଦ୍ୱାରା ଆଜି ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରାଯାଇଛି। ଯାଜପୁର ପୂର୍ତ୍ତ ବିଭାଗ ପକ୍ଷରୁ ୧୦ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ଶିଳାନ୍ୟାସ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ସୂଚନା ଥାଉକି ସମଗ୍ର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହା ପ୍ରଥମ ଅଟଳ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ହୋଇଛି। ଆଜିର ଏହି ଶିଳାନ୍ୟାସ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସ ଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। ଏହି ବସଷ୍ଟାଣ୍ଡରେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଉଥିବା ବସ୍‌ଗୁଡ଼ିକ ଏଠାରେ ରହି ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ନେଇ ପହଞ୍ଚାଇବ। ଏହି ବସ୍ ଷ୍ଟାଣ୍ଡ ହେବା ଫଳରେ ବ୍ଲକର ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଯାତାୟତ କରିବାରେ ଉପକୃତ ହୋଇପାରିବେ। ଏଥିସହିତ ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଗୃହ ସହିତ ଶୌଚାଳୟ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଦଳୀୟ କର୍ମୀ ଓ ସାଧାରଣ ଲୋକେ ବିଧାୟକ ଶ୍ରୀ ସାହୁଙ୍କୁ ଏକ ଶୋଭାଯାତ୍ରାରେ ବାଜା ବାଣ ବଜାଇ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ମୁରଲୀ ପାଣ୍ଡବ, ସାଂସଦଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ, ସଙ୍ଗଠକ ଯୁଗଳ କିଶୋର ଦାସ, ଯୁବ ସଙ୍ଗଠକ ରାଜେଶ ପାଳ, ବିଶ୍ୱଜିତ ପୃଷ୍ଟି, ରବୀନ୍ଦ୍ର ବରାଳ, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ସିବୁଲି ଧିର, ତୀର୍ଥରାଜ ପଣ୍ଡା, ପ୍ରଭାରୀ ଅଭିଷେକ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟର ପରିଚାଳନା କମିଟି ଗଠିତ

**ଦାନଗଦୀ, ୯।୭ (ସମିସ):** ଦାନଗଦୀ ବ୍ଲକ ଅନ୍ତର୍ଗତ ମାନପୁର ଉଚ୍ଚ ବିଦ୍ୟାଳୟର ମାନପୁର ଠାରେ ବିଦ୍ୟାଳୟ ପରିଚାଳନା କମିଟି ସରକାରଙ୍କ ନୀତି ନିୟମ ଅନୁଯାୟୀ ଗଠନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ବିଦ୍ୟାଳୟର ସଭାଗୃହରେ ବିଇଓଙ୍କ ପ୍ରତିନିଧି ସିଆର୍‌ସି ଧର୍ମେଜୟ ରାଉତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହ ମଞ୍ଜରୀ ହୋତାଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହେଇଥିଲା। ଶିକ୍ଷା ବିଭାଗର ଗାଇଡ୍‌ଲାଇନ୍ କମିଟିର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ଶିକ୍ଷକ ସୁରେଶ କୁମାର ପୃଷ୍ଟି ସୂଚନା ଦେଇଥିଲେ। ସମସ୍ତ ଅଭିଭାବକ, ଜନ ପ୍ରତିନିଧି ସମସ୍ତଙ୍କ ସହମତିରେ ନୂତନ ସଭାପତି ଭାବେ ଲକ୍ଷ୍ମଣ କୁମାର ସାହୁ, ଉପସଭାପତି ଭାବେ ଦମୟନ୍ତୀ ମାଣିକ ୨ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମଟି ହୋଇଥିବାରୁ ଶିକ୍ଷକ ଗୌରାଙ୍ଗ ମୁଦୁଲି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ୱାର୍ଡ ସଭ୍ୟ କୁଳମଣି ପୁହାଣ ଉପସ୍ଥିତ ରହି କ୍ରାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୈଠକରେ ଶିକ୍ଷାବିତ୍ ବାବାଜୀ ଚରଣ ଜେନା ମଞ୍ଚ ସଂଯୋଜନା କରିଥିଲେ।

## ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର




**ଯାଜପୁର, ୯।୭ (ସମିସ):** ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ରାଜ୍ୟରେ ୪୬ହଜାର ୫୫୬ରୁ ଊର୍ଦ୍ଧ୍ୱ ଆଶା କର୍ମୀ ସ୍ୱଳ୍ପ ପାରିଶ୍ରମ ବଦଳରେ ଦିନରାତି ନୀରବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ଆଶା କର୍ମୀଙ୍କୁ ସମ୍ମାନଜନକ ବେତନ ଓ ସୁବିଧା ଯୋଗାଇ ଦେବା ନେଇ ଗତ ନିର୍ବାଚନ ଇସ୍ତାହାରରେ ବର୍ତ୍ତମାନ ସରକାର ଘୋଷଣା କରିଥିଲେ। ସରକାର ଦୁଇ ବର୍ଷ ପୁରି ଯାଇଥିଲେ ମଧ୍ୟ ଆଶାକର୍ମୀଙ୍କ ପାଇଁ କୌଣସି ଆଶାନୁରୂପକାର୍ଯ୍ୟାନୁଷ୍ଠାନଗ୍ରହଣକରିନାହାଁନ୍ତି। ଦେଶର ସର୍ବ ବୃହତ ଶ୍ରମ ସଙ୍ଗଠନ ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ନିଷ୍ପତ୍ତି ଓ ଅଖିଳ ଭାରତୀୟ ଆଶା କର୍ମଚାରୀ ସଂଘର ନିଷ୍ପତ୍ତି ଅନୁଯାୟୀ ୨୦୨୬ ମସିହା ଜୁଲାଇ ୯ ତାରିଖ ଦେଶର ବ୍ୟାପୀ ସରକାର ଜଗାଅ ପଦକ୍ଷେପ ପ୍ରଦାନ କରାଯାଉଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ କାର୍ଯ୍ୟରତ ସମସ୍ତ ଆଶାକର୍ମୀଙ୍କୁ କର୍ମଚାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ବେତନ ପ୍ରଦାନ, ଆଶାକର୍ମୀଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଇଏସ୍‌ଆଇ ଓ ଇପିଏଫ୍‌ଓ ଅନ୍ତର୍ଗତ ପଞ୍ଜିକୃତ କରାଯାଉ। ପ୍ରତିମାସ ୧୦ ତାରିଖରେ ଦେୟ ପ୍ରଦାନ ନେଇ ସୁନିଶ୍ଚିତ କରାଯାଉ, ଆଶା କର୍ମୀଙ୍କୁ ବ୍ଲକ ସ୍ତରରୁ ଆରମ୍ଭ କରି ସହରାଞ୍ଚଳରେ କାର୍ଯ୍ୟରତ ଆଶାଙ୍କୁ ଦୁର୍ବ୍ୟବହାର ପ୍ରଦାନ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସ୍ୱାଭିମାନ ସହ କାମ କରିବାକୁ ସୁଯୋଗ ଦିଆଯାଉ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ପ୍ରକୋଷ୍ଠ ସମେତ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଆଶା କେନ୍ଦ୍ର ନିର୍ମାଣ କରାଯାଉ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀଙ୍କୁ ତାଲିମ ଦେଇ ଏଏନ୍‌ଏମ୍ ପଦବିକୁ ପଦୋନ୍ନତି ପ୍ରଦାନ କରାଯାଉ, କାର୍ଯ୍ୟ ସମୟରେ ଦୁର୍ଘଟଣାରେ ଆଶା କର୍ମୀଙ୍କର ମୃତ୍ୟୁ ଘଟିଲେ ୧୦ଲକ୍ଷ ଟଙ୍କା ଓ ଶାରୀରିକ ଅକ୍ଷମ ହେଲେ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ। ଆଶା କର୍ମୀ ସେବା ନିବୃତ୍ତ ହେଲେ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା ସହ ମାସିକ ୫ହଜାର ଭତ୍ତା ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଶା କର୍ମୀଙ୍କୁ ମାତୃତ୍ୱ ଲାଭ ସୁବିଧା, ପ୍ରସୂତିକାଳୀନ ଛୁଟି ଓ ଭତ୍ତା ପ୍ରଦାନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଉ। ସୂଚାରୁରୂପେ କାର୍ଯ୍ୟ ପରିଚାଳନା ଓ ଡିଜିଟାଲ ସୁବିଧା ପାଇଁ ଆଶା କର୍ମୀଙ୍କୁ ଗୁଣବତ୍ତା ସମ୍ପନ୍ନ ୫ଜି ମୋବାଇଲ ଯୋଗାଇ ଦେବା ପାଇଁ ସଂଘ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ରାଜ୍ୟ ଆଶାକର୍ମୀ ଜିଲା ସଭାନେତ୍ରୀ ପୁଷ୍ପଲତା ରାଉତ ଓ ସାଧାରଣ ସମ୍ପାଦିକା ସୁଷମାରାଣୀ ରାଉତଙ୍କ ନେତୃତ୍ୱରେ ଆଶା କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଜଳିବା ପୂର୍ବରୁ ଅଚଳ ହେବ କି ରାଜପଥ ଲାଇଟ୍

**କବାଟବନ୍ଧ, ୯।୭ (ସମିସ)**

କେବେ ଜଳିବ ଜାତୀୟ ରାଜପଥରେ ଲାଗିଥିବା ଲାଇଟ ନା ଜଳିବା ପୂର୍ବରୁ ଅଚଳ ହେବ ଏମିତି ଆଶଙ୍କାରେ ରହିଛନ୍ତି ଜନସାଧାରଣ। ଯାନବାହନ ଏବଂ ଲୋକଙ୍କ ସୁରକ୍ଷିତ ଯାତାୟାତ ଏବଂ ଗମନାଗମନକୁ ସୁଗମ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆଲୋକୀକରଣ ବ୍ୟବସ୍ଥା କରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଅନ୍ଧାର ରାତିରେ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ପାଇଁ ଏହି ବ୍ୟବସ୍ଥା ଉଦ୍ଦିଷ୍ଟ ରହିଥିବାବେଳେ ଅସୁରକ୍ଷିତ ଭାବେ ଲୋକଙ୍କ ଧନ ଜୀବନ ହାନି ହେବାରେ ଲାଗିଛି। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏହି ଚିତ୍ର ଦେଖିବାକୁ ମିଳିଛି। ଜଳିବା ପୂର୍ବରୁ ଅଚଳ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହେବାରେ ଲାଗିଛି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଆଲୋକୀକରଣ ପାଇଁ ପ୍ରତ୍ୟେକ ସ୍ଥାନରେ ଷ୍ଟ୍ରୀଟ ଲାଇଟ୍ ଲଗାଯାଇଛି। ଏହି ରାଜପଥ ସମ୍ପୂର୍ଣ୍ଣ ହୋଇଥିବା ଚଣ୍ଡିଖୋଲ କଲେଜ ଛକ, ଓଭର ବ୍ରିଜ, ଆରୁହା ଫ୍ଲାଏ ଓଭର ବ୍ରିଜ, ବରଡ଼ା ଛକ, ଚଢ଼େଇଧରା, ତାରିଣୀ ଛକ, ବାଲିସାହି, ବାଘୁଆ, ବଳରାମପୁର ଆଦି ସମସ୍ତ ଫ୍ଲାଏ ଓଭର ବ୍ରିଜର ଉଭୟ ପାଶ୍ୱର୍ରେ ଲାଇଟ ଲଗାଯାଇଛି। ଫଳରେ ଫ୍ଲାଏ ଓଭର ବ୍ରିଜର ଉଭୟ ପାଶ୍ୱର୍ରେ ରହିଥିବା ସର୍ଭିସ ରୋଡ୍ ଏବଂ ରାଜପଥ ଉପର ଆଲୋକିତ ହେବ। ଯାହା ଫଳରେ ରାତ୍ରି ସମୟରେ ଯାତାୟାତ ସୁଗମ ହେବା ସହିତ ଦୁର୍ଘଟଣା ହ୍ରାସ ପାଇବ। ରାତି ସମୟରେ ସାଧାରଣ ଭାବେ କମ ଦୃଶ୍ୟମାନ ହୋଇଥାଏ। ଫଳରେ ରାସ୍ତା ଉପରେ କୌଣସି ପଶୁ ଜନ୍ତୁ, ସାଇକେଲ ଚାଳକ, ପଦଯାତ୍ରୀ ବିପଦପୂର୍ଣ୍ଣ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଆଲୋକୀକରଣ ଫଳରେ ଏହି ସବୁ ଆଶଙ୍କା କମ ରହିବା ସହିତ ଏକ ସୁରକ୍ଷିତ ଯାତ୍ରା ଏବଂ ଦୁର୍ଘଟଣା ହ୍ରାସ ହୋଇଥାଏ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଠିକା ସଂସ୍ଥା କେବଳ ଖୁଣ୍ଟ ପୋତି ଲାଇଟ ଝୁଲାଇ ଦେଇ କାମ ସାରି ଦେଇଛି। ଏଥି ମଧ୍ୟରୁ ଅନେକ ସ୍ଥାନରେ ଲାଇଟ ଜଳିବା ପୂର୍ବରୁ ଅଚଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାଳ ବୈଶାଖୀ ତଥା ପ୍ରବଳ ବର୍ଷା ପବନରେ ଅନେକ ସ୍ଥାନରେ ଲାଇଟ ଖୁଣ୍ଟ ନଇଁ ପଡ଼ିଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆଲୋକୀକରଣ ନାମରେ ଏକ ପ୍ରହସନ କରୁଥିବା ଜନସାଧାରଣ ଅଭିଯୋଗ କରୁଛନ୍ତି। କାରଣରୁ ବହୁ ସଂଖ୍ୟକ ଲାଇଟ ଅଚଳ କିମ୍ବା ପବନରେ ଭାଙ୍ଗି ଯାଏ ତେବେ ଏହାର ପୁନଃ ସ୍ଥାପନ କିମ୍ବା ଖରାପ ହେଲେ ମରାମତି ପାଇଁ ଅର୍ଥ ମଞ୍ଜୁର ହେବ। ତେବେ ଏମିତି ଲାଇଟ ନ ଜଳି କେତେ ଦିନ ପର୍ଯ୍ୟନ୍ତ ଖୁଣ୍ଟରେ ଝୁଲି ରହିବ



ଅନ୍ୟ ପକ୍ଷରେ ଏହି ଆଲୋକୀକରଣ ପାଇଁ ଠିକା ସଂସ୍ଥାକୁ ମାଲାମାଲ କରିବା ପାଇଁ ଏକ ମସୁଧା ହୋଇଥିବା ଚର୍ଚ୍ଚା ହେଉଛି। ଯଦି କୌଣସି ତାହା ସ୍ପଷ୍ଟ ହୋଇ ପାରୁନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଚାରା ରୋପଣ

ଭଦ୍ରକ,୯।୭(ସମିସ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ମଧୁସ୍ମିତା ଶତପଥୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଚାରା



ରୋପଣ କରିଥିବାବେଳେ ସମାଜସେବୀ ଅଶୋକ କୁମାର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ସାହୁ, ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମାଜସେବୀ ଅଜୟ ସାହୁ, ମଞ୍ଜୁଲତା ମହାପାତ୍ର, ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ, ପ୍ରଭାତୀ ନାୟକ, ସ୍ୱର୍ଣ୍ଣଲତା ପାକଳ, ସିଦ୍ଧାର୍ଥ ସାହୁ ଓ ଆଶୁତୋଷ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ତଥା ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିବା ସହ ସ୍ୱଚ୍ଛ ପରିବେଶ ସୃଷ୍ଟି କଲେ ସ୍ୱଚ୍ଛ ଭାରତ ଗଠନ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସ୍ଲୋଗାନ ଦେଇ ପୁରୁଣାବଜାର ପରିକ୍ରମା କରି ମହାବିଦ୍ୟାଳୟ ପରିସରରେ ମାଆ, ବାପା ଓ ଗୁରୁଙ୍କ ନାମରେ ତିନୋଟି ଲେଖାଏଁ ଗଛ ଲଗାଇଥିଲେ।

## ରହଣିଆସାହି ପ୍ରାଥମିକ ସ୍କୁଲରେ ସମ୍ବର୍ଦ୍ଧନା ସଭା



ଦୋଳସାହି,୯।୭(ସମିସ): ତିହିଡ଼ି ବ୍ଲକ୍ ଅଧୀନ କୁବେରା ପଞ୍ଚାୟତର ରହଣିଆ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ପଞ୍ଚାନନ ବେହେରାଙ୍କ ଉଦ୍ଦେଶ୍ୟରେ ବୁଧବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ମଦନ ମୋହନ ନାୟକ, ମୁଖ୍ୟ ଅତିଥି ତିହିଡ଼ି ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ମନୋରଞ୍ଜନ ନାୟକ, ବରେଣ୍ୟ ଅତିଥି ଭାବେ କୁବେରା ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ, ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, କାର୍ଯ୍ୟକାରୀ ସମ୍ପାଦକ ବଂଶୀଧର ଦାସ, ସଂଗଠନ ସମ୍ପାଦକ ତ୍ରିନାଥ ମଲ୍ଲିକ, ଉପସଭାପତି କାଲାମ୍ ଖାଁ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତିହିଡ଼ି ବ୍ଲକ୍‌ର ପ୍ରାକ୍ତନ ମଣ୍ଡଳ ଅଧିକାରୀ ମଧୁସୂଦନ ଷେଣ୍ଡ, ତିହିଡ଼ି ବ୍ଲକ୍ ପ୍ରାକ୍ତନ ଏବିଇଓ ଦାମୋଦର ଜେନା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ବସନ୍ତ ବଳ, ଭାସ୍କର ଚନ୍ଦ୍ର ଜେନା, ମାନଗୋବିନ୍ଦ ଦାସ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଦୀନବନ୍ଧୁ ନାୟକ ସ୍ମୃତି ସଂସଦ ତରଫରୁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇଥିଲା।

## ଧର୍ମପରାୟଣ ମହିଳାଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୯।୭(ସମିସ): ଭଦ୍ରକ ଜିଲ୍ଲା ଏନ୍‌ଏସି ଅଧୀନ ଶାସ୍ତ୍ରୀନଗର ଶାନ୍ତିଲତା ସାହୁଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଅଧ୍ୟାପକ ବିବେକାନନ୍ଦ ସାହୁ, ସମାଜସେବୀ ଅଜୟ କୁମାର ସାହୁ, ବୃନ୍ଦାବନ ସାହୁ, ସୀତାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଶାନ୍ତିଲତା ଦେବୀଙ୍କ କର୍ମମୟଜୀବନ, ଧାର୍ମିକ ଆଚରଣ ଓ ସଂସ୍କାରବାଦୀ ଚିନ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ୟାମସୁନ୍ଦର ସଙ୍ଗମ ପକ୍ଷରୁ ଶୋକ ସନ୍ଧ୍ୟା ଭଜନ ପରିବେଷଣ କରାଯାଇଥିଲା। ଶେଷରେ ତାଙ୍କ ସୁପୁତ୍ର ସୁଶୀଲ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀର୍ଘ ବର୍ଷ ପରେ ନିଯୁକ୍ତ ହେଲେ ପ୍ରଧାନଶିକ୍ଷକ

ବାସୁଦେବପୁର,୯।୭(ସମିସ): ବାସୁଦେବପୁର ଅଞ୍ଚଳର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଟଳ ବିହାରୀ ହାଇସ୍କୁଲର ଦୀର୍ଘ ବର୍ଷ ପରେ ଏକ ପ୍ରଧାନ ଶିକ୍ଷକ ଭାବେ ନୀଳମଣି ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ଭଦ୍ରକ ଜିଲ୍ଲାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଅଟେ। ବିଦ୍ୟାଳୟର ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶ



ଦିନେ ଛାତ୍ରକୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ଟପ୍ପର ହେବାର ସୌଭାଗ୍ୟ ଆଣି ଦେଇଥିଲା। ନୂତନ ପ୍ରଧାନଶିକ୍ଷକ ନୀଳମଣି ବେହେରା ପୂର୍ବରୁ ବାରାପୁର ହାଇସ୍କୁଲରେ ଦୀର୍ଘ ଦିନ ଧରି ଶିକ୍ଷକତା କରୁଥିଲେ। ତାଙ୍କର ପଦୋନ୍ନତି ହେବାରୁ ଅଟଳ ବିହାରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ହୋଇଥିବାରୁ ଗତ କିଛିବର୍ଷ ଧରି ହଜିଯାଇଥିବା ଶୈକ୍ଷିକ ପରିବେଶ ଓ ଶିକ୍ଷାଦାନ ବ୍ୟବସ୍ଥାର ପରିବର୍ତ୍ତନ ଆଣି ହାଇସ୍କୁଲର ପୂର୍ବ ଗୌରବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ ପରେ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଛି।

### ଧାମନଗର ତହସିଲ କାର୍ଯ୍ୟାଳୟରେ ନକ୍ସା ଅଙ୍କନକାରୀଙ୍କ ଅଭାବ

# ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା; ଲୋକେ ହନ୍ତସନ୍ତ

ଧାମନଗର,୯।୭(ସମିସ):

ଧାମନଗର ତହସିଲ୍ କାର୍ଯ୍ୟାଳୟରେ ନକ୍ସା ଅଙ୍କନକାରୀଙ୍କ ଅଭାବରୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା ସୃଷ୍ଟି ହେବାରୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାମନଗର ବ୍ଲକ୍, ଏନ୍‌ଏସି ଏବଂ ତହସିଲ୍ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମରେ ଜନସଂଖ୍ୟା, ନୂଆ ଖାତାଦାର ଓ କିସମ ପରିବର୍ତ୍ତନ ବୃଦ୍ଧି ହେତୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ (ବିସିପି) କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଧାମନଗର ତହସିଲ୍ ଅଞ୍ଚଳର ୭ରୁ ଅଧିକ ରାଜସ୍ୱ ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବିସିପି) ପାଇଁ ୨୦୦୦ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦୀର୍ଘ ୧୨ ବର୍ଷ ପରେ ଅର୍ଥାତ୍ ୨୦୧୨ ମସିହାରେ ଏହି କାର୍ଯ୍ୟର ପ୍ରକ୍ରିୟା ଧାମନଗର ତହସିଲ୍ ଅଞ୍ଚଳରେ ଲାଗୁ ହେଲା। ୨୦୧୨ରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ରୁ ଅଧିକ ରାଜସ୍ୱ ଗ୍ରାମରେ କେତେକ




କାର୍ଯ୍ୟ ପ୍ରତି ପ୍ରତିବନ୍ଧକ ଲଗାଇବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଆଜକୁ ଦୀର୍ଘ ୧୧ ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୬ ହଜାରରୁ ଅଧିକ ଲୋକ ବିଭିନ୍ନ ସରକାରୀ ପ୍ରମାଣପତ୍ର, ଜମିଜମା କାଗଜାତ ଏବଂ ଝିଅ ବାହାଘର କରିବା ପାଇଁ କିଣିବା ଓ ବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସଂଖ୍ୟା ବଢ଼ି ଧାମନଗର ତହସିଲ୍‌ର ୯ ରାଜସ୍ୱ ସର୍କଲ ରାଧାବଲ୍ଲଭପୁର, ରଇପୁର, ଦେଉଳିଡିହ, ସରପୁର, ଧାମନଗର, ଅସୁରାଳି, ସହିଦନଗର, ସୋଧ, କୋଠାର ଅନ୍ତର୍ଗତ ୧୧ ରାଜସ୍ୱ ଗ୍ରାମ ପଳିକିରୀ, ମୋଉଦପୁର, ଦେଉଳିଡିହି, ଧୂଷୁରୀ, ସରପୁର, ଜୟନଗର, ଧର୍ମାଗତପୁର, ଶ୍ରୀଗଙ୍ଗା, ଗୌଡ଼ବିଶି, ନୂଆପଡ଼ା, କାକୁଡ଼ିଗଡ଼ିଆ, ବୟାଙ୍ଗଡିହିରୁ ୧୪ ନୂଆ ହାମ୍‌ଲେଟ ଭିଲେଜ ଯଥା- ବାଇଦିପୁର, ଜଗନ୍ନାଥବାଡ଼ି, ବନ୍ଧସାହି, ଜଗନ୍ନାଥ ସାହି, ଲେଙ୍କା ସାହି, କାଙ୍କରା, ମୁନ୍‌ସିପାଟଣା, କେଳାଙ୍ଗ ଶାସନ, ଶ୍ୟାମଚାନ୍ଦ ପାଟଣା, ବେଲମଳା, ଗୋବିନ୍ଦାଗଡ଼ିଆ, ଉଚ୍ଚପଦା, ଆମ୍ବିଳିଗାଁ, ଭଉରିଆଁବାଙ୍କ ଇତ୍ୟାଦି ଗଠନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଏହି ଆଦେଶ ଯୋଗୁଁ ଉକ୍ତ ୧୧ଟି ମୂଳ ରାଜସ୍ୱ ମୌଜାର ଲୋକମାନେ ନାମଜାରୀ କରି ନ ପାରିବା, କିସମ ପରିବର୍ତ୍ତନ କରି ନ ପାରିବା, କବଲାମୂଳେ ଦଲିଲ କରି ନ ପାରିବା, ସମ୍ପତ୍ତି ବିଭାଗ ବଣ୍ଟନ କରି ନ ପାରିବା ଆଦି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା। ତେବେ ୨୦୨୨ ମାର୍ଚ୍ଚ ୧୫ ତାରିଖରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଓ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ତହସିଲ୍‌କୁ ପାସ୍‌ବୁକ୍ ଘୋଟାଲା ସମ୍ପର୍କିତ ଆର୍ଥିକ ତଦନ୍ତ ପାଇଁ ଆସିଥିବା ସମୟରେ ଏହି ଅସୁବିଧା ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ଅବଗତ କରାଇଥିଲେ। ଆରଡିସିଙ୍କ ପ୍ରତିଶ୍ରୁତି ପରେ ତତ୍ପର ହୋଇଉଠିଥିଲା ରାଜସ୍ୱ ବିଭାଗ। ଏହି ବିସିପି ବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟ ପାଇଁ ଧାମନଗର ତହସିଲ୍‌କୁ ୩ ଜଣ ଅବସରପ୍ରାପ୍ତ ଓ ୩ ଜଣ କାର୍ଯ୍ୟରତ ଏପରି ମୋଟ ୬ ଜଣ କର୍ମଚାରୀ ଯୋଗାଇ ଦିଆଯାଇଥିଲା। ତେବେ ୭ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ୭ଟିରେ ପ୍ରୋସେସିଂ ଚାଲିଛି। ଅନ୍ୟ ୧୧ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଏଯାବତ୍ ଆରମ୍ଭ ହୋଇନାହିଁ। ନୂତନ ରାଜସ୍ୱ ଗ୍ରାମର ନକ୍ସା ପାଇଁ ଆବଶ୍ୟକ କର୍ମଚାରୀ ଏବଂ ଅଙ୍କନକାରୀ (ଡ୍ରାଫ୍ଟସ୍‌ମ୍ୟାନ୍) ନ ଥିବାରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ହୋଇପାରୁ ନାହିଁ ବୋଲି ସୂଚନା ମିଳିଛି। ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ସଚିବ ଏବଂ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବନ୍ତ/ଆଗରପଡ଼ା,୯।୭(ସମିସ): ବନ୍ତ ବ୍ଲକ୍ ଆଗରପଡ଼ାରେ ୨୫ ଦିନ ଧରି ଜାରି ରହିଥିବା ଯୋଗ ପ୍ରଶିକ୍ଷଣ



ଶିବିରର ସମାପନ ହୋଇଯାଇଛି। ଏହି ଶିବିରଟି ଜୁନ୍ ୧୫ରୁ ଆରମ୍ଭ ହୋଇ ଜୁଲାଇ ୯ ପର୍ଯ୍ୟନ୍ତ ନିରନ୍ତର ଭାବେ ଜାରି ରହିଥିଲା। ଭଦ୍ରକ ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ଧରଣୀଧର କରଙ୍କ ସଂଯୋଜନାରେ ଆଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ତରଫରୁ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଆଗାମୀ ଦିନରେ ଗାଁ ଗାଁରେ ଯୋଗ ଶିକ୍ଷା ଦେବା ସହିତ ସଂସ୍କାରବାନ ଭାରତ ଓ ବିଶ୍ୱଗୁରୁ ଭାରତ ନିର୍ମାଣ ପତଞ୍ଜଳି ଯୋଗ ପୀଠର ସଂସ୍ଥାପକ ସ୍ୱାମୀ ରାମଦେବଙ୍କର ଲକ୍ଷ୍ୟ ରହିଛି। ସେଥିପାଇଁ ଦେଶର ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ଆଗରପଡ଼ାଠାରେ ଅନୁଷ୍ଠିତ ଶିବିରକୁ ଥାନା ଅଧିକାରୀ ରାଜେଶ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ସମାପନ ଦିବସରେ ଅତିଥି ଭାବେ ରାଜ୍ୟ ପତଞ୍ଜଳି ଯୋଗ ସମିତିର କିଷାନ୍ ପ୍ରଭାରୀ ସ୍ୱୟଂପ୍ରକାଶ ଦ୍ୟୁତକ ରଞ୍ଜନ ମହାପାତ୍ର, ବରିଷ୍ଠ ନାଗରିକ ସଂଘର ସଭାପତି କୈଳାସ ଧଳ, ସାମ୍ବାଦିକ ସୁଶାନ୍ତ ଦାସ, ସ୍ୱୟଂସେବକ ରାଜୀବ ଲୋଚନ ରାୟ, ଅଶୋକ ପରିଡ଼ା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲା ଭାରତ ସ୍ୱାଭିମାନ ସଂଯୋଜକ ତଥା ଯୋଗ ଗୁରୁ ଧରଣୀଧର କର, ରାଜ୍ୟ କାର୍ଯ୍ୟାଳୟ ପ୍ରଭାରୀ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲ୍ଲା ମହିଳା ପ୍ରଭାରୀ ଅର୍ପିତା ମହାନ୍ତି, ସହ ମହିଳା ପ୍ରଭାରୀ ସସ୍ମିତା ଦାସ, ଯୋଗ ପ୍ରଚାରକ ସଞ୍ଜୟ ନାୟକ, ଜିଲ୍ଲା କିଷାନ୍ ପ୍ରଭାରୀ ସଞ୍ଜୀବ ନାୟକ, ତହସିଲ୍ ପ୍ରଭାରୀ କାଳନ୍ଦୀ ପାତ୍ର, ପର୍ଶୁରାମ ପୁହାଣ, ମଳୟ ରାଉଳ, ଆରତୀ ପାଣଗ୍ରାହୀ, ଆଶାରାଣୀ ମୁଦୁଲି, ବରିଷ୍ଠ ଯୋଗ ଶିକ୍ଷକ ବୃନ୍ଦାବନ ବେହେରା, ସଞ୍ଜୟ ପାଣିଗ୍ରାହୀ, ସଞ୍ଜୟ ନାୟକ ପ୍ରମୁଖ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ରାଜ୍ୟ ଭାରତ ସ୍ୱାଭିମାନ ସଂଯୋଜକ ସୁଧାଂଶୁ ଶେଖର ଅଧିକାରୀ, ସହ ପ୍ରଭାରୀ ଅକ୍ରୁର ମାର୍ଥା, ରାଜ୍ୟ ଯୋଗ ସମିତି ପ୍ରଭାରୀ ରାଧାମାଧବ ବୈଧର, ଯୁବ ପ୍ରଭାରୀ ଅମୃତାଂଶୁ ପ୍ରଧାନ ପ୍ରମୁଖ ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗ ଦର୍ଶନ, ଶରୀର ବିଜ୍ଞାନ, ଆୟୁର୍ବେଦ, ସ୍ୱଦେଶୀ, ଗୀତ ଜ୍ଞାନ ଓ ଜୀବନ ଦର୍ଶନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ ଶିବିରକୁ ଜିଲ୍ଲା ସାମାଜିକ ଗଣମାଧ୍ୟମ ପ୍ରଭାରୀ ଶ୍ରୀବତ୍ସ କର, ଗଦାଧର ଦାସ, ପ୍ରଭାସ ରାଉତ୍, ଚନ୍ଦ୍ରଶେଖର କର, ପ୍ରଜ୍ଞାବାନ୍ କୁଣ୍ଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ● ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ

## ଅସ୍ତିତ୍ୱ ହରାଉଛି 'ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟ'

ଅସୁରାଳି,୯।୭(ସମିସ): ପ୍ରଶାସନିକ ଉଦାସିନତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଧାମନଗର ବ୍ଲକ୍‌ର ଏକ ପ୍ରାଚୀନ ତଥା ଗୌରବମୟ ଶିକ୍ଷାନୁଷ୍ଠାନ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଧୂଷୁରୀ ଅଞ୍ଚଳରେ ୧୯୩୪ ମସିହାରୁ ସ୍ଥାପିତ ହୋଇଥିବା ପ୍ରସିଦ୍ଧ "ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟ' ଦୀର୍ଘ ଦିନ



ହେବ ବ୍ୟାପକ ଅବ୍ୟବସ୍ଥା ଓ ଅବହେଳାର ଅନ୍ଧକାର ମଧ୍ୟରେ ଗତି କରୁଛି। ଯେଉଁ ଅନୁଷ୍ଠାନ ଦିନେ ଅଞ୍ଚଳରେ ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଆଲୋକବର୍ତ୍ତିକା ସଦୃଶ ଥିଲା, ତାହା ଆଜି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇ ଦୁରବସ୍ଥାର ଚରମ ସୀମାରେ ପହଞ୍ଚିଛି।

ପ୍ରମୁଖ ସମସ୍ୟା ଓ ଅଭାବ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅନ୍ୟୁନ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ଏବେ ମାତ୍ର ୨ ଜଣ ଶିକ୍ଷକଙ୍କ ଭରସାରେ ସମଗ୍ର ପାଠପଢ଼ା ଚାଲିଛି। ଅବ୍ୟବସ୍ଥାର ସୀମା ବଢ଼ି ଚାଲିଥିବାରୁ ଏବେ ଏହି ପୁରାତନ ଅନୁଷ୍ଠାନରେ ମାତ୍ର ୨୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ ନା ଅଛି ପାନୀୟ ଜଳର ସୁବିଧା, ନା ଅଛି ଶୌଚାଳୟ। ଏପରିକି ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠର କୌଣସି ବ୍ୟବସ୍ଥା ନାହିଁ। ସରକାରୀ ନିୟମ ଅନୁଯାୟୀ, ମିଳୁଥିବା ମାଗଣା ପୋଷାକ (ୟୁନିଫର୍ମ) ଏବଂ ପାଠ୍ୟପୁସ୍ତକ ମଧ୍ୟ ଏହି ବିଦ୍ୟାଳୟର ପିଲାମାନଙ୍କୁ ଉପଲବ୍ଧ କରାଯାଉନାହିଁ। ଅତ୍ୟନ୍ତ ପରିତାପର ବିଷୟ ଯେ, ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କାର୍ଯ୍ୟରତ ଶିକ୍ଷକମାନେ ବିଦ୍ୟାଳୟକୁ ବଞ୍ଚାଇ ରଖିବା ପାଇଁ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ବିକାଶମୂଳକ କାର୍ଯ୍ୟ କରୁଛନ୍ତି। ଶିକ୍ଷକମାନଙ୍କର ଏହି ନିଃସ୍ୱାର୍ଥପର ତ୍ୟାଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆନ୍ତରିକତା କିମ୍ବା ସହଯୋଗ ମିଳୁ ନ ଥିବାରୁ ଏହି ଅନୁଷ୍ଠାନର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଗୋବିନ୍ଦଜିଉ ସଂସ୍କୃତ ବିଦ୍ୟାଳୟର ଏହି ଶୋଚନୀୟ ସ୍ଥିତି କେବଳ ଏକ ଆଞ୍ଚଳିକ ସମସ୍ୟା ନୁହେଁ, ବରଂ ଏହା ସମଗ୍ର ଧାମନଗର ବ୍ଲକ୍‌ର ବିପର୍ଯ୍ୟସ୍ତ ଓ ପଙ୍ଗୁ ଶିକ୍ଷା ପ୍ରଣାଳୀ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରି ଐତିହାସିକ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ସହ ଶିକ୍ଷକ ପଦ ପୂରଣ ଏବଂ ମୌଳିକ ସୁବିଧା ଯୋଗାଇଦେବାକୁ ସ୍ଥାନୀୟ ଅଧିବାସୀ ଓ ଅଭିଭାବକ ମହଲରେ ଦୃଢ଼ ଦାବି ହୋଇଛି।

## ଧାମନଗର ମହାବିଦ୍ୟାଳୟରେ ଏବିଭିପିର ପ୍ରତିଷ୍ଠା ଦିବସ

ଦୋବଲ,୯।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଧାମନଗର ଶାଖା ପକ୍ଷରୁ ଧାମନଗର ମହାବିଦ୍ୟାଳୟ ପରିସରରେ ଏକ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ର ସମାଜର ଭୂମିକା, ସଂଗଠନର ଆଦର୍ଶ, ଜାତୀୟ ଚେତନା ଓ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ବିଭାଗ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏବିଭିପିର ପତାକା ଉତ୍ତୋଳନ କରିବା ସହ ସଂଗଠନର ପୋଷ୍ଟର ଜଏନ୍ ଏବିଭିପି ଉନ୍ମୋଚନ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସାମାଜିକ ଓ ଜାତୀୟ ଦାୟିତ୍ୱ ପ୍ରତି ସଚେତନ ହୋଇ ସମାଜ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ମହାରଣା ଏବିଭିପିର ଆଦର୍ଶ, କାର୍ଯ୍ୟଧାରା ଓ ଛାତ୍ର କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ନଗର ସମ୍ପାଦକ ସାରଥି ପ୍ରସାଦ ସାହୁଙ୍କ ସମେତ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ପାଳନ କରିଥିଲେ।

## ବସ୍‌ଷ୍ଟାଣ୍ଡରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର



ବାରିକପୁର,୯।୭(ସମିସ): ଭଣ୍ଡାରିପୋଖରୀ ବିଦ୍ୟୁତ୍ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂର ବସ୍‌ଷ୍ଟାଣ୍ଡଠାରେ ଅତି ବିପଦସଂକୁଳ ଭାବେ ଖୋଲାମେଲାରେ ପଡ଼ି ରହିଛି ଟ୍ରାନ୍ସଫର୍ମର। ଉକ୍ତ ଟ୍ରାନ୍ସଫର୍ମରଟିରୁ ଆଖପାଖ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିତରଣ କରାଯାଉଥିବା ବେଳେ ଦୀର୍ଘ ବର୍ଷ ହେବ ଏହାର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇନାହିଁ। ଉକ୍ତ ଖୋଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଇଁ କେତେବେଳେ ଯେ ଦୁର୍ଘଟଣା ଘଟିବ କହିବା ମୁସ୍କିଲ୍। ରାଜପଥ ପାର୍ଶ୍ୱରେ ଟ୍ରାନ୍ସଫର୍ମର ବସିଥିବାବେଳେ ଦୈନିକ ଶହଶହ ଲୋକ ଉକ୍ତ ସଂଲଗ୍ନ ସ୍ଥାନରେ ଚଳପ୍ରଚଳ କରୁଛନ୍ତି। ବିଶେଷ କରି ବାଲେଶ୍ୱର, ଭଦ୍ରକରୁ କଟକ, ଭୁବନେଶ୍ୱର ଯାଉଥିବା ଲାଇନ୍ ବସ୍‌ଗୁଡ଼ିକ ଏଠାରେ ରହୁଥିବାବେଳେ ଯାତ୍ରୀମାନେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ପାର୍ଶ୍ୱ ଦେଇ ଦୈନିକ ଯାତାୟାତ କରିଥା'ନ୍ତି। ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବ୍ୟବସାୟୀମାନଙ୍କ ପାଇଁ ଟ୍ରାନ୍ସଫର୍ମର ପାର୍ଶ୍ୱ ଦୈନିକ ଯିବାଆସିବାର ପଥ ଅଟେ। ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ଦିଗରେ ସର୍ବପ୍ରଥମେ ସୁରକ୍ଷା ଜରୁରୀ ଅଟେ ବୋଲି ପ୍ରଚାର କରୁଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନ ତଥା ଖୋଦ୍ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ବିପଦସଂକୁଳ ଟ୍ରାନ୍ସଫର୍ମରଟିକୁ କାହିଁକି ସୁରକ୍ଷା ବାଡ଼ ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିକପୁର,୯।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ସ୍ଥିତ ଶୁକଦେବ ଜେନା ହାଇସ୍କୁଲର ବିବାଦୀୟ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନ ୨ଦିନ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହେବା ପରେ କୋର୍ଟ ଚାଲାଣ ହୋଇଛନ୍ତି। ଜନୈକ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ମାମଲାରେ ଶ୍ରୀ ପ୍ରଧାନଙ୍କୁ ପୁଲିସ ଗିରଫ କରିଥିଲା। ପରେ ଏନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଭିଭାବିକାମାନେ ପ୍ରଧାନଶିକ୍ଷକଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଜଣକ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବାବେଳେ ତାଙ୍କୁ ବିଦ୍ୟାଳୟରେ ପୁନର୍ବାର ନିଯୁକ୍ତି ନ ଦେବା ପାଇଁ ଦାବି ହୋଇଥିଲା। ତଦନୁଯାୟୀ



ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ ବିଦ୍ୟାର୍ଥୀ, ବୁଦ୍ଧିଜୀବୀ ଓ ଜନସାଧାରଣ ୫ ଦଫା ଦାବିପତ୍ର ଗୁରୁବାର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜଣେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବିଦ୍ୟାଳୟଟି ବଦନାମ ହୋଇଥିବାବେଳେ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ମଧ୍ୟ ସେ ସଦାସର୍ବଦା ଲିପ୍ତ ରହୁଥିଲେ। ଏପରିକି ବିଦ୍ୟାଳୟ ପରିସରରୁ ଶହଶହ ଗଛ କାଟି ବିକ୍ରି କରିବା, ବିଦ୍ୟାଳୟ ପାଣ୍ଠି ବ୍ୟକ୍ତିଗତ ଖର୍ଚ୍ଚରେ ବିନିଯୋଗ କରିବା, ରିଜୁଲେସନ ଖାତାକୁ ନେଇ ମନମାନୀ କରିବା ସହିତ ସଦାସର୍ବଦା କୁତ୍ସିତ କାର୍ଯ୍ୟରେ ମନୋନିବେଶ ରହୁଥିଲେ। ବିଦ୍ୟାଳୟ ଭଳି ପବିତ୍ର ମନ୍ଦିରକୁ ସେ ଅପବିତ୍ର କରିଛନ୍ତି। ତାଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ତୁରନ୍ତ ଚାକିରିରୁ ନିଲମ୍ବନ କରିବା ଜରୁରୀ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଜନସାଧାରଣମାନେ ବିଦ୍ୟାଳୟରେ ଜଣେ ଦକ୍ଷ ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି ବିବାଦୀୟ ପ୍ରଧାନଶିକ୍ଷକ ଜଣକ ନିଲମ୍ବନ ନ ହେବା ଯାଏଁ କେହି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବେ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ଏହାଛଡ଼ା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ପ୍ରଧାନଶିକ୍ଷକଙ୍କ ସମସ୍ତ ବେଆଇନ କାମରେ ସହଯୋଗ କରିଥିବା ହେତୁ ତାଙ୍କୁ ମଧ୍ୟ ବିଦ୍ୟାଳୟରୁ ବଦଳି ପାଇଁ ଦାବି ହୋଇଛି।

### ଜିଲ୍ଲାପାଳଙ୍କ ଆଦେଶକୁ ୭ ମାସ ପୂରିଲା

# ପାଳନ ହେଉନି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ

ବନ୍ତ/ଆଗରପଡ଼ା,୯।୭(ସମିସ):

ଜିଲ୍ଲାପାଳଙ୍କ ଆଦେଶକୁ ୭ ମାସ ପୂରିଯାଇଥିବାବେଳେ ଜିଲ୍ଲାପାଳଙ୍କ ଆଦେଶ ଅନୁସାରେ ଆଞ୍ଚଳିକ ପରିବହନ ଅଧିକାରୀ, ଭଦ୍ରକ ଡିଏମ୍, ଓଏସ୍‌ଆରଟିସିଙ୍କୁ ବସ୍ ରୁଟ୍‌ରେ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶକୁ ଇତି ମଧ୍ୟରେ ୬ ମାସ ପୂରିସାରିଲାଣି। କିନ୍ତୁ ପାଳନ ହେଉନି ଆଦେଶ ଓ ନିର୍ଦ୍ଦେଶ। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତରେ ଚାଲୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା' କ୍ଷେତ୍ରରେ। ଗତ ଡିସେମ୍ବର ୮ ତାରିଖରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅଭିଯୋଗରେ ଗୋପିନାଥପୁର ପଞ୍ଚାୟତରେ ଚାଲୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ରୁଟ୍ ସମ୍ପ୍ରସାରଣକୁ ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗରେ ଉକ୍ତ ପଞ୍ଚାୟତ ଦେଇ



ଚଳାଚଳ କରୁଥିବା 'ମୁଖ୍ୟମନ୍ତ୍ରୀ ବସ୍ ସେବା' ପଞ୍ଚାୟତର ମାର୍କଣ୍ଡପୁର ଗ୍ରାମ ପର୍ଯ୍ୟନ୍ତ ଯାଉଛି। ଯଦ୍ୱାରା ପଞ୍ଚାୟତର ୬୦ ପ୍ରତିଶତରୁ ଅଧିକ ଅଞ୍ଚଳର ବାସିନ୍ଦା ଉକ୍ତ ବସ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବୃଦ୍ଧବୃଦ୍ଧା, ମହିଳା, ପେନ୍‌ସନ୍ ଭୋଗୀ, ସ୍କୁଲ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବାରେ ନାନା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି।

ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବାରୁ ପଞ୍ଚାୟତର ବିଭିନ୍ନ ସ୍ଥାନକୁ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଚଳାଚଳରେ କୌଣସି ଅସୁବିଧା ନ ଥିବାରୁ ବସ୍ ରୁଟ୍‌କୁ ତାଜିପୁର ହନୁମାନ ପୀଠ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଅନୁରୋଧ କରାଯାଇଥିଲା। ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀ ଭଦ୍ରକ ଓ ଡିଏମ୍, ଓଏସ୍‌ଆର୍‌ଟିସିଙ୍କୁ ଡିସେମ୍ବର ୮ରେ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ଆଦେଶକୁ ପାଳନ ପୂର୍ବକ ଆଞ୍ଚଳିକ ପରିବହନ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୩୧୯/୨୯.୧୨.୨୫ରେ ଡିଏମ୍, ଓଏସ୍‌ଆର୍‌ଟିସିଙ୍କୁ ରୁଟ୍ ସମ୍ପ୍ରସାରଣ(ମାର୍କଣ୍ଡପୁରଠାରୁ ତାଜିପୁର ହନୁମାନ ପୀଠ ପର୍ଯ୍ୟନ୍ତ) ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଆଦେଶକୁ ଇତି ମଧ୍ୟରେ ୭ ମାସ ପୂରିଯାଇଥିବାବେଳେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକୁ ୬ ମାସ ପୂରିଲାଣି କିନ୍ତୁ ନା ଆଦେଶ ନା ନିର୍ଦ୍ଦେଶ କିଛି ବି ପାଳନ ହେଉନି। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆଦେଶ କି ନିର୍ଦ୍ଦେଶ କିଛି ବି ପାଳିତ ହେଉ ନ ଥିବାରୁ ପଞ୍ଚାୟତର ୬୦ ଭାଗରୁ ଅଧିକ ଅଞ୍ଚଳର ବାସିନ୍ଦା ଉକ୍ତ ବସ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ନିମନ୍ତେ ନିର୍ମିତ ବସ୍‌ଷ୍ଟାଣ୍ଡ ମୂଲ୍ୟହୀନ ହୋଇପଡ଼ିଛି। ତେଣୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଆଦେଶ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକୁ ପାଳନ ପୂର୍ବକ ରୁଟ୍ ସମ୍ପ୍ରସାରଣକୁ କାର୍ଯ୍ୟକାରୀ କରିବା ଓ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ଜୋର୍ ଧରିଛି।

## ଦୁର୍ଯ୍ୟୋଧନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ନିମନ୍ତେ ପ୍ରସ୍ତୁତି

ଭଦ୍ରକ,୯।୭(ସମିସ): ସ୍ଥାନୀୟ ଅରଣ୍ୟ ନିବାସ ପରିସରରେ ଚାନ୍ଦବାଲି ରାଜନୀତିର ଭୀଷ୍ମ ପିତାମହ ସ୍ୱର୍ଗତ ଦୁର୍ଯ୍ୟୋଧନ ମିଶ୍ରଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ କାହ୍ନୁଚରଣ ବେହେରା, ପୂର୍ଣ୍ଣ ଚନ୍ଦ୍ର ପାଣି, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଶିକ୍ଷାବିତ୍ ଅମୂଲ୍ୟ ରାଉତ, ପ୍ରମୋଦ ତ୍ରିପାଠୀ, ଅଧିବକ୍ତା ରଜନୀକାନ୍ତ ମହାନ୍ତି, ଦେବୁଲା ମହାନ୍ତି, ପ୍ରଶାନ୍ତ ଦାଶ, ତ୍ରିଲୋଚନ ଦାଶ ପ୍ରମୁଖ ଯୋଗଦେଇ ଆସନ୍ତା ଅଗଷ୍ଟ କ୍ରାନ୍ତି ଦିବସ ଦିନ ମହାନ୍ ଜନନାୟକ ଦୁର୍ଯ୍ୟୋଧନ ମିଶ୍ରଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରାଯିବାକୁ ସ୍ଥିର ହେଲା। ଏଥିରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଦୁର୍ଯ୍ୟୋଧନ ମିଶ୍ର ସମ୍ମାନରେ ସମ୍ମାନିତ କରାଯିବ ଏବଂ ପରିବେଶ ସୁରକ୍ଷା ପାଇଁ ଫଳ ଚାରା ବଣ୍ଟନ କରାଯିବ। ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବିଜୁ ସ୍ମୃତି ଭବନରେ ଆୟୋଜନ ହେବାକୁ ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ବିଶ୍ୱାଳ, ବୁଲୁ ବଳ, ନିତ୍ୟ ପ୍ରକାଶ ବେହେରା, ସଂଗ୍ରାମ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ତାଙ୍କ ସୁପୁତ୍ର ମନୋଜ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ।
- ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

# ଟ୍ରମ୍ପଙ୍କ ଦାଦାଗିରି

ଷାଠିଏଦିନିଆ ଯୁଦ୍ଧବିରତି ଘୋଷଣାର ମାସେ ନ ପୂରୁଣୁ ଆମେରିକା ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ୍ ଏହାର ପ୍ରତ୍ୟୁତ୍ତର ଦେବା ପରେ ମଧ୍ୟପ୍ରାଚ୍ୟ ପୁଣି ଥରେ ଅଶାନ୍ତ ହୋଇପଡ଼ିଛି। ଯୁଦ୍ଧଖୋର ଓ ବାଚାଳମତି ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଥିଲେ ମଧ୍ୟ ତାହାକୁ ଯେ ସେ ମାନିବେ ସେ ବିଶ୍ୱାସ ନଥିଲା। ଆଶଙ୍କା ଅନୁରୂପ ଯୁଦ୍ଧବିରତିରେ ବିରତି ଘୋଷଣା କରି ଟ୍ରମ୍ପ ଇରାନ୍‌ର ଶକ୍ତିକେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ସହିତ ତୈଳ କାରବାର ଉପରେ କଟକଣା ଜାରି କରିଛନ୍ତି। ଏଥିଯୋଗୁଁ ବିଶ୍ୱ ଇନ୍ଧନ ମୂଲ୍ୟ ବଢ଼ିବା ସହିତ ବିଶ୍ୱର ଅନେକ ସେୟାର ବଜାରରେ ନିବେଶକମାନେ ବିପୁଳ କ୍ଷତି ସହିଛନ୍ତି। ଯୁଦ୍ଧବିରତି ରଦ୍ଦ ହୋଇଥିବାରୁ ନିକଟ ଭବିଷ୍ୟତରେ ଶାନ୍ତି ଆଲୋଚନା କିମ୍ବା ଯୁଦ୍ଧବିରତି ସମ୍ଭାବନା ଦେଖାଯାଉନାହିଁ।

ସାମରିକ ଓ ଆର୍ଥିକ ଶକ୍ତିର ଦୁରୁପଯୋଗରେ ବିଶ୍ୱରେ ପ୍ରଭୁତ୍ୱ ବିସ୍ତାର ଲକ୍ଷ୍ୟ ଆମେରିକାର ଏକ ପରମ୍ପରା ଓ ସଂସ୍କୃତି ହୋଇସାରିଛି। ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସଂସ୍କୃତିକୁ ଅଧିକ ଉଗ୍ର ଓ ସମରାଭିମୁଖୀ କରିଛନ୍ତି। ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲେ ମଧ୍ୟ ସାମାନ୍ୟତମ ଓଲମବିଲମରେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ସମରମୁହାଁ ହୋଇପଡ଼ିଲେ। କିନ୍ତୁ ଶାନ୍ତିଚୁକ୍ତିକୁ ଗୁରୁତ୍ୱ ନ ଦେଇ ଇସ୍ରାଏଲ୍ ଲେବାନନ୍ ବିରୋଧରେ ଜାରି ରଖିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ କେବଳ ଧାଡ଼ିକିଆ ନିନ୍ଦା ଟିପ୍ପଣୀରେ ଟ୍ରମ୍ପ ନିଜକୁ ସୀମିତ ରଖିଲେ। ଟ୍ରମ୍ପ ପରୋକ୍ଷରେ ବିଶ୍ୱକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ ସେ ହିଁ ଭୂରାଜନୀତି, ଅର୍ଥନୀତି, କ୍ରୀଡ଼ା, ବାଣିଜ୍ୟ, କୂଟନୀତିରେ ସର୍ବେସର୍ବା। ସେ ଯେମିତି ଚାହିଁବେ ଦୁନିଆ ସେମିତି ଚାଲିବାକୁ ବାଧ୍ୟ। ସବୁ ନୀତିନିୟମରୁ ସେ ଊର୍ଦ୍ଧ୍ୱରେ।

ଟ୍ରମ୍ପଙ୍କ ଦାଦାଗିରିର ଝଲକ୍ ସମ୍ପ୍ରତି ଚାଲିଥିବା 'ଫିଫା' ଫୁଟବଲ୍ ବିଶ୍ୱକପ୍‌ରେ ମଧ୍ୟ ଦେଖିବାକୁ ମିଳିଛି। ଆମେରିକୀୟ ଫୁଟବଲ୍ ତାରକା ଫୋଲାରିନ୍ ବାଲୋଗନ୍‌ଙ୍କୁ ପ୍ରତିପକ୍ଷ ଖେଳାଳିଙ୍କୁ ଫାଉଲ୍ ମାରିବା ଦୋଷରେ ରେଫରି 'ରେଡକାର୍ଡ' ଦେଖାଇ ପରବର୍ତ୍ତୀ ମ୍ୟାଚ୍‌ରୁ ବାସନ୍ଦ କଲେ। କିନ୍ତୁ ଟ୍ରମ୍ପଙ୍କ ଧମକ ପରେ 'ଫିଫା' ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋଙ୍କ ଚାପରେ ବାଲୋଗନ୍‌ଙ୍କ ଉପରୁ ରେଡକାର୍ଡ କଟକଣା ଉଠିଗଲା ଏବଂ ସେ ପରିବର୍ତ୍ତୀ ବେଲଜିୟମ୍ ବିପକ୍ଷ ମ୍ୟାଚ୍ ଖେଳିଲେ। ଏହି ଘଟଣା ବିଶ୍ୱର ସର୍ବାଧିକ ଆଦୃତ ଫୁଟବଲ୍‌ର ଆନ୍ତର୍ଜାତିକ ନିୟମ, ଶୃଙ୍ଖଳାର ଉପେକ୍ଷା ଅପେକ୍ଷା ଅହଂକାର ବିଜଡ଼ିତ ଅବମାନନା ବା ଦାଦାଗିରି ବା ଗୁଣ୍ଡାଗିରି କହିଲେ ଅଧିକ ଠିକ ହେବ। ଏଥିପୂର୍ବରୁ ନୋବେଲ୍ ଶାନ୍ତି ପୁରସ୍କାର ଲାଭରୁ ଡୋନାଲ୍ଡ ଟ୍ରମ୍ପ ନିରାଶ ହେବା ପରେ 'ଫିଫା' ପକ୍ଷରୁ ତାଙ୍କୁ ଏକ ସାନ୍ତ୍ୱନାମୂଳକ ପ୍ରତୀକାତ୍ମକ 'ଫିଫା ଶାନ୍ତି ପୁରସ୍କାର' ଦେବାରେ ଇନ୍‌ଫାଣ୍ଟିନୋ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

ଟ୍ରମ୍ପଙ୍କୁ ଆନୁଗତ୍ୟ କିମ୍ବା ବଶମ୍ବଦତା ପ୍ରଦର୍ଶନ ପ୍ରତିଯୋଗିତାରୁ ଅଲିମ୍ପିକ୍ କମିଟି ମଧ୍ୟ ବାଦ୍ ପଡ଼ିନାହିଁ। କ୍ରୀଡ଼ାକୁ ଯୁଦ୍ଧ ଓ ବିବାଦରୁ ଊର୍ଦ୍ଧ୍ୱରେ ରଖିବା ଏବଂ କ୍ରୀଡ଼ାରେ ବନ୍ଧୁତ୍ୱ ଓ ସୌହାର୍ଦ୍ଦ ଜରିଆରେ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜାତିସଂଘ ଦ୍ୱାରା 'ଅଲିମ୍ପିକ୍ ଟ୍ରୁସ୍(ଅଲିମ୍ପିକ୍ କ୍ରୀଡ଼ା ପାଇଁ ସାମୟିକ ଯୁଦ୍ଧବିରତି)' ସର୍ତ୍ତ ଲାଗୁ ହୋଇଛି। ଅଲିମ୍ପିକ୍ ଆରମ୍ଭ ହେବାର ସାତ ଦିନ ପୂର୍ବରୁ ଏବଂ ତତ୍‌ପରବର୍ତ୍ତୀ ପାରାଅଲିମ୍ପିକ୍ ଶେଷ ହେବାର ସାତଦିନ ପର୍ଯ୍ୟନ୍ତ 'ଅଲିମ୍ପିକ୍ ଟ୍ରୁସ୍' ବଳବତ୍ତର ରହିବ ବୋଲି ସଦସ୍ୟ ଦେଶମାନଙ୍କର ସ୍ୱାକ୍ଷର ସମ୍ବଳିତ ସଂକଳ୍ପ ପାରିତ ହୋଇଛି। ଅଲିମ୍ପିକ୍‌ରେ ଭାଗ ନେଉଥିବା କ୍ରୀଡ଼ାବିତ୍‌ଙ୍କ ସୁରକ୍ଷା ଲାଗି ମଧ୍ୟ ଏହା ଉଦ୍ଦିଷ୍ଟ। ଯଦି ଏହି ସମୟ ଭିତରେ କୌଣସି ଦେଶ ଯୁଦ୍ଧ ଘୋଷଣା କରେ କିମ୍ବା ଅନ୍ୟ ଦେଶ ଉପରେ ଆକ୍ରମଣ କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ନିଏ ତେବେ ସେହି ଦେଶକୁ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେବା ଉପରେ ନିଷେଧାଦେଶ ଜାରି କରାଯିବା ପାଇଁ ସଂକଳ୍ପରେ ସର୍ତ୍ତ ରହିଛି।

୨୦୨୨ ଫେବୃଆରୀ ମାସ ୨୪ ତାରିଖରେ ରୁଷ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ପରଦିନ 'ଅଲିମ୍ପିକ୍ ଟ୍ରୁସ୍' ସର୍ତ୍ତ ଅନୁଯାୟୀ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଏବଂ ତା'ର ତିନିଦିନ ପରେ 'ଫିଫା' ରୁଷ୍ ବିରୋଧରେ କଟକଣା ଜାରି କଲା, ଯାହା ଅଦ୍ୟାବଧି ବଳବତ୍ତର ରହିଛି। ଚଳିତ ବର୍ଷର 'ଅଲିମ୍ପିକ୍ ଟ୍ରୁସ୍' ଗତ ମାର୍ଚ୍ଚ ୨୨ ତାରିଖ ଯାଏଁ ବଳବତ୍ତର ରହିଥିଲା। ଅଥଚ ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ୍ ଉପରେ ଆକ୍ରମଣ କରି ସର୍ତ୍ତ ଭଙ୍ଗ କଲେ। ଆଶ୍ଚର୍ଯ୍ୟଜନକ ଭାବେ ଗତ ମାର୍ଚ୍ଚ ୩ତାରିଖ ଦିନ ଆମେରିକା ଓ ଇସ୍ରାଏଲ୍‌କୁ ଅଲିମ୍ପିକ୍ କ୍ରୀଡ଼ା ଓ 'ଫିଫା' ବିଶ୍ୱକପ୍‌ରୁ ବାସନ୍ଦ କରିବା ପରିବର୍ତ୍ତେ ଇରାନ୍ ବିରୋଧରେ ବାସନ୍ଦ ଲାଗୁ କଲେ।

ସେହିପରି ଅଲିମ୍ପିକ୍ ଚାର୍ଟରର ରୁଲ୍ ୪୪ ଅନୁଯାୟୀ କୌଣସି ଦେଶକୁ ଜାତିଆଣ କିମ୍ବା ସାମ୍ପ୍ରଦାୟିକ କିମ୍ବା ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗରେ ଅଲିମ୍ପିକ୍‌ରେ ଭାଗ ନେବାରୁ ବଞ୍ଚିତ କରାଯାଇପାରିବ ନାହିଁ। ଅଥଚ ୨୦୧୨ରେ ଦେଶର ଆଭ୍ୟନ୍ତରୀଣ ଦୁର୍ନୀତି ଅଭିଯୋଗ ଏବଂ ୨୦୧୯ ରେ କେତେକ ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ଭିସା କଟକଣା ଲାଗୁ କରିଥିବା ଅଭିଯୋଗରେ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଭାରତ ଉପରେ ଏବଂ ୨୦୧୭ ରେ ଇସ୍ରାଏଲ୍‌କୁ କେତେକ କ୍ଷେତ୍ରରେ ବିରୋଧ କରିଥିବା ଅଭିଯୋଗରେ 'ଫିଫା' ଇଣ୍ଡୋନେସିଆ ଉପରେ ନିଷେଧାଦେଶ ଜାରି କରିଥିଲା। ଅପରପକ୍ଷରେ ଏବେ ୧୨ରୁ ଊର୍ଦ୍ଧ୍ୱ ଦେଶ ବିରୋଧରେ ଭିସା କଟକଣା ଜାରି କରିଥିବା ଆମେରିକାକୁ ୨୦୨୮ ରେ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ କରିବାର ଅନୁମତି ମିଳିଛି। ଅର୍ଥାତ୍ ସମାନ କାରଣ ପାଇଁ ରୁଷ୍, ଭାରତ ଓ ଇଣ୍ଡୋନେସିଆ ବିରୋଧରେ ଲାଗୁ ହୋଇଥିବା କଟକଣା ଆମେରିକା ବିରୋଧରେ ଲାଗୁ ହୋଇପାରିଲା ନାହିଁ। ସମାନ ଘଟଣା ପାଇଁ ସମାନ ଅନୁଷ୍ଠାନର ଦୁଇବିପରୀତମୁଖୀ ଆଭିମୁଖ୍ୟ ପଛର ମୁଖ୍ୟ କାରଣ ହେଉଛି ବିଶ୍ୱ କ୍ରୀଡ଼ା ପାଣ୍ଠିକୁ ଆମେରିକାର ଏକାକୀ ଅବଦାନ ଏକ-ତୃତୀୟାଂଶ। ଆମେରିକାର ଆର୍ଥିକ ଦାଦାଗିରିର ଏହା ଆଉ ଏକ ଉଦାହରଣ।

# ଘରଭଡ଼ା: ବିବାଦ ଓ ବୈଷମ୍ୟ

**ଅବଶ ପରିଡ଼ା**

କିଛିଦିନ ତଳେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଆଇନ ୨୦୨୬' ନାମକ ଅଧିସୂଚିତ ଏକ ଚିଠା ଆଇନ ଆସିଛି। ରାଜ୍ୟର ୫୯ ବର୍ଷ ତଳର ପୁରୁଣା ଭଡ଼ା ଆଇନ ଏହା ହେଉଛି ସଂଶୋଧିତ ରୂପ। ଏଥିରେ ଅନେକ ନିୟମ ଅଛି; ଯେପରିକି ଲିଖିତ ଭଡ଼ା ଚୁକ୍ତିନାମାକୁ ବାଧ୍ୟତାମୂଳକ ସହିତ ଦୁଇମାସର ଭଡ଼ାରେ ଆବାସିକ ସୁରକ୍ଷା ଜମାକୁ ସୀମିତ କରାଯାଇଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ଯେ ୬୦ ରୁ ୯୦ ଦିନ ମଧ୍ୟରେ ଭଡ଼ାଟିଆ ଓ ଘରମାଲିକ ବିବାଦର ଦ୍ରୁତ ସମାଧାନ ପାଇଁ ସମର୍ପିତ 'ଭଡ଼ା ଅଦାଲତ' ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି।

ଏତେ ବର୍ଷ ପରେ ସରକାରଙ୍କ ଏହି ନିଷ୍ପତ୍ତି ସୂଚାଇ ଦେଉଛି ଯେ ଘର ମାଲିକ ଓ ଭଡ଼ାଟିଆ ବିବାଦ ଏବେ ଆଉ ବ୍ୟକ୍ତିଗତ ସମସ୍ୟା ନୁହେଁ। ଜମି ଓ ସମ୍ପତ୍ତି ବିବାଦର ବ୍ୟାପକ ବର୍ଗରେ ଆସୁଥିବା ଏହି ବିବାଦ ହେଉଛି ଭାରତରେ ନ୍ୟାୟିକ ବ୍ୟବସ୍ଥାର ଏକ ବଡ଼ ଅଂଶ। ଅଣଅନୁଷ୍ଠାନିକ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ଚାରି କୋଟିରୁ ଅଧିକ ଘରମାଲିକ ଓ ଭଡ଼ାଟିଆଙ୍କ ବିବାଦ ଅଦାଲତମାନଙ୍କରେ ଗଡ଼ୁଛି। ଏହି ପରିପ୍ରେକ୍ଷୀରେ କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ ପ୍ରକାଶ କରିଥିଲେ ଯେ 'ଘରମାଲିକ ଓ ଭଡ଼ାଟିଆ ବିବାଦ ମାମଲାଗୁଡ଼ିକ ବହୁତଦିନ ଧରି ଚାଲୁଛି, ଯାହାଦ୍ୱାରା ଉଭୟ ପକ୍ଷ ପ୍ରଭାବିତ ହେଉଛନ୍ତି। କିଛି କ୍ଷେତ୍ରରେ, ସମ୍ପତ୍ତି ଓ ଭଡ଼ା ନ ପାଇବା ଯୋଗୁଁ ଘରମାଲିକ ଚିନ୍ତାରେ ରହୁଛନ୍ତି। ଅନେକାଂଶରେ ପ୍ରଚୁର ପରିମାଣର ଟଙ୍କା ଫେରସ୍ତ ନିର୍ଦ୍ଦେଶ ଦିଆଯିବା ପରେ ଭଡ଼ାଟିଆ ମଧ୍ୟ ଆର୍ଥିକ ଚାପ ଅନୁଭବ କରୁଛନ୍ତି। ଏହାର ଏକ ସଂରଚନାମୂଳକ ସମାଧାନ ଆବଶ୍ୟକ ଅଛି।' ତେଣୁ ଏହା ଏକ ସାମାଜିକ -ଆଇନଗତ ସମସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଲୋକଙ୍କର ସହରାଭିମୁଖୀ ମାନସିକତା ଯୋଗୁଁ ଭଡ଼ାଘରର ଚାହିଦା ବଢ଼ୁଛି। ତଦନୁଯାୟୀ ଘର ନିର୍ମାଣ ହୋଇପାରୁ ନ ଥିବାରୁ ଭଡ଼ାଘର ସମସ୍ୟାର ରୂପ ନେଇଛି। ଏହି ସମସ୍ୟା ଓ ଦ୍ୱନ୍ଦ୍ୱ ଏତେ ଶୀଘ୍ର ସମାଧାନ ହେବାର ଆଶା ନାହିଁ। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ତିନି କୋଟିରୁ ଅଧିକ ଭଡ଼ାଟିଆ ଘର ମଧ୍ୟରୁ ପ୍ରାୟ ୭୯.୪% ଥିଲା ସହରାଞ୍ଚଳରେ। ପ୍ରାୟ ପନ୍ଦର କୋଟିରୁ ଅଧିକ ଲୋକ ଭଡ଼ା ଘରେ ରହୁଥିଲେ। ଅନୌପଚାରିକ ଭଡ଼ା ଘର, ଭଡ଼ାଟିଆ ବସ୍ତି ବାସିନ୍ଦା ଓ ଚୁକ୍ତିନାମା ବିନା ଭଡ଼ାଘରର ସଠିକ ଆକଳନ ୧୫ ବର୍ଷ ତଳର ଜନଗଣନାରେ ଉଲ୍ଲେଖ ନଥିଲା। ତେଣୁ ସରକାରୀ ଆକଳନ ଏବଂ ପ୍ରକୃତ ସଂଖ୍ୟାରେ ନିଶ୍ଚିତ ଭାବେ ପାର୍ଥକ୍ୟ ରହିଥିବ।

ଭଡ଼ାଘରର ଆର୍ଥିକ କାରବାର ହେଉଛି ଏକ ସ୍ୱତନ୍ତ୍ର ଅର୍ଥନୀତି ଏବଂ ଭାରତର ସହରାଞ୍ଚଳ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ରେଣ୍ଟାଲ ହାଉସିଂ ମାର୍କେଟ(ଆରଏଚ୍‌ଏମ୍) ଭାବେ ପରିଚିତ। ଭାରତରେ ଏହାର ବଜାର ମୂଲ୍ୟ ଦୁଇ ଲକ୍ଷ ହଜାର କୋଟି ଟଙ୍କାରୁ ଅଧିକ। ପ୍ରତି ବର୍ଷ ଏହା ପନ୍ଦର ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ଜଣାପଡ଼ିଛି। କିନ୍ତୁ ଏହି ଆର୍ଥିକ ହିସାବ ଉପରେ ଅନେକଙ୍କ ସନ୍ଦେହ ଅଛି। ଏହା ବାସ୍ତବ ଚିତ୍ର ନୁହେଁ, ବରଂ ଏହି ଅର୍ଥନୀତି ହେଉଛି ଏକ ହିମପାହାଡ଼ର ଶୀର୍ଷ ସଦୃଶ୍ୟ। ଚାହିଦା, ଅଭାବ ଓ ଯୋଗାଣ ଭଳି ଅର୍ଥନୀତିର ସମସ୍ତ ଉପାଦାନ ଥିବା ଏକ ସ୍ୱତନ୍ତ୍ର ବଜାର ହେଉଛି ରେଣ୍ଟାଲ ହାଉସିଂ ମାର୍କେଟ। ତେଣୁ ଏଥିରେ ଶ୍ରେଣୀ ବିବାଦ ଓ ସ୍ୱାର୍ଥର ସଂଘର୍ଷ ମଧ୍ୟ ରହିବା ସ୍ୱାଭାବିକ।

ସମାଜବିଜ୍ଞାନରେ ହୋଇଥିବା କିଛି ଗବେଷଣା ଅନୁଯାୟୀ ଭାରତରେ ଘରମାଲିକ-ଭଡ଼ାଟିଆ ବିବାଦ ମୁଖ୍ୟତଃ ଭଡ଼ା ଚୁକ୍ତିନାମା ନଥିବା ଅନୌପଚାରିକ ଭଡ଼ା କ୍ଷେତ୍ରରେ ଦେଖାଯାଏ। ଭଡ଼ା ବଜାରର ପ୍ରାୟ ୭୦% ହେଉଛି ଅନୌପଚାରିକ। ତେଣୁ ଆନୁଷ୍ଠାନିକ ଚୁକ୍ତିନାମା ବିନା ରହୁଥିବା ଆର୍ଥିକ ଦୁର୍ବଳ ବର୍ଗର ଭଡ଼ାଟିଆମାନେ ଘରମାଲିକଙ୍କ ଦୟା ଉପରେ ନିର୍ଭରଶୀଳ। ସେହିପରି ଅନ୍ୟକିଛି ଅଧ୍ୟୟନଗୁଡ଼ିକରେ ଉଲ୍ଲେଖ ହୋଇଛି ଯେ ଭାରତୀୟ ଘରମାଲିକମାନେ ପ୍ରାୟତଃ ଶୋଷଣମୂଳକ ସର୍ତ୍ତାବଳୀ ଲାଗୁ କରିଥିବାରୁ ଭଡ଼ାଟିଆଙ୍କ ପାଇଁ ଆର୍ଥିକ ଓ ସାମାଜିକ ଚାପ ସୃଷ୍ଟି ହେଉଛି। ସମାଜବିଜ୍ଞାନୀମାନଙ୍କ ମତରେ ଏହି ବିବାଦ ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ମଧ୍ୟ ଅନେକାଂଶରେ ପ୍ରଭାବିତ କରୁଛି। ସମାଧାନ ନିମନ୍ତେ ପୁଲିସ, ଭଦ୍ରଲୋକ, ସାହି ମୁରବି, ଭଡ଼ାଟିଆ ଗୁଣ୍ଡା, ନେତା ଏହି ବିବାଦରେ ସାମିଲ ହେଉଛନ୍ତି।

ଆଧୁନିକ ସମାଜଶାସ୍ତ୍ରୀମାନେ ଘରମାଲିକ ଓ ଭଡ଼ାଟିଆଙ୍କ ସମ୍ପର୍କ ଓ ବିବାଦର ଏକ ସାମାଜିକ-ସାଂସ୍କୃତିକ ଦିଗ ଉପରେ ଗବେଷଣା କରୁଛନ୍ତି। ଏହି ଅଧ୍ୟୟନଗୁଡ଼ିକ ସୂଚାଇ ଦିଏ ଯେ ଭାରତୀୟ ସହରାଞ୍ଚଳରେ ଭଡ଼ା ଘର ସାମାଜିକ ପ୍ରତ୍ୟାଖ୍ୟାନର ଏକ ପ୍ରମୁଖ ସ୍ଥାନ ହୋଇଯାଇଛି, ଯେଉଁଠାରେ ପାରମ୍ପରିକ ପଦାନୁକ୍ରମ, ପୂର୍ବାଗ୍ରହ ଓ ପକ୍ଷପାତ ସିଧାସଳଖ ଭାବେ ଘରଭଡ଼ା ବଜାରକୁ ପ୍ରଭାବିତ କରୁଛି। 'ସେଣ୍ଟର ଫର ଇକ୍ୱିଟି ଷ୍ଟଡିଜ୍ ଆଣ୍ଡ ଅର୍ବାନ ଡିସ୍କ୍ରିମିନେସନ ପ୍ରୋଜେକ୍ଟ' ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ମୁସଲମାନ, ଦଳିତ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଲୋକମାନେ ସର୍ବାଧିକ ଭଡ଼ାବୈଷମ୍ୟର ସମ୍ମୁଖୀନ ହେଉଛନ୍ତି। ଘରମାଲିକମାନେ ପ୍ରାୟତଃ 'ସାଂସ୍କୃତିକ ସୁସଙ୍ଗତତା' କିମ୍ବା 'ସ୍ୱଚ୍ଛତା' ଆଳ ଦର୍ଶାଇ ଆମିଷ ଖାଦ୍ୟ ଖାଉଥିବା ଭଡ଼ାଟିଆଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଗୁଜରାଟ ଓ ମହାରାଷ୍ଟ୍ରରେ ଉଚ୍ଚ-ଜାତି କିମ୍ବା କେବଳ ନିରାମିଷ ଖାଦ୍ୟ ଖାଉଥିବା ଭଡ଼ାଟିଆଙ୍କୁ ଅଗ୍ରାଧିକାର ଦିଆଯାଏ ବୋଲି ଏହି ରିପୋର୍ଟ ଉଲ୍ଲେଖ କରିଛି।

ଭଡ଼ାଟିଆଙ୍କୁ ସୁରକ୍ଷା ଦେବା ପାଇଁ ଭାରତରେ କେତେକ ଆଇନ ଅଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏ ସବୁ ନିୟମ ଏକ ସୁସ୍ଥ ଭଡ଼ା ବଜାର ପାଇଁ ପ୍ରତିବନ୍ଧକ ପାଲଟିଛି। ଏଠି ଜାଣି ରଖିବାକୁ ହେବ ଯେ ଭଡ଼ା ହେଉଛି ଘରମାଲିକଙ୍କ ପାଇଁ ଏକ ନିବେଶ। ତେଣୁ ଅଧିକ ଲାଭ ଆଶା କରିବା ସ୍ୱାଭାବିକ। କିନ୍ତୁ ଭଡ଼ାଟିଆ ବିବାଦ ଏବଂ କ୍ଷତିର ଭୟ ଯୋଗୁଁ ଭାରତରେ ଦୁଇକୋଟିରୁ ଅଧିକ ଘର ଭଡ଼ାରେ ଲାଗିପାରିନାହିଁ ବା ଖାଲି ପଡ଼ିଛି। ପୃଥିବୀର ପ୍ରାୟ ସମସ୍ତ ଦେଶରେ ପାରମ୍ପରିକ ଭଡ଼ା ତତ୍ତ୍ୱ ଏକ 'ବଣ୍ଟନ ପରିଣାମ' ରେ ପର୍ଯ୍ୟବସିତ। ଏହାର ଅର୍ଥ ହେଉଛି କିଏ ଭଡ଼ା ଦେବ ଏବଂ କିଏ ଲାଭ ପାଇବ ତାହା ହିଁ ଏହି ଅର୍ଥନୀତିର ଗତିଶୀଳତାକୁ ନିର୍ଣ୍ଣୟ କରେ। ଏହି ଧାରଣା ଯୋଗୁଁ ଅନେକ ସମୟରେ ଘରମାଲିକ ଓ ଭଡ଼ାଟିଆଙ୍କ ସମ୍ପର୍କ କେବଳ ଆର୍ଥିକ ନେଣଦେଣ ମଧ୍ୟରେ ସୀମିତ ରହିଯାଉଛି। ଉଦାହରଣ ସ୍ୱରୂପ କୋଭିଡ ମହାମାରୀ ଭଳି ବିପର୍ଯ୍ୟୟ ସମୟରେ ଏହି ବିବାଦ ତୀବ୍ର ହୋଇଥିଲା।

ସୁରକ୍ଷିତ ରହିବା ପାଇଁ ଅନେକ ଭଡ଼ାଟିଆଙ୍କୁ ଘରୁ ବାହାର କରାଯାଇଥିଲା ବୋଲି କିଛି ରିପୋର୍ଟ ଉଦବେଗ ପ୍ରକାଶ କରିଥିଲେ। ଘର ମାଲିକର କଟୁ କଥା ବା ସମ୍ପର୍କରେ ପୂର୍ଣ୍ଣଚ୍ଛେଦର ଭାବନା ନୁହେଁ ବରଂ ଭଡ଼ାଟିଆଙ୍କୁ ନୂଆ ଆର୍ଥିକ ସର୍ତ୍ତ ସହ ପୁନଃ ବାସସ୍ଥାନ ଖୋଜିବା ଓ ସ୍ଥାନାନ୍ତରର ଚିନ୍ତା ବେଶୀ ଚାପଗ୍ରସ୍ତ କରିଦିଏ। ମାନବିକତା କିମ୍ବା ସହାନୁଭୂତି ଖୋଜିବା ନିରର୍ଥକ। କାରଣ ଆଧୁନିକ ସ୍ଥିତିରେ ଏହା ଚାହିଦା ଓ ଯୋଗାଣ ତତ୍ତ୍ୱ ଉପରେ ଆଧାରିତ। କେବଳ ଘରମାଲିକ ପାଖେ ସହାନୁଭୂତି ଖୋଜିଲେ ହେବନି। ବିବାଦ ପାଇଁ ଭଡ଼ାଟିଆମାନେ ମଧ୍ୟ ଅନେକ କ୍ଷେତ୍ରରେ ଦାୟୀ। ଠିକ ସମୟରେ ଭଡ଼ା ନ ଦେବା କିମ୍ବା ବିଳମ୍ବରେ ଭଡ଼ା ଦେବା ହେଉଛି ଏକ ପ୍ରମୁଖ କାରଣ। ଯାହାଫଳରେ ମାଲିକଙ୍କ ଉପରେ ଆର୍ଥିକ ଚାପ ଓ ପରସ୍ପର ମଧ୍ୟରେ ଅବିଶ୍ୱାସ ସୃଷ୍ଟି ହୁଏ। ସେହିପରି ଖରାପ ରକ୍ଷଣାବେକ୍ଷଣ, ଆବାସିକ ସ୍ଥାନର ବାଣିଜ୍ୟିକ ବ୍ୟବହାର ଏବଂ ଭଡ଼ାଘରର ଅପବ୍ୟବହାର ହେଉଛି ବିବାଦର ଅନ୍ୟକିଛି ପ୍ରମୁଖ କାରଣ।

'ମନିଲାଇଫ୍ ଫାଉଣ୍ଡେସନ୍'ର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ରିପୋର୍ଟ ହୋଇଥିବା ଘରମାଲିକ-ଭଡ଼ାଟିଆ ବିବାଦ ମଧ୍ୟରୁ ୩୮.୫% ହେଉଛି କେବଳ ରକ୍ଷଣାବେକ୍ଷଣ ଏବଂ ଭଡ଼ା ସମସ୍ୟା ଜନିତ।ଏହାବ୍ୟତୀତ ଘରଭଡ଼ାରେ ଦେଇଥିବା ସୁରକ୍ଷା ଜମା ରାଶି ଫେରସ୍ତକୁ ନେଇ ମଧ୍ୟ ବିବାଦ ହେବାର ଅନେକ ନଜିର ଅଛି। କେତେକ ସ୍ଥଳରେ ଭଡ଼ାଟିଆମାନେ ଭଡ଼ାଘରକୁ ଅକ୍ତିଆର ପାଇଁ ନ୍ୟାୟାଳୟର ଆଶ୍ରୟ ନେଉଥିବା ପରି ଘଟଣାକୁ ଅଣଦେଖା କରାଯାଇପାରିବ ନାହିଁ। 'ଜ୍ୟୋତି ଶର୍ମା ବନାମ ବିଷ୍ଣୁ ଗୋୟଲ' ମାମଲାର ଐତିହାସିକ ରାୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମତ ରଖିଥିଲେ ଯେ ଜଣେ ଭଡ଼ାଟିଆ ତାଙ୍କ ରହଣିର ଅବଧି ନିର୍ବିଶେଷରେ, ପ୍ରତିକୂଳ ଦଖଲ ମାଧ୍ୟମରେ କେବେବି ସମ୍ପତ୍ତିର ମାଲିକ ହୋଇପାରିବେ ନାହିଁ। ମାନ୍ୟବର ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଜଣେ ଭଡ଼ାଟିଆ ପାଞ୍ଚ ବର୍ଷ ପାଇଁ କିମ୍ବା ପଚାଶ ବର୍ଷ ଧରି ରହିଥିଲେ ମଧ୍ୟ ଘରମାଲିକମାନଙ୍କର ଆଇନଗତ ଅଧିକାର ବଜାୟ ରହିବ।

ଘରମାଲିକ ଓ ଭଡ଼ାଟିଆଙ୍କ ସ୍ୱାର୍ଥକୁ ସନ୍ତୁଳିତ କରିବା ପାଇଁ ଉଭୟ ଭାରତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ନୂଆ ଆଇନ ଆସିଛି। କିନ୍ତୁ ଭାରତରେ ଏହାର ପ୍ରୟୋଗକୁ ନେଇ ଆଶଙ୍କା ଉପୁଜୁଛି। ତେଣୁ କେବଳ ସ୍ୱଚ୍ଛ ନିୟମାବଳୀ ନୁହେଁ; ବରଂ ସାମାଜିକ ବିଶ୍ୱାସ ମାଧ୍ୟମରେ ଏହାର ସମାଧାନ ସମ୍ଭବ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଦୁଇ ବର୍ଷ: ବଢ଼ିଛି କେତେ, ଛିଡ଼ିଛି କେତେ?

**ହିମାଂଶୁ ଶେଖର ତ୍ରିପାଠୀ**

ଇତିମଧ୍ୟରେ ଆମ ରାଜ୍ୟର ବିଜେପି ସରକାର ଦୁଇବର୍ଷ ପୂରଣ କରିସାରିଛି। ଦୀର୍ଘ ୨୫ ବର୍ଷରେ ଅନେକ ସଫଳତା ପାଇଥିବା ଏବଂ ଗରିବ କଲ୍ୟାଣ ଦିଗରେ ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ବିଜେଡି ଭଳି ଏକ ଦଳକୁ କ୍ଷମତାରୁ ହଟାଇବା କଷ୍ଟସାଧ୍ୟ ଥିଲା। କିନ୍ତୁ ରାଜନୈତିକ ବିଶେଷଜ୍ଞମାନଙ୍କ ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରିଥିଲା ୨୦୨୪ର ସାଧାରଣ ନିର୍ବାଚନ। ଶିକ୍ଷା, ସୁରକ୍ଷା ଓ ରୋଜଗାର ସହିତ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଲଢ଼େଇ ଭିତରେ ଯେଉଁ ପରିବର୍ତ୍ତନ ଭୋଟ ଆସିଲା ଏବଂ ଯେଉଁ ପ୍ରତିଶ୍ରୁତିକୁ ନେଇ ସରକାର କ୍ଷମତାକୁ ଆସିଲା ତାହା କେତେ ପୂରଣ ହେଲା ଆମେ ସମସ୍ତେ ଅବଗତ ଅଛନ୍ତି।

ଅନୁକୂଳ ପରିସ୍ଥିତିରେ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଶ୍ରେୟ ଦେବା ଆମ କର୍ତ୍ତବ୍ୟ। ରାଜ୍ୟ ସରକାର 'ବିକଶିତ ଓଡ଼ିଶା' ଗଠନ ସଂକଳ୍ପ ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ ଲକ୍ଷ କୋଟି ଟଙ୍କାର ଏକ ଐତିହାସିକ ବଜେଟ୍ ଉପସ୍ଥାପନ କରିଛନ୍ତି। ଓଡ଼ିଶା ଇତିହାସରେ ଏହା ସର୍ବବୃହତ ବଜେଟ୍ ହୋଇଥିବା ବେଳେ ଏଥିରେ ଭିତ୍ତିଭୂମି ବିକାଶ, କୃଷି ଓ ମହିଳା ସଶକ୍ତୀକରଣକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। 'ସୁଭଦ୍ରା' ଯୋଜନା, ଧାନର ଏମ୍‌ଏସ୍‌ପି ବୃଦ୍ଧି ସହ ସହାୟତା ପ୍ରଦାନ, ଶିକ୍ଷା କ୍ଷେତ୍ରରେ କେଜିରୁ ପିଜି ମାଗଣା ଶିକ୍ଷା, ନିଯୁକ୍ତି ବୟସ ସୀମା ବୃଦ୍ଧି, ଜନଶୁଣାଣି ଆଦି ପଦକ୍ଷେପ ସରକାରଙ୍କୁ ଲୋକାଭିମୁଖୀ କରୁଛି ବୋଲି ଶାସକ ଦଳ ପକ୍ଷରୁ ଉଦ୍‌ଘୋଷଣା କରାଯାଇଛି।

ଅପରପକ୍ଷରେ ଏହି ଦୁଇ ବର୍ଷରେ ଅନେକ ଘଟଣା ଘଟିବା ସରକାରଙ୍କୁ ବଦନାମ କରିଛି। କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫାଇଲ ହଜିବା ରହସ୍ୟମୟ ଲାଗୁଛି। ଆଜି ଅନେକ ସ୍ଥାନରେ ଭିଡ଼ ହିଂସା ବଢ଼ିବାରେ ଲାଗିଛି। ପୂର୍ବତନ ରାଜ୍ୟପାଳଙ୍କ ପୁଅ ପ୍ରଶାସନ କର୍ମଚାରୀଙ୍କୁ ଶାରୀରିକ ନିର୍ଯାତନା ଦେବାର ତଦନ୍ତ ଯେ କେଉଁ ଆଡ଼େ ଗଲା ଜନତାଙ୍କୁ ଜଣାନାହିଁ। ସରକାର ଦଳରେ ରହି ପ୍ରଶାସନର ଲୋକଙ୍କୁ ଧମକ ଦେବା ଏବେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ସଦ୍ୟ ସଦ୍ୟ ପ୍ରକାଶିତ ୩୮୦ କୋଟି ଟଙ୍କାର ବ୍ୟୟରେ ମୁଦ୍ରିତ ପାଠ୍ୟ ପୁସ୍ତକରେ ପାଖାପାଖି ୧୭୦୦ ଭୁଲ୍‌ରୁ କେଉଁ ଭଳି ଭାବେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି ସ୍ପଷ୍ଟ ପ୍ରତୀୟମାନ ହେଉଛି। ନିଯୁକ୍ତି କ୍ଷେତ୍ରରେ କେତେବେଳେ ପେପର ଲିକ ତ କେତେବେଳେ ନିଯୁକ୍ତି କେଲେଙ୍କାରୀ। ଅବଶ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଘୋଷଣା ହେଉଛି। କିନ୍ତୁ ସେ ଭିତରେ ଅନେକ ବଡ଼ମାଛ ଖସି ଯାଉଛନ୍ତି, ଯାହାକୁ ଧରିବା ଆବଶ୍ୟକତା ରହିଛି। ଖଣି ଦୁର୍ନୀତିରେ ସମାନ ଅବସ୍ଥା। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ପାଇଁ ଅନେକ ସମୟରେ ଚୋରାଚାଲାଣ ହେଉଥିବା ବେଳେ ଅନେକ ସମୟରେ ବାଲି ମାଫିଆଙ୍କ ଅତ୍ୟାଚାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଖରାପ କରୁଛି। ଗରିବ କଲ୍ୟାଣ ଦିଗରେ ପ୍ରାୟ ୨ ରୁ ୩ ମାସ ହେବ ଭତ୍ତା ପ୍ରଦାନ ନ କରିବା ରାଜ୍ୟ ସରକାରଙ୍କ ଭାବମୂର୍ତ୍ତି ବିଗାଡ଼ି ଦେଇଛି। ଲୋକେ ଏବେ କହୁଛନ୍ତି ଆମେ ଭାବିଥିଲେ କ'ଣ ହେଉଛି କ'ଣ?

ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଏକ ପ୍ରହସନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ପୁଣି ସେହି ଅବସ୍ଥା। ନିଷ୍ପତ୍ତି ନେବା ପୂର୍ବରୁ ଦୂରଦୃଷ୍ଟି ରଖିବା ଆବଶ୍ୟକ ରହିଛି। ରାଜ୍ୟରେ ଜେନ-ଜେଡ୍ ଭୋଟର ସଂଖ୍ୟା ପାଖାପାଖି ୭୦ ଲକ୍ଷ। ଯିଏ ଏହି ବର୍ଗର ଭୋଟରଙ୍କୁ ଅଧିକ ଆକୃଷ୍ଟ କରୁଛି ସେ ନିର୍ବାଚନ ମଇଦାନରେ ବିଜୟ ସମ୍ଭାବନା ଅଧିକ ଆଶା କରୁଛି। ଏହାକୁ ଆଖି ଆଗରେ ରଖି ସଂଗଠନର ବିଚାରଧାରା ପରିବର୍ତ୍ତେ ନେତା ମନ୍ତ୍ରୀ ବିଭିନ୍ନ ସମୟରେ ନିଜର ଚାଟୁକାର ସଜାଇବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଆଗାମୀ ଦିନରେ ନେତୃତ୍ୱ ବଦଳରେ ଗୋଲାମୀ ପ୍ରଥା ଦେଖିବାକୁ ମିଳିବ ବୋଲି ଆଶଙ୍କା କରାଯାଉଛି। ଆଜିକାଲି ଏମିତି ବି ଦେଖା ଗଲାଣି ଯେ ଦୁର୍ନୀତି ଭ୍ରଷ୍ଟାଚାର କରି ଯେଉଁ ଲୋକଙ୍କୁ ଶାସନ ଗାଦିରୁ ହଟାଇଲେ, ସେମାନେ ଆଜି ପୁଣି ସରକାର ଦଳର ଛତ୍ରଛାୟା ତଳେ। ଯିଏ ପ୍ରତିକୂଳ ପରିସ୍ଥିତିରେ ଅନେକ ବଦନାମ କରିଥିଲେ ଆଜି ଅନୁକୂଳ ପରିସ୍ଥିତିରେ କିପରି ସଂଗଠନକୁ ସଶକ୍ତ କରିବେ ତାହା ପ୍ରଶ୍ନବାଚୀ? ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗତ ଦୁଇବର୍ଷରେ କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକୃତ ବା ଗୁଣାତ୍ମକ ପରିବର୍ତ୍ତନ ହୋଇନାହିଁ। ଭିତରର ବ୍ୟବସ୍ଥା ଜରାଜୀର୍ଣ୍ଣ ଓ ଦୁର୍ନୀତିଗ୍ରସ୍ତ ହୋଇରହିଛି। ବିଭିନ୍ନ ନିଯୁକ୍ତିର ଅହେତୁକ ବିଳମ୍ବ ଘଟୁଛି। ପରିବର୍ତ୍ତନ ପ୍ରତାରଣା ଭଳି ମନେ ହେଉଛି।

ବିଜ୍ଞାପନ ଓ ବାହାବା ନେବାରେ ସରକାର ଅଗ୍ରଣୀ ଭୂମିକା ପରିବର୍ତ୍ତେ ପ୍ରଥମେ ନିଜ ଭୁଲକୁ ସଂଶୋଧନ କରିବା ଆବଶ୍ୟକ। 'ସଶକ୍ତ ଓଡ଼ିଶା ସମୃଦ୍ଧ ଓଡ଼ିଶା' ଗଠନରେ ବ୍ରତୀ ହେବାକୁ ମୁଖିଆ ନୀତି ପ୍ରଣୟନ ସହ ଆଲୋଚନା ଆବଶ୍ୟକ। ଦୁର୍ନୀତି ନିବାରଣ କେବଳ ପ୍ରଚାର ପ୍ରସାରରେ ସୀମିତ ନ ରହି ତୃଣମୂଳସ୍ତରରୁ ସ୍ଥିତି ଅନୁଧ୍ୟାନ କରିବା ଆବଶ୍ୟକ। ଆମକୁ 'ବିକାଶର ଧାରା- ଓଡ଼ିଶା ସାରା' ନୀତିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ପ୍ରୟାସ ହେବା ଦରକାର। ଦୁଇ ବର୍ଷରେ ହୋଇଥିବା ବିକାଶର ଦୁଇ ଗୁଣା ବୃଦ୍ଧି ହେବା ସହ 'କାମନା ନୁହେଁ କର୍ମ',' ପ୍ରତିଷ୍ଠା ନୁହେଁ ପରାକାଷ୍ଠା', 'ଆସକ୍ତି ନୁହେଁ ଆସ୍ଥା' ସର୍ବଦା ଆମ ସମସ୍ତଙ୍କ ଧ୍ୟେୟ ହେଉ।

ଆସିକା, ମୋ: ୮୬୩୭୨୧୫୦୮୨

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

**ଚାରଣ ବସନ୍ତ ପଣ୍ଡା**

*ପୂର୍ବପ୍ରକାଶିତ ଉତ୍ତାରୁ...*

ରତ୍ନଭଣ୍ଡାର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ମଧ୍ୟରେ ରହୁଥିଲା। ଭିତର ଭଣ୍ଡାର ଦୁଇଟି କୋଲପ(ତାଲା) ପଡ଼ି ଯଥାକ୍ରମେ ତାହାର ଚାବି ମନ୍ଦିର ସୁପରିଟେଣ୍ଡେଣ୍ଟ, ଭଣ୍ଡାର ନାୟକ ଓ ଭଣ୍ଡାର ମେକାପ ପାଖରେ ରହୁଥିଲା। ଏଥିରେ ଥିବା ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ ହୋଇ ରହୁଥିଲା। ଶ୍ରୀଜୀଉଙ୍କ ବିଭିନ୍ନ ବେଶ ତଥା ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସେବକ ଓ ରାଜ ପ୍ରତିନିଧିଙ୍କ ଉପସ୍ଥିତିରେ ଅଳଙ୍କାର ତଥା ଦ୍ରବ୍ୟ ସକଳ ବାହାର କରାଯାଇ କାର୍ଯ୍ୟ ସମାପନାନ୍ତେ ଯଥାଯଥ ଭାବରେ ରଖାଯାଉଥିଲା। ୧୮୦୫ ମସିହା ପୂର୍ବରୁ ରତ୍ନ ଭଣ୍ଡାରରେ ଥିବା ସମସ୍ତ ରତ୍ନର ତାଲିକା ଥିଲା। ୧୮୦୫ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଚାଲସ୍ ଗ୍ରୋମ ଭଣ୍ଡାର ମଧ୍ୟସ୍ଥ ସମସ୍ତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରିଥିଲେ। ୧୯୦୫ ମସିହା ଫେବୃଆରୀ ୨୩ ତାରିଖରେ ରାଜକିଶୋର ଦାସ ଶ୍ରୀମନ୍ଦିରର ମ୍ୟାନେଜର ଥିବା ବେଳେ ତାଙ୍କ ତତ୍ତ୍ୱାବଧାନ ତଥା ମହନ୍ତ ଶ୍ରୀରଘୁନନ୍ଦନ ରାମାନୁଜ ଦାସ, ମାଜିଷ୍ଟ୍ରେଟ ଭିକାରୀ ମିଶ୍ର ଓ ଆବଶ୍ୟକୀୟ ପ୍ରଧାନ ସେବକମାନଙ୍କ ଉପସ୍ଥିତିରେ ତାଲିକା ପ୍ରସ୍ତୁତ ହୋଇ ଥିଲା। ୧୯୧୩ ମସିହାରେ ରାଜ କିଶୋର ଦାସ ପୁନର୍ବାର ଶ୍ରୀମନ୍ଦିରର ମ୍ୟାନେଜର ନିଯୁକ୍ତ ହେବା ପରେ ଶ୍ରୀଜୀଉଙ୍କ ଭାଙ୍ଗି ଯାଇଥିବା ଅଳଙ୍କାରଗୁଡ଼ିକୁ ଗଢ଼ାଇ ଥିଲେ। ସେ ସମୟରେ ମଧ୍ୟ ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ୧୯୨୬ ମସିହାରେ ଗଜପତି ରାମଚନ୍ଦ୍ର ଦେବ ଶ୍ରୀମନ୍ଦିରର ସୁପରିଟେଣ୍ଡେଣ୍ଟ ହେବା ପରେ ଭଣ୍ଡାରର ସମସ୍ତ ଦ୍ରବ୍ୟ ମାନ ତଦାରଖ କରି ପୂର୍ବ ତାଲିକାକୁ ମିଳାଇ ଦେଖାଗଲା ଯେ ସାମାନ୍ୟ କିଛି ଅଳଙ୍କାରକୁ ଛାଡ଼ିଦେଲେ ପ୍ରାୟସବୁ ଠିକ୍ ଅଛି। ତାହାପରେ ସେ ସେଥିରେ ସ୍ୱାକ୍ଷର କରିଥିଲେ। ପରବର୍ତ୍ତୀ କାଳରେ ରତ୍ନ ଭଣ୍ଡାରରୁ କେତେକ ଅଳଙ୍କାର ବାହାରକୁ ଚାଲି ଯାଉଥିବାର ଖବର ତା୧୧.୯.୧୯୪୪ ମସିହା ଖବରକାଗଜ (ସମାଜ) ରେ ପ୍ରକାଶିତ ହୋଇଥିଲା ବୋଲି ଶ୍ରୀଯୁକ୍ତ ପ୍ରଫେସର୍ ସୁରେନ୍ଦ୍ର ନାଥ ଦାଶ 'ଶ୍ରୀମନ୍ଦିରର ରତ୍ନ ଭଣ୍ଡାର' ପୁସ୍ତକର ପୃ- ୯ ରେ ଉଲ୍ଲେଖ କରିଛନ୍ତି।



ରାଜ୍ୟ ସରକାର ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଭାର (ପ୍ରଶାସନିକ) ୧୯୬୦ ମସିହାରେ ନେବା ପୂର୍ବରୁ ସ୍ପେଶାଲ ଅଫିସର ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ୧୯୫୨ ମସିହା ଶ୍ରୀମନ୍ଦିର (ପ୍ରଶାସନ) ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ଭିତର ଭଣ୍ଡାର ଓ ବାହାର ଭଣ୍ଡାରରେ ଥିବା ସମସ୍ତ ସୁନା, ରୁପା, ହୀରା , ନୀଳା, ମୋତି , ମାଣିକ୍ୟ ଆଦି ଅଳଙ୍କାର ସଙ୍ଗକୁ ଆସବାବପତ୍ରର ଏକ ତାଲିକା ପ୍ରସ୍ତୁତ ହେଲା। ବୋଧହୁଏ ସେହି ତାଲିକା ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ପ୍ରକାଶିତ ହୋଇଛି। ତାଲିକାରେ ବାହାର ଓ ଭିତର ଭଣ୍ଡାରର ଅଲଗା ଅଲଗା ତାଲିକା ଅଛି। ବର୍ତ୍ତମାନ କେବଳ ବ୍ୟବହାରିକ ରତ୍ନ ଅଳଙ୍କାର ବାହାର ଭଣ୍ଡାରରେ ଭଣ୍ଡାର ମେକାପ ଜିମା ରହେ ଏବଂ ସେ ତହିଁର ରସିଦ ଦିଅନ୍ତି। ଭିତର ଭଣ୍ଡାରରେ ଦୁଇଟି ତାଲା ପଡ଼ିଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ୧୯୩୦ ଠାରୁ ଉଭୟ ତାଲାର ଚାବି ରାଜାଙ୍କଠାରେ ରହିଥିବାର ଉଲ୍ଲେଖ ରହିଛି। ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ୧୯୬୦ ଡିସେମ୍ବର ୨୭ ରେ ରାଜ୍ୟ ସରକାର ଏକ କମିଟି ଗଠନ କରି ମନ୍ଦିର ପରିଚାଳନା ପାଇଁ ପ୍ରଶାସନକୁ ଦାୟିତ୍ୱ ଦେଲେ। ତା'ପରଠାରୁ ଏହି ତାଲା ଚାବି ମନ୍ଦିର ପ୍ରଶାସନ ପାଖରେ ରହିଥିବା କୁହାଯାଏ। ୧୯୭୮ ମସିହାରେ ଓଡ଼ିଶାର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସକ୍ରମେ ରତ୍ନଭଣ୍ଡାରର ତାଲିକା ନିୟମ ୫(୧)ଓ(୩) ଅନୁସାରେ ଶ୍ରୀମନ୍ଦିର ପ୍ରଶାସକ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ୧୩.୫.୧୯୭୮ ଠାରୁ ୨୩.୭.୧୯୭୮ ମଧ୍ୟରେ ତାଲିକା ପ୍ରସ୍ତୁତ କରି ସତ୍ୟବାଦୀ ପ୍ରେସ ଦ୍ୱାରା ମୁଦ୍ରିତ ତାଲିକା ପ୍ରକାଶ କରିଥଲେ। ପରବର୍ତ୍ତୀ କାଳରେ ରତ୍ନଭଣ୍ଡାର ଛାତ ଓ କାନ୍ଥରୁ ପାଣି ଝରିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇବାରୁ ୨୦୧୮ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟକମିଟି ମାର୍ଚ୍ଚ ୨୮ , ୨୦୧୮ ରେ ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ ମଧ୍ୟ ଚାବି ନମିଳିବା କାରଣରୁ ଭଣ୍ଡାରର ଉପଯୁକ୍ତ ପରୀକ୍ଷା ନିରୀକ୍ଷା ହୋଇ ପାରି ନ ଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରଘୁବୀର ଦାସ କମିଶନ ଏ ସମ୍ବନ୍ଧରେ ଗଠନ କରାଯାଇ ଥିଲେ ମଧ୍ୟ ମାନ୍ୟବର କମିଶନଙ୍କ ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇ ନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ୨୦୨୫ରେ ନବଗଠିତ କମିଟି ରତ୍ନଭଣ୍ଡାର ଯାଞ୍ଚ କରିବା ସହିତ ଗଣତି ମଣତି ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରତ୍ନଭଣ୍ଡାରକୁ ନେଇ ବହୁ ଅଲୌକିକ ଗାଥା ଶୁଣିବାକୁ ମିଳେ। ତେଣୁ ସେହି ବୈଚିତ୍ର୍ୟମୟ ଅମୂଲ୍ୟ ଭଣ୍ଡାରର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେଇ ଯଥା ସମୟରେ ଉଚିତ ପଦକ୍ଷେପ ଗ୍ରହଣ କରି ଏହାର ପୂର୍ବ ମହତ୍ତ୍ୱ ଓ ଗରିମାକୁ ଅକ୍ଷୁଣ୍ଣ ରଖିବାକୁ ବିନମ୍ର ନିବେଦନ। (ସମାପ୍ତ)

ଜୟ ଜଗନ୍ନାଥ

ନୟାଗଡ଼, ମୋ: ୯୨୩୭୦୯୫୨୪୯

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗାଡ଼ିର ମାଲିକାନା ବଦଳ ପ୍ରସଂଗ

# ଜାଲ୍ କାଗଜପତ୍ର କ୍ଷେତ୍ରରେ ଉତ୍ତରଦାୟୀ ହେବେ ସମ୍ପୃକ୍ତ ଅଧିକାରୀ

କଟକ, ୯ ।୭ (ସମିସ): ରାଜ୍ୟରେ ଗାଡ଼ି ପଞ୍ଜୀକରଣ, ମାଲିକାନା ବଦଳ ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପରିବହନ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଣିକି ଆବେଦନକାରୀଙ୍କ ପରିଚୟ, ଠିକଣା ଏବଂ ଆଞ୍ଚଳିକ ଯୋଗ୍ୟତାର ସଠିକ୍ ଯାଞ୍ଚ ନ କରି କୌଣସି ବି ଗାଡ଼ିର ଉପରୋକ୍ତ କାର୍ଯ୍ୟ କରାଯାଇପାରିବ ନାହିଁ। ନିକଟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ଭିତ୍ତିକରି ପରିବହନ ବିଭାଗ ଏହି ନିଷ୍ପତ୍ତି ନେଇଛି। ଉକ୍ତ ଘଟଣାରେ ଜଣେ କ୍ରେତାଙ୍କ ଆଧାର କାର୍ଡ଼ ଠିକଣା ଅନ୍ୟ ଏକ ରାଜ୍ୟର ଥିବା ବେଳେ, ଫର୍ମ ୨୯ ଓ ୩୦ରେ ଓଡ଼ିଶାର ଏକ ସ୍ଥାନୀୟ ଠିକଣା ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗାଡ଼ିଟି ବିନା ଫିଟନେସ୍, ପରମିଟ୍, ଟ୍ୟାକ୍ସ ଏବଂ ଇନସ୍ୟୁରାନ୍ସରେ ଚାଲୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ମାଲିକଙ୍କୁ ନୋଟିସ ପଠାଯିବା ସତ୍ତ୍ୱେ ତାହା ଅପହଞ୍ଚ ହୋଇ ଫେରିଆସିଥିଲା। ଏଭଳି ସମସ୍ୟାକୁ ଏଡ଼ାଇବା ପାଇଁ ପରିବହନ କମିସନର ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଆବେଦନକାରୀ ଅପଲୋଡ୍ କରିଥିବା ସମସ୍ତ କାଗଜପତ୍ର ସ୍ୱ-ପ୍ରମାଣିତ ହେବା ଅନିବାର୍ଯ୍ୟ। ନାମ, ବାପାଙ୍କ ନାମ, ମୋବାଇଲ ନମ୍ବର କିମ୍ବା ଜନ୍ମ ତାରିଖରେ ସାମାନ୍ୟ ଅମେଳ ଥିଲେ ଆବେଦନ ନାକଚ କରିଦିଆଯିବ। ଯେଉଁ କାର୍ଯ୍ୟଗୁଡ଼ିକ ଆଧାର ମାଧ୍ୟମରେ ହେଉଛି, ତାହାର ସଠିକତା ଯାଞ୍ଚ କରାଯିବ। ଅଣଆଧାର କାର୍ଯ୍ୟ ପାଇଁ ମୂଳ କାଗଜପତ୍ରର ଯାଞ୍ଚ କରାଯିବ। ଯଦି କୌଣସି ବାହାର ରାଜ୍ୟର ବ୍ୟକ୍ତି ଓଡ଼ିଶାରେ ଗାଡ଼ିର ମାଲିକାନା ବଦଳ କିମ୍ବା ପଞ୍ଜୀକରଣ କରୁଛନ୍ତି, ତେବେ ଆରଟିଓ ସେହି ସ୍ଥାନୀୟ ଠିକଣାର ସତ୍ୟାସତ୍ୟ ଭଲଭାବେ ଯାଞ୍ଚ କରିବେ। ଅନ୍ୟ କାହାର ପରିଚୟ ପତ୍ର ବ୍ୟବହାର କରି ଗାଡ଼ି କିଣାବିକା କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲାଇସେନ୍ସ ନବୀକରଣ କିମ୍ବା ଠିକଣା ବଦଳାଇବା ସମୟରେ ସ୍ଥାନୀୟ ବାସିନ୍ଦା ହୋଇଥିବା ପ୍ରମାଣପତ୍ର ଜରୁରୀ। କେବଳ ଅନ୍ୟ ଜଣଙ୍କ ଠିକଣାକୁ ଆଧାର କରି ଡିଏଲରେ ଠିକଣା ପରିବର୍ତ୍ତନ କରାଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଗାଡ଼ି ପଞ୍ଜୀକରଣ କିମ୍ବା ଡ୍ରାଇଭିଂ ଲାଇସେନ୍ସ ପାଇଁ ଜାଲ୍ କାଗଜପତ୍ର ଦେଇଥିବା ଜଣାପଡ଼େ, ତେବେ ଉକ୍ତ ଆରସି ଓ ଡିଏଲକୁ ରଦ୍ଦ କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ 'ବାହନ' କିମ୍ବା 'ସାରଥୀ' ପୋର୍ଟାଲରେ କୌଣସି କାର୍ଯ୍ୟକୁ ଅନୁମୋଦନ କରିବା ଅର୍ଥ ହେଉଛି ସମ୍ପୃକ୍ତ ଅଧିକାରୀ କାଗଜପତ୍ରର ସଠିକତାକୁ ସ୍ୱୀକାର କରୁଛନ୍ତି। ଯଦି ଭବିଷ୍ୟତରେ କୌଣସି ଭୁଲ୍ ଅନୁମୋଦନ କିମ୍ବା ନକଲି ଠିକଣା ମାମଲା ସାମ୍ନାକୁ ଆସେ, ତେବେ ସମ୍ପୃକ୍ତ ଯାଞ୍ଚକାରୀ ଏବଂ ଅନୁମୋଦନକାରୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ ଭିଏଡବ୍ଲ୍ୟୁ ନିଯୁକ୍ତି ବିଜ୍ଞପ୍ତି ବିରୋଧ ମାମଲାରେ ପୂର୍ଣ୍ଣଚ୍ଛେଦ

# ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୯ ।୭ (ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସଏସସି) ପକ୍ଷରୁ ଜିଲ୍ଲା କ୍ୟାଡରର ପଦବି ଭିଏଡବ୍ଲୁ (ଭିଲେଜ ଏଗ୍ରିକଲଚରାଲ ୱାର୍କର) ନିଯୁକ୍ତି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆବେଦନକାରୀ ସହକାରୀ ବୈଷୟିକ ପରିଚାଳକଙ୍କ ଚାକିରି ନିୟମିତ ଓ ସେମାନଙ୍କୁ ସମାନ ସ୍ତରର ଭିଏଡବ୍ଲୁ ପଦବିରେ ଅବସ୍ଥାପିତ କରିବା ଦାବି ଉପରେ ତିନି ମାସ ଭିତରେ ନିଷ୍ପତ୍ତି ନେବାକୁ ଇମେଜ (ଇନଷ୍ଟିଚ୍ୟୁଟ ଅନ ମ୍ୟାନେଜମେଣ୍ଟ ଅଫ ଏଗ୍ରିକଲଚରାଲ ଏକ୍ସଟେନସନ) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ସ୍ମୃତିରଞ୍ଜନ ମିଶ୍ର ଓ ଅନ୍ୟ ୯ ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଇତିମଧ୍ୟରେ ଓଏସଏସଏସସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଯଦି କୌଣସି ନିଯୁକ୍ତି ପ୍ରଦାନ କରାଯାଇଥିବ ତେବେ ତାହା ଇମେଜ ନିର୍ଦ୍ଦେଶକ ଆବେଦନକାରୀଙ୍କ ପ୍ରସଂଗରେ ଗ୍ରହଣ କରିବାକୁ ଥିବା ନିଷ୍ପତ୍ତିର ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲା କୃଷି ଅଧିକାରୀଙ୍କ ଅଧିନରେ ଚୁକ୍ତିଭିତ୍ତିକ ବୈଷୟିକ ପରିଚାଳକ ଭାବେ ୨୦୧୩ରୁ କାମ କରି ଆସୁଛନ୍ତି। ଆବେଦନକାରୀଙ୍କ ଚାକିରି ନିୟମତ ଦାବିକୁ ବିଚାରକୁ ନ ନେଇ ସରକାର ଓଏସଏସଏସସି ମାଧ୍ୟମରେ ୧୮୫୬ଟି ଭିଏଡବ୍ଲୁ ପଦ ପୂରଣ କରିବାକୁ ପଦକ୍ଷେପ ନେଇଥିଲେ। ଭିଏଡବ୍ଲୁ ଓ ଅନ୍ୟ ପଦ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ଲାଗି ୨୦୨୫, ଡିସେମ୍ବର ୩୦ରେ ଓଏସଏସଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୬ ବର୍ଷରୁ ଅଧିକ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରି ସାରିଥିବାରୁ ଚାକିରି ନିୟମିତ କରି ଭିଏଡବ୍ଲୁ ପଦରେ ଅବସ୍ଥାପିତ କରିବା ପାଇଁ ଆବେଦନକାରୀ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଥିଲେ।

## ବେଆଇନ ଟୋଲ୍‌ପ୍ଲାଜା ଅତିକ୍ରମ

# ୩ ମାସରେ ୧୧,୪୦୧ ଗାଡ଼ି ନାମରେ ୪୩,୬୯୬ ଚାଲାଣ

କଟକ, ୯ ।୭ (ସମିସ): ରାଜ୍ୟରେ ବୈଧ ଫିଟନେସ୍ ପ୍ରମାଣପତ୍ର ନଥାଇ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ ରାଜ୍ୟ ପରିବହନ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗତ ଏପ୍ରିଲ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ତିନି ମାସ ଅବଧି ମଧ୍ୟରେ ସମୁଦାୟ ୪୩,୬୯୬ଟି ଇ-ଚାଲାଣ ୧୧,୪୦୧ଟି ନିର୍ଦ୍ଦିଷ୍ଟ ଗାଡ଼ି ବିରୋଧରେ କଟାଯାଇଛି। ରାଜ୍ୟର

## ବାରମ୍ବାର ନିୟମ ଭାଙ୍ଗିଛନ୍ତି ୬୬୩୫ଟି ଗାଡ଼ି

ବିଭିନ୍ନ ଟୋଲ୍ ପ୍ଲାଜାରେ ଇ-ଡିଟେକ୍ସନ ପୋର୍ଟାଲ ମାଧ୍ୟମରେ କରାଯାଇଥିବା ସମୀକ୍ଷାରୁ ଏକ ଚାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏହି ତିନି ମାସ ମଧ୍ୟରେ ବିନା ଫିଟନେସରେ ଗାଡ଼ି ଚାଲୁଥିବା ନେଇ ଏହି ଗାଡ଼ିଗୁଡ଼ିକ ମଧ୍ୟରୁ ୬,୬୩୫ଟି ଗାଡ଼ି ଏଭଳି ରହିଛି ଯାହାକୁ ଏକରୁ ଅଧିକ ଥର ନିୟମ ଉଲ୍ଲଂଘନ କରୁଥିବା ଚିହ୍ନଟ କରାଯାଇଛି। ବାରମ୍ବାର ନିୟମ ଭାଙ୍ଗୁଥିବା ଏହି ଗାଡ଼ିଗୁଡ଼ିକ ପାଇଁ ୩୮,୯୩୦ଟି ଚାଲାଣ ଜାରି ହୋଇଛି। ରିପୋର୍ଟ ଅନୁସାରେ, ୨,୧୯୧ଟି ଗାଡ଼ି ୫ କିମ୍ବା ତା'ଠାରୁ ଅଧିକ ଥର, ୯୬୦ଟି ଗାଡ଼ି ୧୦ କିମ୍ବା ତା'ଠାରୁ ଅଧିକ ଥର, ୩୫୯ଟି ଗାଡ଼ି ୨୦ରୁ ଅଧିକ ଥର ଏବଂ ୩୭ଟି ଗାଡ଼ି ୫୦ ରୁ ଅଧିକ ଥର ବିନା ଫିଟନେସରେ ଟୋଲ୍ ପ୍ଲାଜା ଅତିକ୍ରମ ବେଳେ ଧରାପଡ଼ିଛନ୍ତି। ଏପରିକି କେତେକ ଗାଡ଼ି ସର୍ବାଧିକ ୭୫, ୭୬, ୭୯, ୮୦ ଏବଂ ୮୨ ଥର ପର୍ଯ୍ୟନ୍ତ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରିଛନ୍ତି। ରାଜ୍ୟର ପ୍ରାୟ ୩୧ଟି ଟୋଲ୍ ପ୍ଲାଜାରେ ଏହି ନିୟମ ଉଲ୍ଲଂଘନ ଦେଖିବାକୁ ମିଳିଛି, ଯେଉଁଥିରେ ପ୍ରମୁଖ ଭାବେ ବଧାଲୋ/ମଙ୍ଗୁଳି ଟୋଲ୍ ପ୍ଲାଜାରେ ସର୍ବାଧିକ ୫,୨୮୧ ଟି ମାମଲା ଚିହ୍ନଟ ହୋଇଛି। ଏହା ପଛକୁ ପିପିଲି ଟୋଲ୍ ପ୍ଲାଜାରେ ୪,୮୧୬ଟି, ସେରଗଡ଼ରେ ୩,୭୬୯ଟି, ଗୁଡ଼ିପଦା/ଗଙ୍ଗାପଦାରେ ୨,୮୦୭ଟି, ସମ୍ବଲପୁର-ବରଗଡ଼ରେ ୨,୩୩୮ଟି, ଭାଗଡ଼ା ନାରାୟଣପୁରରେ ୨,୧୪୧ଟି, କାନ୍ଧାରେ ୧,୬୨୯ଟି, ଗୁରାପାଲିରେ ୧,୫୭୯ଟି, କାରାପାଦୁରେ ୧,୫୨୩ଟି ଏବଂ ଦାର୍ଜିଙ୍ଗ ଟୋଲ୍ ପ୍ଲାଜାରେ ୧,୫୦୨ ଟି ମାମଲା ସାମ୍ନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ପରିବହନ କମିସନର ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓ ଏବଂ ଡେପୁଟି ପରିବହନ କମିସନରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ପକ୍ଷରୁ ଚାରୋଟି ଶ୍ରେଣୀରେ ନୋଟିସ୍ ଏବଂ ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଯେଉଁ ଗାଡ଼ିଗୁଡ଼ିକ ୧୦ କିମ୍ବା ତା'ଠାରୁ ଅଧିକ ଥର ନିୟମ ଭାଙ୍ଗିଛନ୍ତି, ସେମାନଙ୍କୁ ପ୍ରଥମ ଶ୍ରେଣୀରେ ରଖି ୭ ଦିନ ମଧ୍ୟରେ ନୋଟିସ୍ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ୫ରୁ ୯ ଥର ଉଲ୍ଲଂଘନ କରିଥିବା ଗାଡ଼ିକୁ ଦ୍ୱିତୀୟ ଶ୍ରେଣୀରେ ରଖି ୧୫ ଦିନ ମଧ୍ୟରେ, ୨ରୁ ୪ ଥର ଉଲ୍ଲଂଘନ କରିଥିବା ଗାଡ଼ିକୁ ୩୦ ଦିନ ମଧ୍ୟରେ ନୋଟିସ୍ ଦିଆଯିବ ଏବଂ ମାତ୍ର ଗୋଟିଏ ଥର ଚିହ୍ନଟ ହୋଇଥିବା ଗାଡ଼ିଗୁଡ଼ିକର ଫିଟନେସ୍ ନବୀକରଣ କରାଯିବ। ଆରଟିଓମାନେ ସ୍ଥାନୀୟ ପୁଲିସ, ହାଇୱେ ପାଟ୍ରୋଲିଂ ଏବଂ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷଙ୍କ ସହ ମିଶି ସ୍ୱେସାଲ ଡ୍ରାଇଭ୍ କରିବେ ଏବଂ ଗାଡ଼ିଗୁଡ଼ିକୁ ଜବତ କରିବେ। ଜବତ ହୋଇଥିବା ଗାଡ଼ିଗୁଡ଼ିକ କେବଳ ଜରିମାନା ଦେଲେ ମୁକୁଳି ପାରିବେ ନାହିଁ, ବରଂ ବୈଧ ଫିଟନେସ୍, ଇନସ୍ୟୁରାନ୍ସ, ପରମିଟ୍ ଏବଂ ଟ୍ୟାକ୍ସ ପୈଠର ଲିଖିତ ପ୍ରମାଣ ଦେଖାଇବା ପରେ ହିଁ ସେମାନଙ୍କୁ ଛଡ଼ାଯିବ। ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର ଏବଂ ପରମିଟ୍‌କୁ ରଦ୍ଦ କରିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

# ୩ ମାସ ହେଲା ବନ୍ଦ ହୋଇଛି 'ଆଶୀର୍ବାଦ' ସହାୟତା

## କୋଭିଡ୍ ଅନାଥ ଛୁଆଙ୍କ ଭତ୍ତା ବନ୍ଦକୁ ନେଇ ବିଜେଡିର ପ୍ରଶ୍ନ

ଭୁବନେଶ୍ୱର, ୯।୭ (ସମିସ): କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଉଦ୍ଧ୍ୱ ପିଲା ଯେଉଁମାନେ ନିଜ ବାପା, ମାଙ୍କୁ ହରାଇଛନ୍ତି। ରାଜ୍ୟ ସରକାର

### ବାପାମାଆ ଛେଉଣ୍ଡଙ୍କ ପ୍ରତି ସରକାର ସମ୍ବେଦନହୀନ

ସେମାନଙ୍କୁ ମାର୍ଚ୍ଚ ମାସରୁ ଆର୍ଥିକ ସହାୟତା ଦେଉ ନାହାନ୍ତି। ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର ଛୋଟ ଛୋଟ ଅନାଥ ଶିଶୁଙ୍କ ସମ୍ବେଦନହୀନ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି ।

ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଶିଶୁ ନିଜ ବାପାମାଆଙ୍କୁ ହରାଇ ଅନାଥ ହୋଇଥିଲେ। ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶୀର୍ବାଦ ଯୋଜନା ପ୍ରଚଳନ କରି ମାସିକ ଆର୍ଥିକ ସହାୟତା ପ୍ରଦାନର



ବ୍ୟବସ୍ଥା କରିଥିଲେ। କୋଭିଡରେ ଉଭୟ ବାପାମାଆଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରୁଥିବା ତାଙ୍କ ସଂପର୍କୀୟ ବା ସେ ରହୁଥିବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା । ଗତ ମାର୍ଚ୍ଚ ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାନଯିବାରୁ ଏହି ପିଲାମାନଙ୍କ ଲାଳନପାଳନରେ ଘୋର ସଂକଟ ସୃଷ୍ଟି ହେଉଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ସରକାର ତୁରନ୍ତ ବକେୟା ଅର୍ଥ ରାଶି ସହ ମାସିକ ଭତ୍ତା ପ୍ରଦାନ କରିବାକୁ ବିଜେଡି ଦାବି କରିଛି।

## ଅଦାଲତ ଆଦେଶ ଅବମାନନା ମାମଲା

# ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

କଟକ, ୯ ।୭ (ସମିସ): ହାଇକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅଦାଲତଙ୍କ ଆଦେଶ ପାଳନ କରାଯାଉ ନ ଥିବାରୁ ଉଦବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସସ୍ମିତା ସାହୁଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଅଦାଲତ ଅବମାନନା ମାମଲାର ଶୁଣାଣି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ଗଣଶିକ୍ଷା ସଚିବ ନିଜେ କୋର୍ଟରେ ଉପସ୍ଥିତ ରହି ଏହାର କାରଣ ଦର୍ଶାଇବେ। ତେବେ ଯଦି ଏହି ସମୟ ମଧ୍ୟରେ କୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରି ଦିଆଯାଏ, ତେବେ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସମାନ ସ୍ଥିତିରେ ଥିବା ଅନ୍ୟଜଣେ ଶିକ୍ଷା ସହାୟକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପାଇଁ ଏକ ଆଦେଶ ମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିଛନ୍ତି ସରକାର। ତେଣୁ ତାଙ୍କ କ୍ଷେତ୍ରରେ ସରକାର ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବା ଅନୁଚିତ। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ କାହିଁକି ପାଳନ କରାଯାଉନାହିଁ, ସେନେଇ ସ୍କୁଲ ଓ ଗଣଶିକ୍ଷା ସଚିବ ସ୍ପଷ୍ଟୀକରଣ ରଖିବାକୁ କହିଛନ୍ତି ଖଣ୍ଡପୀଠ।


## ଦଲିଲ ହଜିଛି

ମମତା ପରିଡା (୪୭), ସ୍ୱାମୀ ସର୍ବେଶ୍ୱର ପରିଡା, ସଡାଙ୍ଗୋଇ ଉତ୍ତରବାଡ଼ , ପୋଷ୍ଟ ସଡାଙ୍ଗୋଇ, ଥାନା ଡେଲାଙ୍ଗ, ଜିଲ୍ଲା ପୁରୀ ତା.୨୯.୦୬.୨୦୨୬ ରେ ଗାଁରୁ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟକୁ ଆସିବା ରାସ୍ତାରେ ଡେଲାଙ୍ଗ ସବରେଜିଷ୍ଟରଙ୍କ ଦ୍ୱାରା ତା.୦୩.୦୩.୨୦୨୩ରେ ସମ୍ପାଦିତ ୧୧୫୫୨୩୦୦୧୭୫ ନମ୍ବର ଦଲିଲ ଓ କେତେକ କାଗଜପତ୍ର ଥିବା ଫାଇଲଟି ହଜିଯାଇଛି । କେହି ପାଇଥିଲେ ଉପର ଠିକଣାରେ ଜଣାଇବାକୁ ଅନୁରୋଧ।

## ହଜିଛି

ମୁଁ, ଶ୍ରୀମତୀ ପ୍ରତିମା ସାହୁ, ସ୍ୱାମୀ: ଭଗବାନ ସାହୁ, ବାସସ୍ଥାନ ଗ୍ରାମ: ହରିପୁର, ପୋ: ବକ୍ସିବଜାର, ଜିଲ୍ଲା: କଟକ, ମୋର ଜମି ସମ୍ବନ୍ଧୀୟ ମୂଳ ଆର୍.ଓ.ଆର୍ (ପଟ୍ଟା) ଖାତା ନଂ.: ୧୫୧୦/୧୨୩, ପ୍ଲଟ୍ ନଂ.: ୮୧୦, କ୍ଷେତ୍ର: ଏକର୦.୦୩୩ ଡିସିମିଲିର ଘର ବଦଳ ସମୟରେ କେଉଁଠି ହଜିଯାଇଛି। ଏ ସମ୍ପର୍କରେ ମୁଁ ପୁରୀଘାଟ ଥାନା, କଟକରେ ଏଫଆଇଆର ଦାୟର କରିଛି ଯାହାର ଏଫଆଇଆର ପଞ୍ଜିକୃତ ସିରିଏଲ୍ ନଂ.: ୧୩, ତାରିଖ: ୦୬.୦୭.୨୦୨୬। ଯଦି କେହି ବ୍ୟକ୍ତି ଉପରୋକ୍ତ ଡକ୍ୟୁମେଣ୍ଟ ପାଆନ୍ତି ଦୟାକରି ୯୪୩୮୬୭୦୮୫୭ରେ ଯୋଗାଯୋଗ କରନ୍ତୁ।

## AFFIDAVIT

I, MD REZA AHMED, aged about 55 years, S/o- MOHAMMED MOKIM KHAN resident of TRIJANGA COLONY, NEW SIARIA, DANAGADI, JAJPUR-755026, ODISHA, declared by this Affidavit No.2778 Dated.07.07.2026, That now onwards I shall Be Known as REZA AHMED KHAN That for all future Purposes.

## ଦଲିଲ ହଜିଛି

ମୁଁ ଶ୍ରୀମତୀ ପୂର୍ଣ୍ଣିମା ତନ୍ତୀ, ସ୍ୱାମୀ - ଉଦୟନାଥ ତନ୍ତୀ, ବୟସ -୪୬ ବର୍ଷ, ଜାତିଗତ (ସାଧାରଣ) ଭାବରେ ଗ୍ରାମ/ପୋ ହନୁମାନ ନଗର (ଗାନ୍ଧୀ ନଗର), ସେମିଲିଗୁଡ଼ା, ଥାନା ସୁନାବେଡା, ତହସିଲ- ସେମିଲିଗୁଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍- ୭୬୪୦୩୬ ଏଠାରେ ଘୋଷଣା କରୁଛି ଯେ ତାରିଖ ୨୨.୦୫.୨୦୨୬ ସକାଳ ୮:୩୦ ରୁ ୧୧:୦୦ ଟା ଭିତରେ ମୁଁ ମୋର ମୋଟର ସାଇକେଲ ଯୋଗେ ସେମିଲିଗୁଡ଼ାରୁ ଜୟପୁର ମୋର ଘରକୁ ଯାଉଥିବା ସମୟରେ, ଅରିଜିନାଲ ROR ଖାତା ନଂ. ୬୫/୭୮୭୮ ଏବଂ ପଞ୍ଜିକୃତ ବିକ୍ରୟ ଦଲିଲ ନଂ. ୧୧୨୨୧୨୦୦୭୩୧ ତାରିଖ ୨୬.୦୯.୨୦୧୨ ରେ ଯାହା ଶ୍ରୀଯୁକ୍ତ ରଘୁନାଥ ଖଟେଇ, ସ୍ୱର୍ଗତ ଭଗବାନ ଖଟେଇଙ୍କ ନାମ ଥିଲା, ରାସ୍ତାରେ ଉକ୍ତ ଦଲିଲଗୁଡ଼ିକ ହଜିଯାଇଛି ଏବଂ ମୋର ସର୍ବୋତ୍ତମ ଚେଷ୍ଟା ପରେ ମୁଁ ଉକ୍ତ ଦଲିଲଟି ପାଇଲି ନାହିଁ। ଯଦି କେହି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟଗୁଡ଼ିକ ପାଆନ୍ତି, ତେବେ ଦୟାକରି ଏହି ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା/- ବିକାଶ ଚନ୍ଦ୍ର ପ୍ରଧାନ

ମୋ: ୯୪୩୭୩୬୨୩୪୩

## AFFIDAVIT

I, Manish Garg, S/o Laxman Prasad Garg, Resident of Bikash Lane, Po/Ps and Dist.-Boudh, Pin-762014, Odisha, declare by this Affidavit No.-4413 dated 06 November 2025 that now onwards I shall be known as **MANISH KUMAR GARG** for all future purposes.

## AFFIDAVIT

I SARAT CHANDRA GURU S/O ARJUN CHARAN SAHANI, RESIDENT AT- UNIT-4 BAIDYANATH NAGAR, BASUPUR, JAJPUR- 755001, ODISHA DECLARE BY THIS AFFIDAVIT NO- 10071, DT-08.07.2026. THAT NOW ON WARDS I SHALL BE KNOWN AS **SARAT CHANDRA SAHANI** FOR ALL FEATURES PURPOSES.

## AFFIDAVIT

By virtue of an affidavit (CF No. 18, dtd- 18.04.2026) sworn before The Executive Magistrate, Jharbandh, Dist-Bargarh. I, **Hiradhar Sidar,** S/o Radheshyam Sidar, permanent resident of Vill- Krafodganj, PO- Gothuguda, PS/Tah: Jharbandh, Dist: Bargarh, State: Odisha declare that I have changed my minor daughter's name from **Mausumi Sidar** (old name) to **Rashmita Sidar** (new name). Henceforth, she shall be known as **Rashmita Sidar** (new name) for all purposes.

**Hiradhar Sidar**

## AFFIDAVIT

I, MOHAMMED MASUD, S/o Mohammed Saud resident of At- Barada, PO/PS- Korai, Dist- Jajpur, Odisha, PIN- 755022, declare by this Affidavit No 4084, dated 08/07/2026 that I have changed my name from **MOHAMAD MASUD (Old Name)** to **MOHAMMED MASUD (New Name).** Henceforth, I shall be known as **MOHAMMED MASUD** for all purposes.

Sd- **MOHAMMED MASUD**

## AFFIDAVIT

By virtue of an affidavit sworn before the Notary Public, Bhubaneswar on dated 07/07/2026, I **SIMRAN PATRO** W/o Suraj Kumar Patro resident of At- Plot No- 1505, Bhimeswar Marg, Lane-15, Bhimatangi, PO. Old Town, PS. Airfield, Bhubaneswar- 751002, Dist- Khordha, Odisha declare that I have changed my name from **SIMRAN PATRI** (Old Name) to **SIMRAN PATRO** (New Name). Henceforth, I shall be known as **SIMRAN PATRO** for all future purposes.

Sd- **SIMRAN PATRO**

## DADHIBAMAN DEGREE COLLEGE, TURUMUNGA

AT/PO: Turumunga, Dist.: Keonjhar, PIN-758046

E-mail: dadhibamandegree1@gmail.com | Phone No.: 06766-238128

### Walk-in-Interview

A Walk-in-Interview for the post of Lecturer (Management) in Political Science, Economics, History and Odia having 55% marks at the P.G. level may attend the interview with their Bio-Data and all testimonials (original and xerox) on **dated 16.07.2026 (Thursday) at 11:00 A.M. at the College Office.**

The decision of the authority is final giving the appointment and also he has the rights to reject, reschedule, or postpone the interview without any notice or reason thereof.

**Sd/-Principal-cum-Secretary**
**Dadhibaman Degree College, Turumunga**

## NOTICE FOR MINOR

By virtue of an affidavit sworn before Executive Magistrate, Bhubaneswar, dated 08/07/2026 I, Jharana Digal, W/o Manas Kumar Digal, Address Maiyafayar Nagar, Salia Sahi,Jayadev Vihar, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my son from Jyoti Raditya Digal to Alfaz Digal. Henceforth, He shall be known as **Alfaz Digal** for all purposes.

**Jharana Digal**

## AFFIDAVIT

I, SHAIKH OBEDUR RAHEMAN, aged about 62 years, S/o- Sk Rahemat Baksh,resident of ADHANGAGARH, JAGATSINGHPUR-754102, ODISHA, declared by this Affidavit No.820/2026 Dated.03.07.2026, hat now onwards I shall Be Known as SK OBEDUR RAHEMAN That for all future Purposes.

32001/524/2627 E-mail : eemijharsuguda@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**
**'e' Procurement Notice**
**Bid Identification No. SE MID JSD 01/2026-27**
eemijharsuguda@gmail.com
No. 1347 // MID // date. 04.07.2026

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works: | Civil Construction work |
| 2. | Total No. of works: | 07 (Six) Nos. |
| 3. | Estimated Cost: (Detail list of work annexed) | Rs.1.77 Lakh to Rs.36.24 Lakh |
| 4. | Class of Contractor: | As mentioned against work |
| 5. | Period of completion: | As mentioned against work |
| 6. | Date & time of Availability of Bid Document in the Portal: | 10.07.2026 to 20.07.2026 during office hours |
| 7. | Last date/Time for receipt of Bid in the Portal: | 20.07.2026 during office hours |
| 8. | Date/Time of Opening of Bid: | 21.07.2026 at 10.00 AM at Office of the S.E., MI Divn. Jharsuguda. |
| 9. | Name & Address of the Officer Inviting the Bid: | Superintending Engineer, M.I Division,Jharsuguda |
| 10. | Mode of Payment of Bid Cost & Bid Security: | Online |

OIPR-32001/32291/1/26-27/0003

**Superintending Engineer**
**M.I. Division, Jharsuguda**

## AFFIDAVIT

I MIRARANI GURU W/O SARAT CHANDRA SAHANI AT-UNIT-4 BAIDYANATH NAGAR, BASUPUR, JAJPUR- 755001, ODISHA DECLARE BY THIS AFFIDAVIT NO- 10072, DT-08.07.2026. THAT NOW ON WARDS I SHALL BE KNOWN AS **MEERARANI GURU** FOR ALL FEATURES PURPOSES.

## AFFIDAVIT

I, Santosh Kumar Agarwala, S/o- Late Radheshyam Agarwala, resident of At- B/1554, Sector- 6, Market Nagar, CDA, Cuttack Sadar, Bidanasi, Cuttack, Orissa, Pin- 753014, State-Odisha, declare by this affidavit No. 1600, dtd-09.07.2026, that now onwards I shall be known as **SANTOSH KUMAR AGARWAL** for all future purposes.

1001/92/2627 e-mail: eeaiadp@gmail.com

**EXECUTIVE ENGINEER (AGRIL.),**
**SAMBALPUR DIVISION, SAMBALPUR**
**AT/PO-REMED, DIST-SAMBALPUR**
**PIN-768006**

**QUOTATION CALL NOTICE**

**No. 929 Date. 07.07.2026**

Sealed Quotations are invited from interested registered consultancy for preparation of (1) preliminary sketches and working drawing (2) detailed estimate, (3) Structural design and technical assistance for the work *"Construction of alternative campus at Sambalpur (Creation of a new seed processing and seed storage campus at Sambalpur)"*.

The sealed quotations documents, completed in all aspects along with all supporting documents should reach to the office of the undersigned through Speed Post/Registered Post from **14.07.2026 to 21.07.2026 by 5:00 P.M.** The tender document may be downloaded from the Government of Odisha official portal (**www.odisha.gov.in**)/in the office of the **Executive Engineer (Agril.), Sambalpur Division, Sambalpur** from **dt.09.07.2026 to dt.20.07.2026**. The quotation must be submitted along with the Cost of Tender paper of **Rs.10,000/-** in shape of Demand Draft and EMD of **Rs.10,000/-** in shape of Deposit receipt of Nationalised Bank / Kissan Vikash Patra / Post Office Savings Bank Account / National Savings Certificate / Postal Office Time Deposit Account drawn in favour of the **Superintending Engineer (Agril.), Northern Zone, Sambalpur** payable at **Sambalpur** and submitted along with the quotation as EMD. After completion of quotation process, EMD shall be refunded to unsuccessful bidders. The authority reserves the right to accept or reject any tender without assigning any reasons thereof.

OIPR-1001/1033/1/26-27/0002

**Executive Engineer (Agril.),**
**Sambalpur Division, Sambalpur**

## AFFIDAVIT

I, Aneepa Nayak, aged about 45 years, W/o- Sheetal Nayak, resident of At- Plot No. 396, Behind Sahid Nagar High School, Sahid Nagar, Bhubaneswar, Pin- 751007, Odisha do hereby declare by this affidavit No. 1368, dtd- 09/07/2026, that now onwards I shall be known as **ANEEPA KAR** for all future purposes.

## AFFIDAVIT

I, CHANDARAKANTA PARIDA, S/O TRILOCHAN PARIDA resident of At - Palli, Atto, PO - Sabarang, PS - Bhadrak Town, Dist - Bhadrak - 756123, Odisha declare by this Affidavit No. 3038, Dated - 09/07/2026, that now onwards I shall be known as **CHANDRAKANTA PARIDA** for all future purposes.

## AFFIDAVIT

By virtue of an affidavit on dtd-08.07.2026 sworn before The Notary Public, Bhubaneswar. I, **Asish Prasad Nahak** (new name), S/o Arjun Nahak, permanent resident of At/Po/Ps: Sarankul, Dist: Nayagarh, Odisha declare that I have changed my name from **Om Prakash Nahak** (old name) to **Asish Prasad Nahak** (new name). Henceforth, I shall be known as **Asish Prasad Nahak** (new name) for all purposes.

**Asish Prasad Nahak**

## NOTICE

By virtue of an affidavit sworn before the Executive Magistrate, Athmallik dated 09th July 2026, I, Mr. KHIROD KUMAR MAHAPATRA address Son of BIJAY KUMAR MAHAPATRA, Village : DOLAMANDAP SAHI, P.O. : ATHMALLIK, P.S.: ATHMALLIK , District: ANUGOLA, PIN : 759125 , STATE : ODISHA, declare that I have changed the name of my daughter from "ADYASHA MAHAPATRA" to "SHREYANSHI MAHAPATRA". Henceforth, she shall be known as **"SHREYANSHI MAHAPATRA"** for all purposes.

**KHIROD KUMAR MAHAPATRA**

## AFFIDAVIT

By virtue of an affidavit sworn before the Executive Magistrate, Dharamgarh (Kalahandi), dated 09/07/2026, I, PADMABATI RANA, wife of Rasikaraj Rana, residing at Village/PO-Behera, PS-Koksara, Dist.-Kalahandi, Odisha – 766103, hereby declare that I have changed my name from PADAMABATI RANA to PADMABATI RANA. Henceforth, I shall be known as **PADMABATI RANA** for all purposes.

**(PADMABATI RANA)**

## OFFICE OF THE SUPERINTENDING ENGINEER, POTTERU CANAL DIVISION, M.V-79

32001/519/2627

AT-M.V-79, POST-LACHHIPETA, DIST-MALKANGIRI
Email ID: eepcdbhuba65@gmail.com

**e-Procurement Notice No. SE-PCD-MV79-01/2026-27**
**TENDER CANCELLATION NOTICE**

It is hereby notified to all concerned that the tender invited through **e-Procurement Notice No. SE-PCD-MV79-01/2026-27 (Online)** for the following work is hereby cancelled due to administrative reason.

| Sl. No. | Name of the Work | Bid Identification No. | Approximate Value of Work (Rs. in Lakhs) | Remarks |
|---|---|---|---|---|
| 1 | Renovation of **1 No. of Fall**, Cement Concrete Channeling in between from **RD.0.450 Km to RD.0.650 Km** and Re-sectioning from **RD.0.00 Km to RD.0.750 Km** of **Bejangiwada S/M-I** and Renovation of **1 No. Fall**, Cement Concrete Channeling in between from **RD.1.420 Km to RD.1.620 Km** and Re-sectioning from **RD.0.00 Km to RD.1.620 Km** of **Bejangiwada S/M-II.** | SE-PCD-MV79-01(3)/2026-27 | 28.18 | — |

Further details can be seen from the Government website: www.tendersodisha.gov.in.

OIPR-32001/32551/1/26-27/0003

**Superintending Engineer**
**Potteru Canal Division, M.V-79**

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. CAOCRSPBBS-36-2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଛତ୍ରପୁର (CAP) ଏବଂ ଜଗନ୍ନାଥପୁର (JNP) ଷ୍ଟେସନ (ଖୋର୍ଦ୍ଧା-ପଲାସା ସେକ୍ସନ) ମଧ୍ୟରେ କି.ମି. 592/20-22 ଠାରେ ଆପ୍ରୋଚ ଅଂଶ ନିମନ୍ତେ ସାନକୁଶସ୍ଥଳି ପାର୍ଶ୍ୱରେ 4 X 24.0 M RCC T-ବିମ୍ ଗର୍ଡ଼ର ଏବଂ ମାଣ୍ଡିଆପଲି ପାର୍ଶ୍ୱରେ 14 X 24.0 M RCC T-ବିମ୍ ଗର୍ଡ଼ରର ପ୍ରସ୍ତାବିତ ସ୍ଥାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 302 ପରିବର୍ତ୍ତେ କି.ମି. 592/16-18 ଠାରେ ରେଳବାଇ ଅଂଶରେ 1 X 24.0 M କମ୍ପୋଜିଟ୍ ଗର୍ଡର (ସାନକୁଶସ୍ଥଳି ପାର୍ଶ୍ୱ) + 1 X 42.0 M କମ୍ପୋଜିଟ୍ ଗର୍ଡର (ରେଳବାଇ ସ୍ଥାନ) + 1 X 24.0 M କମ୍ପୋଜିଟ୍ ଗର୍ଡର ସହିତ ରୋଡ଼ ଓଭର ବ୍ରିଜ୍‌ର ନିର୍ମାଣ ।

**ବିଜ୍ଞାପିତ ମୂଲ୍ୟ :** ₹ 65,06,69,462.34, EMD : ₹ 1,30,13,400/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.07.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.08.2026ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ RSP/ଭୁବନେଶ୍ୱର

PR-126/CJ/26-27

## AFFIDAVIT


By the virtue of an affidavit sworn before the Executive Magistrate Daringbadi, Dated - 07.07.2026 . I Gudisa Padra , S/o : Ghasi Padra , vill : Mahaguda, Po: Kattingia, Ps: Bamunigoan, Dist: Kandhamal, State: Odisha-762021 declare that I have changed my minor son's name from RUTIRAJ PADRA to RUTURAJ PADRA . Henceforth, He shall be known as **RUTURAJ PADRA** for all purposes.

# ବିରି-ମୁଗ କିଣାରେ ବ୍ୟାପକ ଅବ୍ୟବସ୍ଥା

ବାଲେଶ୍ୱର, ୯।୭ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି)

- ୧୦ ଦିନ ଧରି ଆସିନି କ୍ୟୁଆର୍ କୋଡ୍, ଶସ୍ୟ ଉଠାଣ ସମ୍ପୂର୍ଣ୍ଣ ଠପ୍
- ବାଲେଶ୍ୱର ଜିଲ୍ଲା ପାଇଁ ମାତ୍ର ଦୁଇଟି ମଣ୍ଡି, ହଜାର ହଜାର ଚାଷୀ ହଇରାଣ





ରାଜ୍ୟ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ବିରି ଓ ମୁଗ କିଣିବା ପାଇଁ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ଦେଖାଦେଇଛି ବ୍ୟତିକ୍ରମ। କାଗଜ କଲମରେ ଚାଷୀଙ୍କ ପାଇଁ ସ୍ୱଚ୍ଛ ଓ ସହଜ କ୍ରୟ ବ୍ୟବସ୍ଥାର କଥା କୁହାଯାଉଥିଲେ ମଧ୍ୟ ବାସ୍ତବରେ ମଣ୍ଡିରେ ଦେଖାଦେଇଛି ଚରମ ଅବ୍ୟବସ୍ଥା। ମଣ୍ଡିର ଅଭାବ, କ୍ୟୁଆର୍ କୋଡ୍ ନ ଆସିବା, ସ୍ପଷ୍ଟ ଏସ୍ଓପି ନଥିବା ଓ ଟଙ୍କା ପ୍ରଦାନରେ ଅସ୍ୱାଭାବିକ ବିଳମ୍ବ ଯୋଗୁଁ ହଜାର ହଜାର ଚାଷୀ ଏବେ ହନ୍ତସନ୍ତ ହେଉଛନ୍ତି। ୬୦ ଦିନର ଅବଧି ଆଉ କିଛି ଦିନ ମଧ୍ୟରେ ଶସ୍ୟ ବିକ୍ରି ଅବଧି ଶେଷ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ଆହୁରି ଅନେକ ଚାଷୀ ନିଜର ଶସ୍ୟ ବିକ୍ରି କରିପାରିନଥିବା ଅଭିଯୋଗ ଆସିଛି।

ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ସମଗ୍ର ବାଲେଶ୍ୱର ଜିଲ୍ଲାରେ ବିରି-ମୁଗ କିଣିବା ପାଇଁ ମାତ୍ର ଦୁଇଟି ମଣ୍ଡି ଖୋଲାଯାଇଛି। ଜିଲ୍ଲାର ବିସ୍ତୃତ ଭୌଗୋଳିକ ପରିସ୍ଥିତି ଓ ଚାଷୀ ସଂଖ୍ୟାକୁ ଦେଖିଲେ ଏହା ସମୁଦ୍ରକୁ ଶଙ୍ଖେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାଲେଶ୍ୱର ଜିଲ୍ଲାର ରେମୁଣା, ନୀଳଗିରି, ଖଇରା, ସୋର, ସିମୁଳିଆ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ଦୂର ଦୂରାନ୍ତରୁ ଶସ୍ୟ ନେଇ ମଣ୍ଡିରେ ପହଞ୍ଚିବାକୁ ପଡୁଛି। ଏହାବ୍ୟତୀତ ବାଲିଆପାଳ, ଭୋଗରାଇ, ବସ୍ତା ଓ ଜଳେଶ୍ୱର ବ୍ଲକରେ ଅଧିକ ମୁଗ, ବିରି ଚାଷ ହୋଇଥାଏ। ତେବେ ପରିବହନ ଖର୍ଚ୍ଚ ବଢୁଥିବା ବେଳେ ଅନେକ ଚାଷୀ ଖର୍ଚ୍ଚାନ୍ତ ହୋଇ ମଣ୍ଡିକୁ କରି ଶସ୍ୟ ଆଣୁଛନ୍ତି। ମଣ୍ଡିରେ ପହଞ୍ଚିବା ପରେ ମଧ୍ୟ ସମସ୍ୟା କମୁନି। ଅନେକଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି। କାରଣ, ଗତ ପ୍ରାୟ ୧୦ ଦିନରୁ ଅଧିକ ଦିନ ହେବ କ୍ୟୁଆର୍ କୋଡ୍ ଆସୁନଥିବାରୁ ଶସ୍ୟ ଉଠାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କିଛି ଚାଷୀଙ୍କୁ ପାଖରୁ ଶସ୍ୟ ଉଠାଯାଇ ପାରିନାହିଁ। ଅବହେଳା ପାଇଁ ବର୍ଷା ଋତୁରେ ଶସ୍ୟର ଗୁଣବତ୍ତା ନଷ୍ଟ ହେବାର ଆଶଙ୍କା ବଢ଼ିଛି। ସେହିପରି ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଜଣେ ବିରି ଚାଷୀ କହିଛନ୍ତି, ଏହି ବ୍ଲକରେ ପାଖାପାଖି ଏକ ହଜାର ଚାଷୀ ଅଛନ୍ତି। ଚଳିତ ବର୍ଷ ଦୁଇ ଏକର ଜାଗାରେ ମୁଁ ବିରି ଚାଷ କରିଥିଲି। ଏବର୍ଷ ପ୍ରଥମ ଥର ନାଫେଡ୍‌ରେ ବିରି ଦେଇଛୁ। କିନ୍ତୁ ସବୁ ଚାଷୀ କିନ୍ତୁ ନାଫେଡ୍ କ୍ରୟ କେନ୍ଦ୍ରରେ ନିଜର ଶସ୍ୟ ଦେଇନାହାନ୍ତି। କେହି କେହି ଛୋଟ ଚାଷୀ କମ୍ ଦରରେ ବାହାରେ ବେପାରୀଙ୍କୁ ବିକ୍ରି କରିଛନ୍ତି। କ୍ୟୁଆର୍ କୋର୍ଡ ଆସିନଥିବାରୁ କିଛି ଚାଷୀଙ୍କ ଶସ୍ୟ ଉଠିପାରୁନି। ହଇରାଣ ହେଉଛନ୍ତି। କିନ୍ତୁ ଆମର ସମସ୍ୟା ହେଉଛି ମୁକୁଳସିରେ ଥିବା ମଣ୍ଡିକୁ ନଯାଇ ଯଦି ବାଲିଆପାଳ ବା ପ୍ରତି ପଞ୍ଚାୟତ ସ୍ତରରେ ମାର୍କେଟଂ ମଣ୍ଡି ବ୍ୟବସ୍ଥା ହେବ ତାହେଲେ ଚାଷୀମାନେ ଉପକୃତ ହେବ। ଆମକୁ ପାଖାପାଖି ୧୫ କିଲୋମିଟର ପର୍ଯ୍ୟନ୍ତ ଶସ୍ୟ ନେବାକୁ ପଡୁଛି। ଫଳରେ ଅଧିକ ଟଙ୍କା ଖର୍ଚ୍ଚ ପଡ଼ିଯାଉଛି। ଏବାବଦରେ ଏଫପିଓ ମୁଖ୍ୟ ସରୋଜଙ୍କୁ ପଚାରିବାରୁ କହିଛନ୍ତି ନାଫେଡ୍ ପକ୍ଷରୁ କ୍ୟୁଆର୍ କୋଡ୍ ଆସିବା କଥା। କ୍ୟୁଆର୍ କୋଡ୍ ଷ୍ଟକ୍ ଆସିନି ସେଥିପାଇଁ ଶସ୍ୟ ମଣ୍ଡିରୁ ଉଠିପାରୁନି। ୧୫ ଦିନ ତଳେ ଏବାବଦରେ ମୁଁ ନାଫେଡ୍‌କୁ ଜଣାଇଛି। ଆଉ ଦୁଇ ଦିନ ଭିତରେ କ୍ୟୁଆର୍ କୋଡ୍ ଆସିଯିବ ବୋଲି କହିଛନ୍ତି। ଅନ୍ୟପଟେ ଶସ୍ୟ ଉଠିବାର ଶେଷ ତାରିଖ ୧୩ ଥିବାବେଳେ ତାହା ଆହୁରି ମାସେ ବଢ଼ିବ ବୋଲି ସୂଚନା ମିଳିଛି। ୧୦ ହଜାର କ୍ୱିଣ୍ଟାଲ କ୍ଷମତା ବିଶିଷ୍ଟ ଆମର ଏହି ମଣ୍ଡି। ଚାଷୀଙ୍କର ମୁଗ, ବିରି, ବାଦାମ ଆଦି ମଣ୍ଡିରେ ରହିଛି। ଉଠିନାହିଁ। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ ଶସ୍ୟ ବିକ୍ରି ହେବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପଠାଯିବା କଥା। କିନ୍ତୁ ଚାଷୀମାନଙ୍କ ଅଭିଯୋଗ, ସପ୍ତାହ ସପ୍ତାହ ବିଳମ୍ବରେ ଟଙ୍କା ମିଳୁଛି। ଫଳରେ ଋଣ ପରିଶୋଧ, ସାର, ବିହନ କିଣିବା ଏବଂ ପରବର୍ତ୍ତୀ ଚାଷ ପାଇଁ ଆବଶ୍ୟକ ପୁଞ୍ଜି ଯୋଗାଡ଼ କରିବାରେ ଚାଷୀମାନେ ଅର୍ଥ ସଙ୍କଟରେ ପଡୁଛନ୍ତି। ସମୟରେ ସରକାରୀ କ୍ରୟ ନ ହେବାର ସୁଯୋଗ ନେଇ କିଛି ଦଲାଲ ସକ୍ରିୟ ହୋଇଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। ଶସ୍ୟ ନଷ୍ଟ ହେବା ଭୟରେ ଅନେକ ଚାଷୀ ସରକାରୀ ଏମ୍ଏସ୍ପି ଠାରୁ ବହୁତ କମ୍ ଦରରେ ଦଲାଲଙ୍କୁ ଶସ୍ୟ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପ୍ରଶ୍ନ ଉଠୁଛି, ଯେତେବେଳେ ଚାଷୀଙ୍କ ପଞ୍ଜୀକରଣ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଯାଇଛି ଓ ଉତ୍ପାଦନର ଆକଳନ ସରକାରଙ୍କ ପାଖରେ ରହିଛି, ତେବେ ପର୍ଯ୍ୟାପ୍ତ ମଣ୍ଡି କାହିଁକି ଖୋଲାଗଲା ନାହିଁ? କ୍ୟୁଆର୍ କୋଡ୍ ବ୍ୟବସ୍ଥା ୧୦ ଦିନ ଧରି କାହିଁକି ଅଚଳ? ୭୨ ଘଣ୍ଟାରେ ଟଙ୍କା ପ୍ରଦାନର ନିୟମ କାହିଁକି କାର୍ଯ୍ୟକାରୀ ହେଉନାହିଁ? ଏହାକୁ ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଭୂମିକା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଛି। ଚାଷୀମାନେ ପ୍ରତ୍ୟେକ ବ୍ଲକରେ ମଣ୍ଡି ଖୋଲିବା, କ୍ୟୁଆର୍ କୋଡ୍ ସମସ୍ୟାର ତୁରନ୍ତ ସମାଧାନ, ସ୍ୱଚ୍ଛ ଏସ୍ ଓ ପି ଜାରି, ୭୨ ଘଣ୍ଟା ମଧ୍ୟରେ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ସହ ସମଗ୍ର କ୍ରୟ ପ୍ରକ୍ରିୟାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ବିନା ପରିମିଟ୍ ଓ ବୀମା ନ ଥାଇ ଗଡୁଛି ଘରୋଇ ସ୍କୁଲ ବସ୍

ଖଇରା, ୯।୭ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା, ଔପଦା ଓ ସିମୁଳିଆ ବ୍ଲକ ରେ ଛତୁ ଫୁଟିଲା ପରି ବେସରକାରୀ ବିଦ୍ୟାଳୟ ଗଢି ଉଠିଛି। ଛୋଟ ଛୋଟ ପିଲା ମାନଙ୍କୁ ବିଦ୍ୟାଳୟରେ ଆଣିବା ଓ ଘରେ ଛାଡିବା ନେଇ ବହୁ ଘରୋଇ ଅଟୋ, ଟାଟା ମ୍ୟାଜିକ ସମେତ ଅନ୍ୟାନ୍ୟ ଗାଡି ବ୍ୟବହୃତ ହେଉଛି। ଗାଡି ଗୁଡିକ ଆବଶ୍ୟକ ଠାରୁ ଅଧିକ ପିଲାମାନଙ୍କୁ ନେଇ ଯାଉଥିବା ବେଳେ ଅନେକ ଗାଡି ରେ କୌଣସି କାଗଜପତ୍ର ନଥିବା ର ଦେଖିବାକୁ ମିଳିଛି। ଏମିତି କି ଅନେକ ଗାଡି ରେ ୩୦ବର୍ଷ ରୁ ଊର୍ଦ୍ଧ୍ୱ ସମୟ ହୋଇଥିବା ବେଳେ ସେ ଗାଡି ଗୁଡିକ ରାସ୍ତାରେ ଚାଲୁଛି। ଅନେକ ଗାଡି ରେ ବୀମା, ପରିମିଟ ଓ ପଲ୍ୟୁସନ ନଥିବା ବେଳେ ଗାଡି ମାଲିକ ମାନେ ନିର୍ଭୟ ରେ ପିଲା ମାନଙ୍କୁ ନେଇ ଯାତାୟାତ କରୁଛନ୍ତି। ସାରା ରାଜ୍ୟ ରେ ପରିବହନ ବିଭାଗ ପକ୍ଷରୁ ଏ ନେଇ କଡାକଡ଼ି ଭାବେ ଯାଞ୍ଚ ଚାଲିଥିବା ବେଳେ ଖଇରା, ଔପଦା ଓ ସିମୁଳିଆ ବ୍ଲକରେ ଚାଲିଥିବା ଗାଡି ଗୁଡିକୁ ପରିବହନ ବିଭାଗର କୌଣସି ଦୃଷ୍ଟି ନଦେବା ବିଭାଗ ର ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି। ଉକ୍ତ ଘଟଣାକୁ ନେଇ ଅଭିଭାବକ ମାନଙ୍କ ମଧ୍ୟରେ ଚିନ୍ତାର କାରଣ ସାଜିଛି। ଏଥିପ୍ରତି ଶିକ୍ଷା ବିଭାଗ ଓ ପରିବହନ ବିଭାଗ ଦୃଷ୍ଟି ଦେଇ କାଗଜପତ୍ର ନ ଥିବା ଗାଡି ମାଲିକ ଓ ଶିକ୍ଷାନୁଷ୍ଠାନ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି ଜୋରଦାର ହୋଇଛି। ନହେଲେ ଆଗାମୀ ଦିନ ରେ ଯଦି ଛୋଟ ଛୋଟ ପିଲା ଙ୍କର କୌଣସି ଅଘଟଣ ଘଟେ ସେଥିପାଇଁ ଦାୟୀ କିଏ ରହିବ ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଖଇରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ସହିତ ଯୋଗାଯୋଗ କରିବାରୁ ଏହା ମୋ ନଜରରେ ଆସିଥିବାରୁ ମୁଁ ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଚିଠି କରିବା ନେଇ ପ୍ରକାଶ କରିଥିଲେ।

## 'ଆମ ରାଧା ପାଇଁ ଦିନଟିଏ'

କାଳିପଦା, ୯।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ଚତୁର୍ଥ ଶ୍ରେଣୀ କର୍ମଚାରୀ (ମାଳି)ଙ୍କ ପାଇଁ ଆମ ରାଧା ପାଇଁ ଦିନଟିଏ ତଥା ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି।

ଅଧ୍ୟକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଧାପକ ଡ. ଶିବ ନାରାୟଣ ମହାପାତ୍ର, ଅଧାପକ ଆଶୁତୋଷ ଯତି, ଡେମୋନଷ୍ଟ୍ରେଟର ସୋନାଲିକା ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଦାୟୀ ମାଳି ରାଧାକୃଷ୍ଣ ପ୍ରଧାନଙ୍କ କର୍ମ ନିଷ୍ଠା ଓ ସାଧୁତା ସମ୍ପର୍କରେ ଆଲୋଚନା କରିଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




କାଳିପଦା, ୯।୭ (ସମିସ): ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷା ବିଭାଗର ପ୍ରାଧ୍ୟାପକ ସଚ୍ଚିନ୍ଦ୍ରନାଥ ଦତ୍ତ, ସହାୟକ ପ୍ରଦୀପ କୁମାର ଦାସ ଏବଂ ସହାୟିକା କାଞ୍ଚନ ସେଠୀଙ୍କ ଅବସର ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶାନ୍ତିଲତା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଶ୍ରୀ ବିକାଶ ଚନ୍ଦ୍ର ଜେନା ଓ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ରଞ୍ଜନ କୁମାର ପାଢ଼ୀ ବକ୍ତବ୍ୟ ରଖି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଷ୍ଠା, କର୍ମଦକ୍ଷତା ଓ ମହାବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଗଣେଶ ଚନ୍ଦ୍ର ସୀ, ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଅକ୍ଷୟ କୁମାର ଗିରି, ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପ୍ରଧାନ, ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ସୁବଳ କୁମାର ଗିରି, ଗଣିତ ବିଭାଗର ବରିଷ୍ଠ ଅଧ୍ୟାପକ ବେଣୁଧର ନାୟକ, ଓଡ଼ିଆ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ମୁର୍ମୁ, ଇଂରାଜୀ ବିଭାଗର ଅଧ୍ୟାପିକା ସୁଭାସ୍ମିତା ନନ୍ଦ, ଅର୍ଥନୀତି ବିଭାଗର ଅଧ୍ୟାପକ ଜ୍ୟୋତି ରଞ୍ଜନ କବାଟ, ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଦର୍ଶକ ଦୁର୍ଗାଶଙ୍କର ନାୟକ, ବରିଷ୍ଠ ହିସାବ ଅଧିକାରୀ ରଞ୍ଜିତ କୁମାର ସାହୁ, ସହାୟକ ରାଜେନ୍ଦ୍ର ପ୍ରଧାନ, ବିଶ୍ୱନାଥ ସାମଲ, ପରିଚାରକ ପରେଶ କୁମାର ମାଣିକ, ପ୍ରିୟରଞ୍ଜନ ପ୍ରଧାନ ଓ ପି.ଇ.ଟି. ମେଘମାଳା ପାଢ଼ିଆରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହିଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ ଧନ୍ୟବାଦ ଜଣାଇ ଥିଲେ।

## ସିଡିଏମ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀଙ୍କ ବିକ୍ଷୋଭ




ବାଲେଶ୍ୱର, ୯।୭ (ସମିସ): ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ, ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୪୬ହଜାରରୁ ଅଧିକ ଆଶା କର୍ମଚାରୀ ସ୍ୱଳ୍ପ ପାରିଶ୍ରମିକରେ ଦିନ ରାତି କାର୍ଯ୍ୟ କରୁଛନ୍ତି। ସରକାର ନିର୍ବାଚନ ସମୟରେ ତାଙ୍କ ଇସ୍ତାହାରରେ ସମସ୍ତଙ୍କୁ ସମ୍ମାନ ଜନକ ବେତନ ଓ ସୁବିଧା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ସମସ୍ତଙ୍କ ମଧ୍ୟରେ ଏକ ନିରାଶ ଜନକ ଭାବ ଦେଖିବାକୁ ମିଳିଛି। ଏଣୁ ଆଜି ଦେଶ ବ୍ୟାପି ସରକାର ଜଗାଓ ପଦକ୍ଷେପ ଅର୍ନ୍ତଗତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଆଶା କର୍ମୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ବିଶେଷ କରି ଜାତୀୟ ସ୍ୱାସ୍ଥ୍ୟ ବିଶାନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ସହ ସର୍ବନିମ୍ନ ବେତନ ପ୍ରଦାନ କରାଯାଉ। ଏବଂ ସ୍ଥାୟୀ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରାଯାଉ, ସମସ୍ତ ଆଶା କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଇଏସଆଇ ଓ ଇପିଏଫଓ ଅର୍ନ୍ତଗତ ପଞ୍ଜିକୃତ କରାଯାଉ, ପ୍ରତିମାସ ୧୦ତାରିଖ ମଧ୍ୟରେ ସମସ୍ତ ପ୍ରକାର ମାନଦେୟ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରାଯାଉ, ଆଶା ଭଉଣୀମାନଙ୍କ ପ୍ରତି ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ହେଉଥିବା ଦୁର୍ବବ୍ୟହାରଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ପ୍ରତି ଗାଁ ଅଙ୍ଗନବାଡି କେନ୍ଦ୍ରକୁ ଲାଗି ଆଶା କେନ୍ଦ୍ର ନିର୍ମାଣ କରାଯାଉ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀମାନଙ୍କୁ ତାଲିମ ଦେଇ ଏଏନଏମ ପଦବୀକୁ ପଦୋନ୍ନତି କରାଯାଉ, କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ, ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ସେବା ନିବୃତ ସମୟରେ ଆଶା କର୍ମୀମାନଙ୍କୁ ଏକ କାଳୀନ ୧୦ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ହଜାର ଟଙ୍କା ଭତା ପ୍ରଦାନ କରାଯାଉ, କାର୍ଯ୍ୟକ୍ଷେତ୍ରରେ ସୁପରିଚାଳନା ପାଇଁ ଆଶା କର୍ମୀମାନଙ୍କୁ ଭଲ ମୋବାଇଲ ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ବିକ୍ଷୋଭ ସମୟରେ ଜିଲ୍ଲା ସମ୍ପାଦିକା ଶକୁନ୍ତଳା ଗୋଛାୟତ, କୁମମଣି ଦେଇ, ଅପର୍ଣ୍ଣା ପରିଡ଼ା, ଅରୂପ ନାୟକ, ବାସନ୍ତୀ ମାଆନ, ଜାନକୀ ରାଉଳ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

## ସାବରମତୀ ଆଶ୍ରମରେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି, ୯।୭ (ସମିସ): କେନ୍ଦ୍ର ସଂସଦୀୟ ବ୍ୟାପାର କମିଟି ଗୁଜୁରାଟ ଅହମଦାବାଦ ଯାଇଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଉକ୍ତ କମିଟିରେ ଯାଇଥିବା ବେଳେ ଅହମ୍ମଦାବାଦରେ ଥିବା ସାବରମତୀ ଆଶ୍ରମକୁ ଯାଇଥିଲେ। ସାବରମତୀ ଆଶ୍ରମ ଏକ ଐତିହାସିକ ସ୍ଥାନ, ଶାନ୍ତି, ମୈତ୍ରୀ ଐତିହ୍ୟର ଭୂମି। କମିଟିର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ବୁଲି ଦେଖିଥିଲେ। ଯେଉଁ ସ୍ଥାନରୁ ଜାତିର ପିତା ମହାତ୍ମା ଗାନ୍ଧୀ ଦାଣ୍ଡି ଯାତ୍ରା ଓ ଭାରତକୁ ସ୍ୱାଧୀନତା ଆଣିବା ପାଇଁ ଡାକରା ଦେଇଥିଲେ, ସେହି ସ୍ଥାନକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ବୁଲି ବୁଲି ଦେଖିଥିଲେ। ଗାନ୍ଧିଜୀଙ୍କର ସ୍ମୃତିକୁ ସାଉଁଟି ଥିଲେ ସାଂସଦ। ଗାନ୍ଧିଜୀଙ୍କ ଖଟି ଖାଅ, କାଟି ପିନ୍ଧ ନାରା କୁ ପାଥେୟ କରି ସାଂସଦ ପ୍ରତାପ ଷଡ଼ଙ୍ଗୀ ସାବରମତୀ ଆଶ୍ରମରେ ଥିବା ଅରଟରେ ସୂତା କାଟୁଥିବାର ଦେଖିବାକୁ ମିଳିଛି।

## ଜିଲ୍ଲାପାଳଙ୍କ ରାଇବଣିଆ ଗଡ଼ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଜଳେଶ୍ୱର/ଜଳେଶ୍ୱର ବ୍ଲକ ୯।୭ (ସମିସ): ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରାଇବଣିଆ ଗଡ଼ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ସହିତ ରାଇବଣିଆ ଦୁର୍ଗ ପରିଦର୍ଶନ କରିଥିଲେ।



୧୭ କୋଟି ଟଙ୍କା ବ୍ୟୟରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ମନ୍ଥର ଗତି ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରକଳ୍ପର ସମସ୍ତ ଉପାଦାନ ଯାଞ୍ଚ କରିଥିଲେ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ସମସ୍ତ ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପର ଶୀଘ୍ର ସମାପ୍ତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟୁରିଜିମ୍ ଓ ସଂସ୍କୃତି ବିଭାଗ ପକ୍ଷରୁ ଦୁର୍ଗ ନିକଟ ରୁପାଦିଘୀ ପୋଖରୀ ଉନ୍ନତିକରଣ, କମୁନିଟି ସେଣ୍ଟର, ଗେଷ୍ଟ ହାଉସ, ପାଚେରୀ କାର୍ଯ୍ୟ ବୁଲି ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି, ଏବିଡିଓ ସୁଧିର ସାହୁ ପ୍ରମୁଖ ଉପସ୍ଥିତ ରହି ସମିକ୍ଷା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କାଳିପଦା, ୯।୭ (ସମିସ): ବାଲିଆପାଳ ବ୍ଲକ କଟୁଆପଡ଼ା କାଞ୍ଚନେଶ୍ୱର ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାୟକଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରାକ୍ତନ ଏସଏମସି ସଭାପତି ସୁବ୍ରତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷକନେତା ପ୍ୟାରୀ ମୋହନ ବିଶ୍ୱାଳ, ମୁଖ୍ୟ ବକ୍ତା ରୂପ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅବସର ସୈନିକ ସଂଘର ସଭାପତି ମନୋଜ କୁମାର ସୀ, କମଳ ଲୋଚନ ପିଳା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ପାତ୍ର ମଞ୍ଚାସୀନ ହୋଇଥିଲେ। ସଭାରେ ବେଣୁଧର ପ୍ରମାଣିକ, ଅତୁଲ କୁମାର ଦାସ, ଗୋପାଳ ଚନ୍ଦ୍ର ଜେନା, ସାହା ବୁଦ୍ଦିନ ସାହା, ଦୁଃର୍ଜୟ ନାୟକ, ମନୋରମା ନାୟକ, ଅନ୍ନପୂର୍ଣ୍ଣା ପଢ଼ିଆରୀ, ସୁଜାତାରାଣୀ ସୀ, ଏସ ରଫିରୁଦ୍ଦିନ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସି ଆର ସି ଅଶୋକ କୁମାର ଗିରି, ନିତାଇ ରାଉଳ, ଶିକ୍ଷକ ପ୍ରଦୀପ ପଣ୍ଡା, ଶିଶିର କୁମାର ନାୟକ ସଞ୍ଜୟ ସାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଗବନ୍ଧୁ ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଗଣ ସମାବେଶ

ନୀଳଗିରି, ୯।୭ (ସମିସ): ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ, ନୀଳଗିରି ପକ୍ଷରୁ ତେଲିପାଳଠାରେ ଏକ ବିଶାଳ ଗଣ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଏହାର ଇକୋ-ସେନ୍ସିଟିଭ୍ ଜୋନ୍ ଅଞ୍ଚଳରେ ବନ, ବନ୍ୟଜୀବ ଓ ସେଠାରେ ବସବାସ କରୁଥିବା ଆଦିବାସୀ ତଥା ପାରମ୍ପରିକ ବନବାସୀଙ୍କ ସାମ୍ବିଧାନିକ ଅଧିକାରକୁ ସମାନ ଭାବେ ସୁରକ୍ଷା କରିବାକୁ ଦାବି ଜୋରଦାର ହୋଇଛି। କୁଲଡ଼ିହା ଅଭୟାରଣ୍ୟ ଓ




ଏହାର ଇକୋ-ସେନ୍ସିଟିଭ୍ ଜୋନ୍‌ରେ ସମସ୍ତ ବେଆଇନ ଖଣି ଓ ପଥର ଖାଦାନକୁ ତୁରନ୍ତ ବନ୍ଦ କରାଯାଉ, ହାତୀ କରିଡର ଏବଂ ବନ୍ୟଜୀବ ଆବାସସ୍ଥଳୀକୁ କଡ଼ା ସୁରକ୍ଷା ଦିଆଯାଉ। ସମସ୍ତ ଯୋଗ୍ୟ ପରିବାରଙ୍କ ବନ ଅଧିକାର ସ୍ୱୀକୃତ କରାଯାଉ। କୌଣସି ଆଦିବାସୀ କିମ୍ବା ବନବାସୀଙ୍କୁ ବଳପୂର୍ବକ ଉଚ୍ଛେଦ କରାନଯାଉ ଏବଂ ଗ୍ରାମସଭାର ପୂର୍ବ ସମ୍ମତି ବିନା କୌଣସି ପ୍ରକଳ୍ପକୁ ଅନୁମତି ଦିଆନଯାଉ। ଏହା ସହ କୁଲଡ଼ିହା ଅଞ୍ଚଳର ସମସ୍ତ ଆଦିବାସୀ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତା, ବିଦ୍ୟୁତ, ଯୋଗାଯୋଗ ଓ ଜୀବିକାର ଅଧିକାର ସୁନିଶ୍ଚିତ କରିବା ସହ ବନ ସଂରକ୍ଷଣରେ ସ୍ଥାନୀୟ ଗ୍ରାମସଭାଙ୍କୁ ଅଂଶୀଦାର କରିବାକୁ ମଧ୍ୟ ଦାବି କରାଯାଇଛି। ନତୁବା ଗଣ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ମଞ୍ଚ ତରଫରୁ ଆହ୍ୱାନ ଦିଆଯାଇଛି। ଏହି ଗଣ କନଭେନସନ୍‌ରେ ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ଆଡଭୋକେଟ୍ କୃଷ୍ଣଚନ୍ଦ୍ର ନାୟକ, ସି ପି ଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି ପି ଆଇ (ଏମ୍) ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସମ୍ପାଦକ ଚାମ୍ପୁରୁ ସୋରେନ, ଓଡ଼ିଶା କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ସିଆଇଟିୟୁସିପିଆଇ (ଏମ୍) ନୀଳଗିରି ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଏବଂ ଚାଷୀ ନେତା ଯୋଗନନ୍ଦ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଆଦିବାସୀ ନେତା ରଘୁନାଥ ସିଂହ ଏହି ଗଣ ସମାବେଶରେ ସଭାପତିତ୍ୱ କରିଥିଲେ।

### ମନ୍ଦିରକୁ ବ୍ୟକ୍ତିଗତ ସମ୍ପତ୍ତି ଦାବି

## ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଜଳେଶ୍ୱର ବ୍ଲକ, ୯।୭ (ସମିସ)



ଜଳେଶ୍ୱର ତହସିଲ ଅନ୍ତର୍ଗତ ଖୁଆଡ ପଞ୍ଚାୟତର ପୁରୁଣାପାଣି ମୌଜା ମହୁଡ଼ୁମା ଗ୍ରାମରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଏହି ପୁରାତନ ମନ୍ଦିରକୁ ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ନିଜର ବ୍ୟକ୍ତିଗତ ସମ୍ପତ୍ତି ବୋଲି ଦାବି କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ମନ୍ଦିରଟି ସର୍ବସାଧାରଣ ଅନୁଷ୍ଠାନ ହୋଇଥିବାରୁ ଏହାର ବିକାଶ ପାଇଁ ବିଗତ ଦିନରେ ସରକାରୀ ପାଣ୍ଠି ଯୋଗାଇ ଦିଆଯାଇଥିଲା। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା'ରୁ ମନ୍ଦିର ମରାମତି ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ଉନ୍ନୟନ ପାଣ୍ଠିରୁ ୧ ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିରର ପାଚେରୀ ଓ ମୁଖଶାଳା ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସରକାରୀ ଅନୁଦାନରେ ବିକାଶ ହୋଇଥିବା ଏହି ମନ୍ଦିରକୁ ଏବେ ବ୍ୟକ୍ତିଗତ ବୋଲି କୁହାଯିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଗ୍ରାମବାସୀ ଅନନ୍ତ କୁମାର ଦାସଙ୍କ ଅଭିଯୋଗ ମୁତାବକ, ଗ୍ରାମର ପ୍ରଭାବଶାଳୀ ସୁବ୍ରତ ମଲ୍ଲିକ ଓ ବ୍ରଜ କିଶୋର ମଲ୍ଲିକ ଏହାକୁ ନିଜର ବ୍ୟକ୍ତିଗତ ମନ୍ଦିର ଓ ଠାକୁର ବୋଲି ଦାବି କରୁଛନ୍ତି। ଏପରିକି ସେମାନେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଉଥିବା କୁହାଯାଇଛି। ଏହି ଅଞ୍ଚଳଟି ମୁଖ୍ୟତଃ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ହୋଇଥିବା ବେଳେ ଆଗାମୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ରଥ ସ୍ପର୍ଶ ନ କରିବା ମୌଖିକ ଭାବେ ବାରଣ କରାଯାଉଥିବା ପରି ସଙ୍ଗୀନ ଅଭିଯୋଗ ଆସିଛି। ଏହା ସହିତ ଗ୍ରାମର କିଛି ମୁଷ୍ଟିମେୟ ଲୋକ ମହାପ୍ରଭୁଙ୍କ ଘରବାଡ଼ି ପ୍ଲଟକୁ ଜବରଦଖଲ କରି ରଖିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ସମ୍ବେଦନଶୀଳ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ମହାପ୍ରଭୁଙ୍କ ମନ୍ଦିରକୁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନକୁ ନେବା ପାଇଁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଅପରପକ୍ଷରେ, ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ସୁବ୍ରତ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରୁ ସେ ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଓ ମନଗଢ଼ା ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଆଗାମୀ ରଥଯାତ୍ରା ପୂର୍ବରୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# 'ସକାଳ' ପ୍ରଭାବ ଚାରିଘରିଆରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

ବନ୍ତ/ଆଗରପଡ଼ା, ୯।୭ (ସମିସ)

ଗତ ୬ ତାରିଖ 'ଚାରିଘରିଆବାସୀଙ୍କୁ କନ୍ଦାଉଛି ବର୍ଷାଦିନ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଗୁରୁବାର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିଦର୍ଶନ କରି ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ କରିଥିବା ଜଣାପଡ଼ିଛି। ଏଡିଏମ୍ ସରୋଜ ଦତ୍ତ, ତହସିଲଦାର ସାରା ହେମ୍ବ୍ରମ, ବ୍ଲକ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର ଶ୍ରଦ୍ଧାସୁମନ ନାଥ, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ପରିଦର୍ଶନ କରି ଡ୍ରେନ୍ ଥାଇ ଜଳ ନିଷ୍କାସନ ହୋଇ ନ ପାରିବା ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ମହାନ୍ତିପଡ଼ା ସମିତିସଭ୍ୟ ନିର୍ମଳ ନାୟକ, ଯୁବନେତା ରାଜୀବ ଲୋଚନ ରାୟ, ଗୋପାଳ ଦାଶ, ପୟୋଧର ବାରିକ, ବସନ୍ତ ପତି, ପ୍ରୀତିଶକାନ୍ତ ଶତପଥୀ, ଜ୍ୟୋତି ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜଳ ନିଷ୍କାସନର ସୁବନ୍ଦୋବସ୍ତ ହୋଇପାରୁ ନ ଥିବାରୁ ଅସରାଏ ବର୍ଷା



ହେଲେ ଗ୍ରାମବାସୀ ଜଳବନ୍ଦୀରେ ରହିଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପୂରା ଠପ୍ ହୋଇଯାଉଛି। ଏପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ୧୨ନଂ ୱାର୍ଡର ଚାରିଘରିଆଠାରେ।

ଉକ୍ତ ଗାଁର ଲୋକସଂଖ୍ୟା ପାଖାପାଖି ୪୫୦। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ମେଡିକାଲ (ଆଗରପଡ଼ା) ଛକଠାରୁ ଏକ ରାସ୍ତା ଉକ୍ତ ଗାଁକୁ ସଂଯୋଗ କରୁଛି। ଉକ୍ତ ରାସ୍ତା ମୁଣ୍ଡଳୀ, ରଇଁତରା, ପୁରୁଷଣ୍ଡ ଆଦି ଗ୍ରାମକୁ ମଧ୍ୟ ସଂଯୋଗ କରୁଛି। ଏପରିସ୍ଥଳେ ଉକ୍ତ ଗ୍ରାମରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଉ ନ ଥିବାରୁ ଗାଁ ମଝିରେ ଥିବା ପୋଖରୀ ପାଣି ବର୍ଷା ଜଳରେ ପୂରିଯିବା ମାତ୍ରେ ଗ୍ରାମବାସୀମାନେ ଜଳବନ୍ଦୀ ହୋଇଯାଉଛନ୍ତି। ବଜାରକୁ ଆସିବା ପୂରା ବନ୍ଦ ହୋଇଯିବା ସହ ଉକ୍ତ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଅଚଳ ହୋଇପଡୁଛି। ପିଲାମାନେ କଲେଜ ଓ ସ୍କୁଲକୁ ମଧ୍ୟ ଶିକ୍ଷାଲାଭ ପାଇଁ ଆସିପାରୁ ନାହାନ୍ତି ଏବଂ ଅନ୍ୟ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷା ଜଳ ଏହିପରି ନାନାଦି ସମସ୍ୟା ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରୁଥିବାରୁ ବର୍ଷା ଆସିଲେ ଗ୍ରାମବାସୀଙ୍କ ଆଖିରେ ଲୁହ ଆସିଯାଉଛି।

ବିଡ଼ମ୍ବନାର ବିଷୟ ଜଳ ନିଷ୍କାସନ ପାଇଁ ୨୦୨୪ରେ ବିଭାଗ ତରଫରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ସୁଦ୍ଧା ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ଡ୍ରେନ୍‌ର ପାଣି ମୁଖ୍ୟ ଡ୍ରେନ୍‌ରେ ପଡ଼ିବା ପରିବର୍ତ୍ତେ ମୁଖ୍ୟ ଡ୍ରେନ୍ ପାଣି ଉକ୍ତ ଡ୍ରେନ୍‌ରେ ଫେରି ଆସି ଗାଁ ଭିତରକୁ ପଶୁଥିବାର ଜଣାପଡ଼ିବା ପରେ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ବିଭିନ୍ନ ଗଣମାଧ୍ୟମରେ ଉକ୍ତ ଖବର ମଧ୍ୟ ପ୍ରକାଶ ପାଇଥିଲା। କିନ୍ତୁ ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷାରେ ଗ୍ରାମବାସୀମାନେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମଧ୍ୟ ଗାଁର ଚାରିପାଖରେ ବର୍ଷାଜଳ ଘେରି ରହିଛି। ତେଣୁ ଏହା ଜମି ରହିବା ଦ୍ୱାରା ଡେଙ୍ଗୁକୁ ମଧ୍ୟ ଆମନ୍ତ୍ରଣ କରୁଛି। ତେଣୁ କିଛି ବଡ଼ ଅଘଟଣ ଘଟିବା ଆଗରୁ ଉକ୍ତ ଗାଁରେ ଜମି ରହୁଥିବା ବର୍ଷା ଜଳର ନିଷ୍କାସନ ପାଇଁ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ବୈତରଣୀ ନଦୀଗର୍ଭରେ କୁହ୍ଲିବିନ୍ଧା ଗାଁ

ଭଦ୍ରକ, ୯।୭ (ସମିସ): ବୈତରଣୀ ନଦୀ ଗର୍ଭରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ତେନ୍ତୁଳିଡିହି ପଞ୍ଚାୟତର କୁହ୍ଲିବିନ୍ଧା ଗାଁ। ଗାଁ ପାଖ ଦେଇ ବହିଯାଇଥିବା ବୈତରଣୀ ନଦୀ ବନ୍ଧକୁ ନେଇ ଏବେ ଚିନ୍ତାରେ ଅଛନ୍ତି ଗାଁ ଲୋକେ। ଯଦିଓ ଗାଁ ଲୋକଙ୍କ ଦୀର୍ଘ ବର୍ଷର ଦାବି ପରେ ଜଳସମ୍ପଦ ବିଭାଗ ତରଫରୁ ଉକ୍ତ ବନ୍ଧରେ ପଥର ପକାଯାଇଛି, ହେଲେ ଦୁର୍ବଳ ଥିବା ବନ୍ଧରେ ପଥର ନ ପକାଇ ଯେଉଁଠି ଆବଶ୍ୟକ ନ ଥିଲା ସେହି ସ୍ଥାନରେ ପଡ଼ିଛି ପଥର ବୋଲି ଏଭଳି ଅଭିଯୋଗ କରିଛନ୍ତି କିଛି ଗ୍ରାମବାସୀ।



ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁଠି ନଦୀବନ୍ଧ ଖାଉଛି ସେ ସ୍ଥାନରେ ଜଳସମ୍ପଦ ବିଭାଗ ପଥର ନ ପକାଇ ଅନ୍ୟ ସ୍ଥାନରେ ପଥର ପକାଇଲା। ବିଭାଗର ଏ ବେପରୁଆ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଲୋକେ। ଯେଉଁ ସ୍ଥାନରେ ବନ୍ଧ ଦୁର୍ବଳ ଅଛି ସେହି ବନ୍ଧକୁ ଲାଗି ୫୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ତେଣୁ ଦୁର୍ବଳ ନଦୀ ବନ୍ଧକୁ ନେଇ ଚିନ୍ତା ଓ ଭୟରେ ଜୀବନ ବିତାଉଛନ୍ତି ନଦୀକୂଳିଆ ଅଧିବାସୀ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। କିଛି ଗ୍ରାମବାସୀଙ୍କ ଅଭିଯୋଗ କ'ଣ

### ଜଳସମ୍ପଦ ବିଭାଗ ଦୁର୍ବଳ ବନ୍ଧରେ ପଥର ନ ପକାଇ ଦୂରରେ ପକାଇଲା; ଲୋକେ ଅସନ୍ତୁଷ୍ଟ

କାମ ହେଉଛି ଓ ଏହାର ବ୍ୟୟ ଅଟକଳ କେତେ ଏହାର କୌଣସି ସୂଚନାଫଳକ ଲଗାଯାଇନି। ଅନ୍ୟପକ୍ଷରେ କାମ ସମୟରେ ବିଭାଗର ଯନ୍ତ୍ରୀ ଓ ପଦାଧିକାରୀ କେହି ତଦାରଖ କରି ନ ଥିବାର ଗ୍ରାମବାସୀ ମଧ୍ୟ ଅଭିଯୋଗ କରିଛନ୍ତି। ଏଭଳି ପ୍ରସଙ୍ଗରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ କହିଛନ୍ତି, ଜଳସମ୍ପଦ ବିଭାଗର ଆଖୁଆପଦା ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କୁହାଯାଇଛି। ସେ କ'ଣ ହୋଇଛି ଦେଖିବେ। ତେବେ ନିଜେ ଜିଲ୍ଲାପାଳ ଗାଁକୁ ଆସି ସ୍ୱଚକ୍ଷୁରେ ଏହି ସମସ୍ୟାକୁ ଦେଖି ନିଜେ ଅବଗତ ହେବା ସହ ଜଳସମ୍ପଦ ବିଭାଗର ବେପରୁଆ କାର୍ଯ୍ୟକୁ ଜାଣନ୍ତୁ ବୋଲି ନଦୀକୂଳିଆ ଅଧିବାସୀମାନେ ନିବେଦନ କରିଛନ୍ତି।

## ବୈତରଣୀ-କୋଚିଲା ବନ୍ୟା ଦାଉରୁ ମିଳିବ ମୁକ୍ତି: ଆରମ୍ଭ ହେଲା ଘେରୀବନ୍ଧ ନିର୍ମାଣ କାର୍ଯ୍ୟ

ଅସୁରାଳି, ୯।୭ (ସମିସ)

ବୈତରଣୀ ଏବଂ କୋଚିଲା ନଦୀର ବନ୍ୟା ବିପତ୍ତିରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବା ପାଇଁ ଏକ ଦୀର୍ଘ ପ୍ରତୀକ୍ଷିତ ପଦକ୍ଷେପ ଗ୍ରହଣ କରାଯାଇଛି। ହସନାବାଦ, ଅର୍ଜୁନପୁର ଏବଂ ପଧାନୀ ପଞ୍ଚାୟତର ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅସ୍ତକଠାରେ ପ୍ରସ୍ତାବିତ ଘେରି ବନ୍ଧର ଭୂମିପୂଜନ ସହ କାର୍ଯ୍ୟର ଶୁଭାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ନିର୍ମାଣ ହେବାକୁ ଥିବା ୧.୭୦୦ କିଲୋମିଟର ବନ୍ଧ ମଧ୍ୟରୁ ଅନ୍ୟୁନ ୨୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ, ପ୍ରାୟ ୭୦୦ ମିଟର କାର୍ଯ୍ୟ ଶେଷ ହୋଇଛି।

ସୂଚନା ଯେ, ପ୍ରତିବର୍ଷ ବୈତରଣୀ ଓ କୋଚିଲା ନଦୀରେ ବନ୍ୟା ଆସିଲେ ଗାନ୍ଧୀଘାଟର ଡାହାଣ ପାର୍ଶ୍ୱରେ ବନ୍ଧ ନ ଥିବାରୁ ବନ୍ୟା ଜଳ ପଛୁଆ ଭାବେ ପ୍ରବେଶ କରିଥାଏ। ଏହାଦ୍ୱାରା ଅସ୍ତକ, ଗୋପବନ୍ଧୁ ନଗର, ମଠସାହି, ବାଲିପାଟଣା, ଶୈଳ, ମମାଦୁଲା, ତରେଇସାହି ଏବଂ ଦାସପାରି ଭଳି ଅନେକ ଗ୍ରାମ ଜଳବନ୍ଦୀ ହେବା ସହ ଚାଷ ଓ ଧନଜୀବନର ବ୍ୟାପକ କ୍ଷତି ଘଟୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ଦାବି କରିଆସୁଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ଜନସାଧାରଣଙ୍କ ଏହି ଗୁରୁତର ସମସ୍ୟାକୁ ଅନୁଭବ କରି ଘେରି ବନ୍ଧ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେଇଥିଲେ। ଯୁବନେତା ଆଶିଷ ଜେନାଙ୍କ ପ୍ରଚେଷ୍ଟାରେ ମନ୍ତ୍ରୀ ନିଜ କରକମଳରେ ଭୂମିପୂଜନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ମାଣ ହେଉଥିବା ବନ୍ଧ ଯୋଗୁଁ ଦୁଇ ଦିନ ପୂର୍ବରୁ ବୈତରଣୀ ଏବଂ କୋଚିଲାରେ ଆସିଥିବା ବନ୍ୟା କିଞ୍ଚିତ କ୍ଷତି କରାଇଥିଲା। ଘେରି ବନ୍ଧ ସମ୍ପୂର୍ଣ୍ଣ ହେଲେ ତିନୋଟି ପଞ୍ଚାୟତରେ ବନ୍ୟା



କୌଣସି କ୍ଷତି ଘଟାଇପାରିବ ନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଥିଲେ। ଘେରିବନ୍ଧ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ଖୁସିର ଲହରୀ ଖେଳିଯାଇଛି।

## ଜାତୀୟ ରାଜପଥରେ ପୁଣି ଜଳିଗଲା ଟ୍ରକ୍

ଭଣ୍ଡାରିପୋଖରୀ/ବାରିକପୁର, ୯।୭ (ସମିସ): ବୁଧବାର ବିଳମ୍ବିତ ରାତିରେ ଛତାବର ଟୋଲ୍ ପ୍ଲାଜା ନିକଟରେ ଏକ ପରିବା ବୋଝେଇ ଟ୍ରକ୍ ସର୍ଟ୍‌ସର୍କିଟ୍ ଯୋଗୁଁ ଜଳିଯାଇଥିଲା। ପରିବା ବୋଝେଇ ଟ୍ରକ୍ (ଏମ୍ଏଚ୍୧୩ଡି୦୫୬୯୭)ଟି ମୁମ୍ବାଇରୁ ପରିବା ବୋଝେଇ କରି ବେଙ୍ଗାଲୁରୁ ଯାଉଥିବା ଜଣାପଡ଼ିଛି। ସେହିପରି ଅନ୍ୟ ଏକ ଚାଉଳ ବୋଝେଇ ଗାଡ଼ି ପଶ୍ଚିମବଙ୍ଗ କୋଲକତାରୁ ବାହାରି ଆନ୍ଧ୍ରପ୍ରଦେଶ କାକିନାଡ଼ା ଅଭିମୁଖେ ଯାଉଥିବାବେଳେ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଭଣ୍ଡାରିପୋଖରୀ ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ସମୟରେ ନିଆଁ ଲାଗି ଟ୍ରକ୍‌ଟି ଜଳିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଚାଉଳ ବୋଝେଇ ଟ୍ରକ୍ (ଡବ୍ଲ୍ୟୁବି ୧୯ ପି୧୩୧୦)ର ଚାଳକ ଜଣକ ଛୋଟ ଗ୍ୟାସ୍ ଟାଙ୍କି ଜରିଆରେ ରୋଷେଇ କରିବା ସମୟରେ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଖବରପାଇ ଘଟଣାସ୍ଥଳରେ ଭଣ୍ଡାରିପୋଖରୀ ପୁଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଟ୍ରକ୍‌ର ଚାଳକ ଓ ହେଲ୍ପରର କାହାରି କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି। ଏହି ନିଆଁ ଯୋଗୁଁ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟାତ ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।



## ଦିନଦ୍ୱିପହରେ ମହିଳାଙ୍କ ମନିପର୍ସ ଝାମ୍ପିନେଲେ ଦୁର୍ବୃତ୍ତ

ଧାମନଗର, ୯।୭ (ସମିସ): ଧାମନଗରଠାରେ ଦିନ ଦ୍ୱିପହରରେ ଜଣେ ମହିଳାଙ୍କ ମନିପର୍ସ ଝାମ୍ପିନେବା ଘଟଣା ସହରାଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ଼ ଗାଁର ବର୍ଷାରାଣୀ ବେହେରା ବୁଧବାର ପୂର୍ବାହ୍ନ ୧୦ଟାରେ ତାଙ୍କ ୧୩ ବର୍ଷର ପୁଅ ସହ ଧାମନଗର ବଜାରକୁ ଝିଅର ଜନ୍ମଦିନ ପାଳନ ପାଇଁ ଡ୍ରେସ୍ ଓ କେକ୍ କିଣିବାକୁ ଆସିଥିଲେ। ଥାନା ବାଉଣ୍ଡାରୀକୁ ଲାଗି ଥିବା ପରିବା ଦୋକାନରୁ ପରିବା କିଣାକିଣି କରି ସେ ୪୫୦୦ ଟଙ୍କା ଥିବା ମନିପର୍ସକୁ ପରିବା ବ୍ୟାଗ୍ ଭିତରେ ରଖିଥିଲେ। ବ୍ୟାଗ୍‌ଟି ତାଙ୍କ ପୁଅ ଧରିଥିବାବେଳେ ଉଭୟେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଜଣେ ଯୁବକ ଏହାର ସୁଯୋଗ ନେଇ ବ୍ୟାଗ୍ ଭିତରୁ ମନିପର୍ସ କାଢ଼ି ଦୌଡ଼ି ପଳାଇ ଯାଇଥିଲା। ପଛରେ ଥିବା କିଛି ଲୋକ ଘଟଣା ଦେଖି ଚିତ୍କାର କରିବା ପରେ ବର୍ଷାରାଣୀ ବ୍ୟାଗ୍ ଯାଞ୍ଚ କରିଥିଲେ। ମାତ୍ର କିଛି ସମୟ ମଧ୍ୟରେ ଦୁର୍ବୃତ୍ତ ଟଙ୍କା ଧରି ଫେରାର୍ ହୋଇଯାଇଥିଲା। ଏହି ଘଟଣା ପରେ ବର୍ଷାରାଣୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଆରମ୍ଭ କରି ବଜାର ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ପ୍ରାଥମିକ ତଦନ୍ତରେ ଅଭିଯୁକ୍ତକୁ ଚିହ୍ନଟ କରାଯାଇଥିବା ବେଳେ ତାକୁ ଗିରଫ କରିବା ପାଇଁ ପୁଲିସର ଉଦ୍ୟମ ଜାରି ରହିଛି। ଧାମନଗର ବଜାର ଅଞ୍ଚଳରେ ଚୋରି, ଲୁଟ୍ ଓ ଛିନ୍‌ତାଇ ଘଟଣା ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକ ଚିନ୍ତା ପ୍ରକାଶ କରିଛନ୍ତି।



## ଜିଲ୍ଲା କାରାଗାରରେ ଧନ୍ଦାମୂଳକ ପ୍ରଶିକ୍ଷଣ

ଭଦ୍ରକ, ୯।୭ (ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଘରୋଇ ତାର ସଂଯୋଗୀକରଣ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନିମନ୍ତେ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା କାରାଗାର ଅଧୀକ୍ଷକ ବିକାଶ ସେଠୀ, ଜିଲ୍ଲା ଦକ୍ଷତା ଓ ବିକାଶ ନିଯୋଜନ ଅଧିକାରୀ ଅନିତା ନାୟକ, ପ୍ରଶିକ୍ଷକ ପଙ୍କଜ ଦାସ ଓ ଯୁବ ପରାମର୍ଶଦାତା ଭିନିତ୍ ଶେଖର ଏଲ୍ଏ ଡିସି ମୁଖ୍ୟ ନାରାୟଣ ପ୍ରସାଦ ବେହେରା, ସହାୟକ ତାପସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ କାରାଗାରର ଅନ୍ତେବାସୀମାନଙ୍କୁ ଆଇନଗତ ସହାୟତାର ଅଧିକାର ଏବଂ ଆଇନଗତ ସହାୟତା ପାଇଁ ଆବେଦନ କରିବାର ପ୍ରକ୍ରିୟା, ବିଚାରର ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଅଧିକାର ତଥା ମହମ୍ମଦ ଅହମ୍ମଦ ଖାନ୍-ବିପକ୍ଷ-ଶାହ ବାନୋ ବେଗମ କେସ୍‌ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଭାରତ ଗ୍ୟାସ୍‌ର ଗ୍ରାହକ ମାରଣ ନୀତି ଓ ବିତରକଙ୍କୁ ସୁରକ୍ଷା ଅଭିଯୋଗ

ତିହିଡ଼ି, ୯।୭ (ସମିସ)

ଗ୍ୟାସ୍ ବିତରକମାନେ ଗ୍ରାହକମାନଙ୍କୁ କିପରି ଲୁଟୁଛନ୍ତି, ଗ୍ରାହକଙ୍କ ଅଜାଣତରେ ଗ୍ୟାସ୍ ଚୋରି କରୁଛନ୍ତି, ଓଜନରେ ଠକୁଛନ୍ତି ଏବଂ ସେପଟେ ଭାରତ ଗ୍ୟାସ୍ କମ୍ପାନୀ ଉକ୍ତ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଓଲଟା ବିତରକମାନଙ୍କୁ ସୁରକ୍ଷା ଦେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡ଼ି ଅଞ୍ଚଳରେ। ତିହିଡ଼ି ବ୍ଲକ୍‌ର ସାମ୍ବାଦିକ ଅମୂଲ୍ୟ କୁମାର ମାଝୀଙ୍କ ଦ୍ୱାରା ଗତ ମେ' ୨୫ ତାରିଖରେ ପାଳିଆବିନ୍ଧା ସ୍ଥିତ 'ରାଉତ ଭାରତ ଗ୍ୟାସ୍'ର ଗ୍ୟାସ୍ ଚୋରି ସମ୍ବନ୍ଧୀୟ ଏକ ଅଭିଯୋଗ ଜିଲ୍ଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କଠାରେ ଦାଖଲ ହୋଇଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ତାହାର ଅଗ୍ରଗତି କିମ୍ବା କେଉଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ବିଷୟରେ ସୂଚନା ମିଳୁ ନ ଥିବା ଅଭିଯୋଗ ଉଠିଛି।

ଅଭିଯୋଗକାରୀ ଶ୍ରୀ ମାଝୀଙ୍କ କହିବା ଅନୁସାରେ, ସିଏସ୍‌ଓଙ୍କ ଅଫିସରୁ ଜୁନ୍ ୨ ତାରିଖରୁ ଚିଠି ନମ୍ବର ୨୭୭୮ରେ ବିପିସିଏଲ୍, ଏଲ୍‌ପିଜିର ସେଲ୍ସ ଅଫିସର ପ୍ରସନ୍ନ ପ୍ରଧାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହୋଇଛି। ବାରମ୍ବାର ସମ୍ପର୍କ କରିବା ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀ ପ୍ରସନ୍ନ ପ୍ରଧାନ କାର୍ଯ୍ୟାନୁଷ୍ଠାନ ବାବଦରେ କୌଣସି ସ୍ପଷ୍ଟ ସୂଚନା ଦେଉନାହାନ୍ତି। ଖରାପ ବ୍ୟବହାର ଦେଖାଉଛନ୍ତି। ବରଂ କମ୍ପ୍ରମାଇଜ୍ କରିବା ପାଇଁ ଉଭୟ ପକ୍ଷଙ୍କୁ କହୁଛନ୍ତି। ଫଳରେ ଅଭିଯୋଗର ସ୍ଥିତି କ'ଣ ରହିଛି, ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ତାଙ୍କ କହିବା ଅନୁସାରେ ଶ୍ରୀ ମାଝୀ ମଧ୍ୟ ଯାଇ ସିଏସ୍‌ଓ ଅଫିସରେ ବୁଝିଥିଲେ, କିନ୍ତୁ ବିପିସିଏଲ୍ ପକ୍ଷରୁ ସେମିତି କିଛି କାର୍ଯ୍ୟାନୁଷ୍ଠାନର ଚିଠି ଆସି ନ ଥିବାର ଜାଣିବାକୁ ପାଇଥିଲେ। ପୁନଶ୍ଚ ସିଏସ୍‌ଓ ଅଫିସରୁ ଜୁଲାଇ ୩ ତାରିଖରେ ଚିଠି ନମ୍ବର ୩୩୨୧ରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିମାଇଣ୍ଡର ଲେଟର ପଠାଯାଇଛି। ଏ ପ୍ରକାର କର୍ମଚାରୀ ବିପିସିଏଲ୍‌କୁ ବଦନାମ୍ କରିବା ସହିତ ଗ୍ରାହକ ସୁରକ୍ଷା ଆଇନ ଉଲ୍ଲଂଘନ କରିଛି। ଯଦି ପ୍ରକୃତରେ ଅଭିଯୋଗର ତଦନ୍ତ ହୋଇଥାଏ, ତେବେ ତାହାର ଫଳାଫଳ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରାଯିବା ସ୍ୱଚ୍ଛ ପ୍ରଶାସନର ଏକ ଅଂଶ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଓ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ତେବେ ଭାରତ ଗ୍ୟାସ୍ କମ୍ପାନୀ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ଏହି ଅଭିଯୋଗ ଉପରେ କୌଣସି ମତାମତ ଆସିଲେ, ତାହାକୁ ମଧ୍ୟ ସମାନ ଗୁରୁତ୍ୱ ସହ ପ୍ରକାଶ କରାଯିବ।

## ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ଓ ପ୍ରାକ୍ତନ ପ୍ରଧାନଶିକ୍ଷଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୯।୭ (ସମିସ): ସ୍ଥାନୀୟ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକ ବିଜୟକୁମାର ମିଶ୍ରଙ୍କୁ ସ୍ୱାଗତ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନଙ୍କ ତରଫରୁ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସଭାର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ ନାୟକ, ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ନିର୍ମଳ ସ୍ୱାଇଁ, ସମ୍ପାଦକ ବିନୋଦ ମହାରଣା, ଏସ୍ଏମ୍‌ସି ସଭାପତି ବାସୁଦେବ ଗୋଛାୟତ, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମଚରଣ ପରିଡ଼ା, ସମ୍ବିତ୍ ପାତ୍ର, ସୋରେନ ସାର୍, ପ୍ରଭାତ ଖିଲାର ଓ ପ୍ରତାପ ପଣ୍ଡା ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାର ପ୍ରମୁଖ ଉପସ୍ଥିତ ରହି ନୂତନ ପ୍ରଧାନଶିକ୍ଷକଙ୍କଠାରୁ ବିଦ୍ୟାଳୟର ସର୍ବାଙ୍ଗିଣ ଉନ୍ନତି ଆଶାକରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ଚଳଚ୍ଚିତ୍ର ସମୀକ୍ଷକ ଭାବେ ପୁରସ୍କୃତ ହୋଇଥିବା ପ୍ରାକ୍ତନ ଛାତ୍ର ଅମିତାଭ ଖିଲାରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି କାର୍ଯ୍ୟକର୍ତ୍ତା ସୁରେଶ ସାମଲ, ବିଜୟ ଖିଲାର, ଶାନ୍ତନୁ ମହାପାତ୍ର, ମୁକ୍ତିକାନ୍ତ ସାହୁ, ସୁଧାକର ମହାପାତ୍ର, ଡ. ରବୀନ୍ଦ୍ର ପଣ୍ଡା, ଅରୁଣୋଦୟ ଖିଲାର, ନିରଞ୍ଜନ ବାରିକ, ଦେବେନ୍ଦ୍ର ପାଣି, ପ୍ରଶାନ୍ତ ଦାସ, ପ୍ରଶାନ୍ତ ଖିଲାର, ମୃତ୍ୟୁଞ୍ଜୟ ନାୟକ, ସୁନନ୍ଦା ଖିଲାର ପ୍ରମୁଖ କାର୍ଯ୍ୟକ୍ରମଟି ଆୟୋଜନ କରିଥିବାବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିଜା ଦାସ, ରୋଜାଲିନ ମଲ୍ଲିକ, ପ୍ରିୟଦର୍ଶିନୀ ପଣ୍ଡା, ମଞ୍ଜୁଳା ଦାଶ, ସୁନିମା ବେହେରା, ମଧୁସ୍ମିତା ବିଶ୍ୱାଳ, ସସ୍ମିତା ସାମନ୍ତ, ମଧୁସ୍ମିତା ନାୟକ, ସୁଶ୍ରୀ ସଙ୍ଗୀତା କବାଟ, ଗୀତ ରୋଜାଲିନ, ଦୀପିକା ସାହୁ, ଦମୟନ୍ତୀ ନାଥ, ବିନୋଦିନୀ ପାଢ଼ୀ, ବିକଶି ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ଶିକ୍ଷକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



## ଗାଁ ଲୋକେ ଚାନ୍ଦା ଆଦାୟ କରି ନିର୍ମାଣ କଲେ ଗ୍ରାମ୍ୟ ରାସ୍ତା

ବାରିକପୁର, ୯।୭ (ସମିସ): ସରକାର ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଏପଟେ କିନ୍ତୁ ସାମାନ୍ୟ ଗ୍ରାମ୍ୟ ରାସ୍ତାକୁ ମରାମତି କରିବାରେ ପ୍ରଶାସନ ବିଫଳ ହୋଇଛି। ଯାହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍‌ର ସାନଶାସନ ପଞ୍ଚାୟତର ବଡ଼କଣ୍ଟାପଡ଼ା ଗାଁରେ। ଗାଁକୁ ଏଯାଏଁ ଭଲ ରାସ୍ତା ଖଣ୍ଡିଏ ନାହିଁ। ସ୍ଥାନୀୟ ମଞ୍ଜୁରୀରୋଡ୍ ବଜାର ଉପରେ ନିର୍ଭର କରୁଥିବା ୩୦୦ ପରିବାରର ଅଢ଼େଇ ହଜାର ଲୋକ ଠିକ୍ ଭାବେ ଗମନାଗମନ ସୁବିଧା ପାଉନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରେଲ୍‌ୱେ ଲାଇନ୍ ଅତିକ୍ରମ କରିଥିବା ଗାଁର ଜରାଜୀର୍ଣ୍ଣ ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ରାସ୍ତାର ପୋଲ ତଳ ଅଂଶଟି ଟିକିଏ ବର୍ଷା ହେଲେ ସେଠାରେ ଜଙ୍ଘେ ପାଣି ଜମିଯାଉଛି। ଏନେଇ ଗ୍ରାମର ବିନାୟକ ଘୋଷ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ଠିକ୍ ସେହିଭଳି ଗାଁ ଭିତରର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବର୍ଷ ବର୍ଷ ଧରି ପଡ଼ି ରହିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ଚାରିଚକିଆ ତ ଦୂରର କଥା ଦୁଇ ଚକିଆ ଯାନଟିଏ ବି ଯାଇପାରୁନାହିଁ। ଆପତ୍ତି ଅଭିଯୋଗ ସତ୍ତ୍ୱେ ପ୍ରଶାସନ ରାସ୍ତା ମରାମତି ଦିଗରେ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେଣୁ ଗ୍ରାମର ଦେବେନ୍ଦ୍ର ଘୋଷ ଓ ସୁଭାଶିଷ କଅଁରଙ୍କ ନେତୃତ୍ୱରେ ଗ୍ରାମବାସୀ ଧନେଶ୍ୱର ଘୋଷ, କିଶୋର ଘୋଷ, ଆନନ୍ଦ ଘୋଷ, କାଶିନାଥ ଘୋଷ, ଦଶୁଆ ଘୋଷ ପ୍ରମୁଖ ଗାଁରୁ ଚାନ୍ଦା ଆଦାୟ କରିବା ସହିତ ନିଜ ହାତରୁ ମଧ୍ୟ ଅନେକ ଟଙ୍କା ଖର୍ଚ୍ଚ କରି ଗାଁ ଭିତର ରାସ୍ତା ମରାମତି କାର୍ଯ୍ୟ କରିଛନ୍ତି। ଗ୍ରାମ ଭିତରେ ବାକିଥିବା ରାସ୍ତା ସହ ଗ୍ରାମଠାରୁ ସ୍ଥାନୀୟ ମଞ୍ଜୁରୀରୋଡ୍ ବଜାରକୁ ସଂଯୋଗ କରୁଥିବା ଗମନାଗମନ ପଥର ଯଦି ସ୍ଥାୟୀ ନିର୍ମାଣ ନ ହୁଏ, ତେବେ ଟ୍ରେନ୍ ଲାଇନ୍ ଉପରେ ଧାରଣା ଦେବା ସହ ଗ୍ରାମବାସୀ ସାମୂହିକ ଭାବେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



### ନଦୀଗାଁ ପଞ୍ଚାୟତର ପ୍ରସ୍ତାବିତ ମଦ ଦୋକାନକୁ କଡ଼ା ବିରୋଧ

## ଶତାଧିକ ମହିଳା ଓ ପୁରୁଷଙ୍କ ବିଶାଳ ଶୋଭାଯାତ୍ରା

### ଜିଲ୍ଲାପାଳ, ଏସ୍‌ପି ଓ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ, ୯।୭ (ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଧୂଷୁରୀ ଥାନା ଅଧୀନ ନଦୀଗାଁ ପଞ୍ଚାୟତରେ ପ୍ରସ୍ତାବିତ ସରକାରୀ ବିଦେଶୀ ମଦ ଦୋକାନକୁ ବିରୋଧ କରି ଆନ୍ଦୋଳନ ଏବେ ଜନଆନ୍ଦୋଳନର ରୂପ ନେଇଛି। ଗୁରୁବାର ଶତାଧିକ ମହିଳା ଓ ପୁରୁଷ ବିଶାଳ ଶୋଭାଯାତ୍ରାରେ ଆସି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲା ପ୍ରଶାସନଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆନ୍ଦୋଳନକାରୀ ମହିଳା ଓ ପୁରୁଷମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହାତରେ ମଦ ଦୋକାନ ବନ୍ଦ ଦାବି ନେଇ ବ୍ୟାନର ଧରି ଓ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରାରେ ବାହାରି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଏବଂ ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନକାରୀଙ୍କ ଗୋଟିଏ ସ୍ୱର 'ଆମ ପଞ୍ଚାୟତରେ କୌଣସି ପରିସ୍ଥିତିରେ ମଦ ଦୋକାନ ଖୋଲିବାକୁ ଦିଆଯିବ ନାହିଁ।'

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତାବ ରହିଛି, ସେହି ସ୍ଥାନର ୨୦୦ ମିଟର ମଧ୍ୟରେ ଏକ ଶିଶୁମନ୍ଦିର ଶିକ୍ଷାନୁଷ୍ଠାନ, ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅବସ୍ଥିତ। ଏହା ଗ୍ରାମର ମଧ୍ୟଭାଗ ହୋଇଥିବାରୁ ପ୍ରତିଦିନ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ଏପରି ସମ୍ବେଦନଶୀଳ ସ୍ଥାନରେ ମଦ ଦୋକାନ ଖୋଲିଲେ ସାମାଜିକ ପରିବେଶ ବ୍ୟାହତ ହେବା ସହ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଆନ୍ଦୋଳନରେ ସାମିଲ୍ ମହିଳାମାନେ କହିଥିଲେ, 'ଗାଁର ମଝିରେ ମଦ ଦୋକାନ ଖୋଲିବା ମାନେ ଆମ ହାଣ୍ଡିଶାଳରେ ମଦ ଦୋକାନ ଖୋଲିବା ସହ ସମାନ। ଏହାକୁ ଆମେ କେବେ ବି ସହ୍ୟ କରିବୁ ନାହିଁ।' ପ୍ରଶାସନ ଯଦି ଏହି ପ୍ରସ୍ତାବିତ ମଦ ଦୋକାନକୁ ବାତିଲ୍ ନ କରନ୍ତି, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ମଦ ଦୋକାନ ବନ୍ଦ ଆନ୍ଦୋଳନରେ ନଦୀଗାଁ ପଞ୍ଚାୟତର ସରପଞ୍ଚ ଝରଣା ମାଝୀ, ନଦୀଗାଁ ମିଶନ ଶକ୍ତି ସମ୍ପାଦିକା ପ୍ରଗତି ମିଶ୍ର, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ସମାଜସେବୀ ବାବୁଲାଲ ସାହୁ ଓ ଚକ୍ରଧର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ମହିଳା, ପୁରୁଷ ସାମିଲ୍ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏକାଧିବାର ସମ୍ପୃକ୍ତ ମଦ ଦୋକାନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ ଓ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



■ ଗଜପତିଙ୍କ ନିବେଦନକୁ ଇସ୍କନର ନା

# ଅଦିନିଆ ରଥଯାତ୍ରା କରିବାକୁ ଜିଦ୍

ପୁରୀ, ୯।୭ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ମହାନ ପରମ୍ପରା ଓ ରୀତିନୀତିକୁ ଅକ୍ଷୁଣ୍ଣ ରଖିବା ପାଇଁ ମହାପ୍ରଭୁଙ୍କ ଆଦ୍ୟ ସେବକ ତଥା ଶ୍ରୀମନ୍ଦିର ପରମ୍ପରାର ରକ୍ଷକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅପିଲ୍‌କୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛି ଇସ୍କନ। ଅଦିନିଆ ରଥଯାତ୍ରା ସମ୍ବନ୍ଧରେ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଇସ୍କନ ସ୍ପଷ୍ଟ କରିଦେଇଛି। ଫଳରେ ନିଜ ଇଚ୍ଛା ଅନୁସାରେ ଦେଶ ବିଦେଶରେ ଅତିଥିରେ ଇସ୍କନ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ ଜାରି ରଖିବ ବୋଲି ଏହି ନିଷ୍ପତ୍ତି ହିଁ ସ୍ପଷ୍ଟ କରୁଛି। ଫଳରେ ଇସ୍କନର ଏଭଳି ଅମାନିଆ ନିଷ୍ପତ୍ତିକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶାସ୍ତ୍ର ଓ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା କରିବା ବିଧିସମ୍ମତ ନୁହେଁ। ଏହି ପ୍ରସଙ୍ଗରେ ଗଜପତି ମହାରାଜା ଗତ ୪ ତାରିଖରେ ଇସ୍କନ

## ଇସ୍କନ ନିଷ୍ପତ୍ତିକୁ ଭକ୍ତ ଓ ସେବାୟତଙ୍କ ବିରୋଧ

କର୍ତ୍ତୃପକ୍ଷଙ୍କୁ ଏକ ଚିଠି ଲେଖି ଅତିଥିରେ ଏହି ଯାତ୍ରାଗୁଡ଼ିକୁ ବନ୍ଦ ରଖିବା ପାଇଁ ନିବେଦନ କରିଥିଲେ। ସେ ଶାସ୍ତ୍ରୀୟ ମର୍ଯ୍ୟାଦା ରକ୍ଷା କରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ଯାତ୍ରା ଏବଂ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଗତ ୭ ତାରିଖରେ ଗଜପତିଙ୍କ ଚିଠିର ଉତ୍ତର ଇସ୍କନର ଅଧ୍ୟକ୍ଷ ମଧୁସେବିତ ଦାସ ଇ-ମେଲ୍ ମାଧ୍ୟମରେ ଜବାବ ପଠାଇଛନ୍ତି। ସେ ଲେଖିଛନ୍ତି, "ଆମେ ସମ୍ମାନର ସହିତ ଏହି ଆଲୋଚନାରୁ ଓହରୁଛୁ'। ତେବେ ଇସ୍କନ ମୋର ଅନୁରୋଧକୁ ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛି ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ହୋଇଥାଏ। କିନ୍ତୁ ଇସ୍କନ ଦେଶ ବିଦେଶର ବିଭିନ୍ନ ସହରରେ ସ୍ଥାନୀୟ ସୁବିଧା ଅନୁଯାୟୀ ଅତିଥିରେ ସ୍ନାନଯାତ୍ରା ଏବଂ ରଥଯାତ୍ରା କରିଆସୁଛି। ବାରମ୍ବାର ଜଗନ୍ନାଥ ସଂସ୍କୃତି ଉପରେ ଇସ୍କନର ଭଳି କୁଠାରାଘାତକୁ ନେଇ ପୂର୍ବରୁ ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥପ୍ରେମୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଆସିଛନ୍ତି। ଏବେ ଗଜପତି ମହାରାଜାଙ୍କ ଆବେଦନକୁ ସିଧାସଳଖ ଇସ୍କନ ପ୍ରତ୍ୟାଖ୍ୟାନ କରିବାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଜପତି ମହାରାଜା ହେଉଛନ୍ତି ଶ୍ରୀମନ୍ଦିରର ପ୍ରଥମ ସେବକ ଏବଂ ସନାତନ ପରମ୍ପରାର ରକ୍ଷକ। ତାଙ୍କର ଏହି ଅପିଲ୍‌କୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ମହାପ୍ରଭୁଙ୍କୁ ଅପମାନ। ତେଣୁ ଆଗାମୀ ଦିନରେ ଇସ୍କନକୁ ତୀବ୍ର ବିରୋଧ ହେବା ନେଇ ଆଭାସ ଦେଇଛନ୍ତି ଭକ୍ତ। ଫଳରେ ପୁଣି ଥରେ ପରମ୍ପରା ବନାମ ପ୍ରଚାର ବିବାଦ ସାମ୍ନାକୁ ଆସିଛି। ଇସ୍କନକୁ ପୁରୀରେ ଏପରିକି ଆଗାମୀ ରଥଯାତ୍ରାରେ ତୀବ୍ର ବିରୋଧ କରାଯିବା ନେଇ ଅନେକ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

ଜଣେ ଭକ୍ତ ସୁଧାଂଶୁ ପାତ୍ର କହିଛନ୍ତି, ଇସ୍କନର ଏଭଳି ନିଷ୍ପତ୍ତି ଆମ ପରମ୍ପରା ଉପରେ ସିଧା ଆକ୍ରମଣ। ଗଜପତି ମହାରାଜା ହେଉଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ। ତାଙ୍କ କଥାକୁ ମାନିବା ମାନେ ଶାସ୍ତ୍ରକୁ ମାନିବା। ଅଦିନିଆ ରଥ ଟାଣିଲେ ଆମ ରୀତିନୀତିର ମର୍ଯ୍ୟାଦା ରହିବ କ'ଣ? ଇସ୍କନ ଯଦି ପ୍ରଚାର କରିବାକୁ ଚାହୁଁଛି ତେବେ ଠିକ୍ ତିଥିରେ କରୁ। ଆମେ ଏହାର ତୀବ୍ର ବିରୋଧ କରୁଛୁ। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଏହା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଆତ୍ମସମ୍ମାନର ନିର୍ଲଜ୍ଜ ଅବମାନନା। ଶ୍ରୀମନ୍ଦିରର ପବିତ୍ର ପରମ୍ପରା, ଶାସ୍ତ୍ରୀୟ ତିଥି-ନୀତି ଓ ଜଗନ୍ନାଥ ଭକ୍ତିର ମହିମାକୁ ଇସ୍କନ୍ ସଂସ୍ଥା ବାରମ୍ବାର ନିର୍ଲଜ୍ଜ ଭାବେ ପାଦତଳେ ପେଷି ଚାଲିଛି। ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ କରି ସେମାନେ ଗଜପତି ମହାରାଜାଙ୍କ ସ୍ପଷ୍ଟ ଅନୁରୋଧକୁ ପ୍ରତ୍ୟାଖାନ କରୁଛନ୍ତି ଏବଂ ଓଡ଼ିଆ ଜାତିର ଆଧ୍ୟାତ୍ମିକ ପରମ୍ପରାକୁ ଉପହାସ କରୁଛନ୍ତି। ଏହା ଏକ ସାଧାରଣ ବିବାଦ ନୁହେଁ, ଏହା ଜଗନ୍ନାଥ ସଂସ୍କୃତିର ଉପରେ ଏକ ପ୍ରତ୍ୟକ୍ଷ ଆକ୍ରମଣ ଏବଂ ଓଡ଼ିଆ ଗର୍ବର ଅପମାନ। ସେହିପରି ଅନ୍ୟଜଣେ ଶ୍ରଦ୍ଧାଳୁ ସଂଗ୍ରାମ ମିଶ୍ର କହିଛନ୍ତି "ମହାପ୍ରଭୁ ସମସ୍ତଙ୍କର। ବିଦେଶରେ ବସୁଥିବା ଓଡ଼ିଆ ମାନେ ମଧ୍ୟ ରଥଯାତ୍ରା ଦେଖି ଖୁସି ହୁଅନ୍ତି। ହେଲେ ଗଜପତି ମହାରାଜାଙ୍କ ଅପିଲ୍‌କୁ ସିଧା ନା କହିବା ଠିକ୍ ହୋଇନି। ଆଲୋଚନା କରି ଏହାର ସମାଧାନ ରାସ୍ତା ବାହାର କରାଯାଇପାରିଥାନ୍ତା। ପରମ୍ପରା ରକ୍ଷା ହେବା ଦରକାର, ଆଉ ପ୍ରଚାର ମଧ୍ୟ ହେବା ଦରକାର। ଦୁହେଁ ମିଶି ବସି ସମାଧାନ କଲେ ଭଲ ହୁଅନ୍ତା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହୀରାକୁଦ ଖୋଲିଲା...

ଆଜି ସକାଳ ୯ଟା ସମୟରେ ଜଳସ୍ତର ୬୧୪.୯୩ ଫୁଟ୍‌ରେ ପହଞ୍ଚିଥିଲା ଏବଂ ପ୍ରତି ସେକେଣ୍ଡରେ ୧୪୧୪୩୮ କ୍ୟୁସେକ୍ ଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯିବା ପରେ ଜଳଭଣ୍ଡାରର ୪ଟି ସ୍ଲୁଇସ ଗେଟ୍‌କୁ ଖୋଲାଯାଇଛି। ପ୍ରତିବର୍ଷ ଭଳି ପ୍ରଥମେ ଗେଟ୍ ନଂ. ୭ ଖୋଲାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ମୋଟ ୪ଟି ଗେଟ୍ ଖୋଲାଯାଇଥିଲା। ଏଥିମଧ୍ୟରୁ ବାମପାର୍ଶ୍ୱରୁ ୩ଟି ଏବଂ ଦକ୍ଷିଣ ପାର୍ଶ୍ୱରୁ ଗୋଟିଏ ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ମହାନଦୀକୁ ନିଷ୍କାସନ କରାଯାଉଛି। ୪ଟି ଗେଟ୍ ଖୋଲିବାପରେ ମହାନଦୀକୁ ୮୯୭୯୧ କ୍ୟୁସେକ ଜଳ ନିଷ୍କାସିତ ହେଉଥିବା ସୂଚନା ମିଳିଛି। ହୀରାକୁଦ ମୁଖ୍ୟବନ୍ଧ ତଥା ଅପର ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷାର ପରିମାଣ ହ୍ରାସ ପାଇଛି। ତେଣୁ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ସନ୍ଧ୍ୟା ସୁଦ୍ଧା ସ୍ଥିତିକୁ ଦେଖି ଆଉ ୫ କିମ୍ବା ଅଧିକ ଗେଟ୍ ଖୋଲାଯାଇପାରେ। ଏହି ବନ୍ୟାଜଳ ମୁଣ୍ଡଲୀରେ ପହଞ୍ଚିବା ପାଇଁ ପ୍ରାୟ ୩୬ ଘଣ୍ଟା ସମୟ ଲାଗିବ ଏବଂ ସେତେବେଳକୁ ସେଠାରେ ଜଳସ୍ତର ଯଥେଷ୍ଟ କମି ଯାଇଥିବ। ଏଣୁ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିବ ବୋଲି ମୁଖ୍ୟଯନ୍ତ୍ରୀ ଇଂ. ଚୌଧୁରୀ ସୂଚନା ଦେଇଛନ୍ତି।

ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୨୧ ଫୁଟ ରହିଛି। ନଦୀବନ୍ଧର ବାମପଟର ୭ଟି ଓ ଡାହାଣ ପଟର ୩ଟି ଏହିପରି ୧୦ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୩,୬୬୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୧,୮୬୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୫୨,୮୫୦ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୫୪୪୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୩୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୪୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୭୧୦୫ କ୍ୟୁସେକ, ଖଇରମାଲଠାରେ ୬୬୦୦୦ କ୍ୟୁସେକ, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଲୀଠାରେ ୨୦୧୯୨୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୧ ମିମି ଏବଂ ତଳମୁଣ୍ଡରେ ୦.୪୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ପୂର୍ବରୁ ନିୟମିତ ଭାବେ ସାଇରନ୍ ବାଜିଥିଲା। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ୧୩ରୁ ପୁଣି...

ଆଶଙ୍କା ଥିବାରୁ ସେହିଦିନ କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏବେଠାରୁ ଜଳ ସମ୍ପଦ ବିଭାଗ ସଜାଗ ହୋଇଛି। ଜୁଲାଇ ୧୩ ପରେ ବର୍ଷା ବଢ଼ିବାର ଥିବାରୁ ଏହା ପୂର୍ବରୁ ହୀରାକୁଦ ଜଳଭଣ୍ଡାରର ଜଳ ପରିଚାଳନା ସାରିବାକୁ ଯୋଜନା କରାଯାଇଛି। ଏହି କ୍ରମରେ ହୀରାକୁଦ ଡ୍ୟାମରୁ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଉଛି। ଆଗୁଆ ଜଳ ନିଷ୍କାସନ କରି ଆଗାମୀ ବର୍ଷା ଜଳକୁ ସଂରକ୍ଷଣ କରିବା ସହ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଏଡ଼ାଇବା ପାଇଁ ଯୋଜନା କରିଛି ଜଳ ସମ୍ପଦ ବିଭାଗ। ହୀରାକୁଦ ଡ୍ୟାମର ଜଳଭଣ୍ଡାର ବର୍ତ୍ତମାନ ପ୍ରାୟ ୪୭ ପ୍ରତିଶତ ପୂରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସକାଳେ ୪ ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ୯୪ ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବେଳେ ସନ୍ଧ୍ୟାରେ ଆଉ ୬ଟି ଗେଟ୍ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ମୋଟ ୧ ଲକ୍ଷ ୮୦ ହଜାର କ୍ୟୁସେକ୍ ଜଳ ହୀରାକୁଦରୁ ଛଡ଼ାଯିବ। ଏହି ଜଳ ୩୬ରୁ ୪୮ ଘଣ୍ଟା ମଧ୍ୟରେ ମୁଣ୍ଡଲୀରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

### ମୁଣ୍ଡ ନେଲା...

ହୋଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିଏମଇ ସମସ୍ତ ସରକାରୀ ମେଡିକାଲକୁ ଆଇସୋଲେସନ ବେଡ୍, ଆଇସିୟୁ, ଅକ୍ସିଜେନ ଏବଂ ଚିକିତ୍ସା ସରଞ୍ଜାମ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭାରତରେ ପ୍ରଥମ କରୋନା ମାମଲା ୩୦ ଜାନୁଆରୀ ୨୦୨୦ ରେ କେରଳରୁ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ସରକାରୀ ଭାବେ ପ୍ରାୟ ୫.୩ ଲକ୍ଷ ଲୋକଙ୍କର କରୋନାରେ ମୃତ୍ୟୁ ହୋଇସାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଅନୁସାରେ, ଏହି ମାରାତ୍ମକ ଭୂତାଣୁର ଆଲଫା, ବିଟା, ଗାମା, ଡେଲଟା ଏବଂ ଓମିକ୍ରନ ଭଳି ଅନେକ ଭାରିଆଣ୍ଟ ଏବଂ ସବ୍-ଭାରିଆଣ୍ଟ ସାମ୍ନାକୁ ଆସିସାରିଛି।

### ୨୦୫୦ ସୁଦ୍ଧା...

ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଏହା ଅତ୍ୟଧିକ ଚାପ ସୃଷ୍ଟି କରିବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, କ୍ୟାନ୍ସର ସ୍କ୍ରିନିଂ, ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ତମାଖୁ ଓ ମଦ୍ୟପାନରୁ ଦୂରେଇ ରହିବା ସହ ସ୍ତନ, ଗର୍ଭାଶୟ, ମୁଖ, ମୁଖଗହ୍ୱର, ପ୍ରୋଷ୍ଟେଟ୍ ଓ କୋଲନ୍ କର୍କଟ ପାଇଁ ସମୟମତେ ସ୍କ୍ରିନିଂ କରାଯାଇପାରିଲେ ରୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରି ଚିକିତ୍ସା ସଫଳତାର ସମ୍ଭାବନା ବଢ଼ାଯାଇପାରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଭାରତ ସମେତ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏହି ରିପୋର୍ଟ ଏକ ଗୁରୁତର ସତର୍କ ସଙ୍କେତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। କେବଳ ଚିକିତ୍ସା ବ୍ୟବସ୍ଥା ବଢ଼ାଇଲେ ହେବ ନାହିଁ, ବରଂ ଲୋକଙ୍କ ମଧ୍ୟରେ ସଚେତନତା, ପ୍ରତିରୋଧମୂଳକ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଅତ୍ୟାବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କବାଣୀ ଶୁଣାଇଛି।

### ଆରମ୍ଭ ହେଲା...

ଯୋଗ ଦେବାକୁ ଅନୁରୋଧ କରିଛି। ସେମାନଙ୍କ ସହ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର(ଇଆରଓ), ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏଇଆରଓ) ଏବଂ ଜେନେରାଲ ମିସେଲାନିଅସ ସେକ୍ସନର ଦାୟିତ୍ୱରତ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ନିର୍ବାଚନ ଆୟୋଗର ଏହି ପଦକ୍ଷେପକୁ ୨୦୨୭ ନିର୍ବାଚନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଭାବେ ଦେଖାଯାଉଛି।

## ମୋବାଇଲ ସେବାରୁ ବଞ୍ଚିତ ରାଜଧାନୀ ଉପକଣ୍ଠବାସୀ

# ନେଟ୍‌ୱର୍କ ପାଇଁ ଗଛଡାଳ ଭରସା

ଭୁବନେଶ୍ୱର, ୯।୭ (ସମିସ): ମୋବାଇଲ୍ ଟେକ୍‌ନୋଲଜି ଏବେ ୫-ଜିରେ ଉପନୀତ ହୋଇଥିବା ବେଳେ ଆଗାମୀ ଦିନରେ ୬ଜି ସେବା ମଧ୍ୟ ଉପଲବ୍ଧ ହେବ। ଅପ୍‌ଲୋଡ୍, ଡାଉନ୍‌ଲୋଡ୍‌ର ବେଗ ପୂର୍ବାପେକ୍ଷା ବହୁଗୁଣା ଅଧିକ। କିନ୍ତୁ ଏବେ ମଧ୍ୟ ଲୋକେ ମୋବାଇଲ୍ ନେଟ୍‌ୱର୍କ ପାଇବା ପାଇଁ ମଞ୍ଚାରେ ବସି ରହୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ଦୃଶ୍ୟ କେଉଁ ଦୁର୍ଗମ ଅଞ୍ଚଳର ନୁହେଁ; ବରଂ ଖୋଦ୍ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଢୋଲକାଠ ଗାଁରେ ଦେଖିବାକୁ ମିଳିଛି। ଭୁବନେଶ୍ୱରଠାରୁ ମାତ୍ର ୫କିମି ଏୟାର ଡିଷ୍ଟାନ୍ସରେ ଥିବା ଏହି ଅଞ୍ଚଳର ଲୋକେ ନେଟ୍‌ୱର୍କ ପାଇଁ ଅଞ୍ଚଳବାସୀ ଗଛ ଡାଳ ଉପରେ ମଞ୍ଚା ବାନ୍ଧି ବସୁଥିବା ବେଳେ ଏଥିପାଇଁ ପ୍ରାୟ ୨କିଲୋମିଟର ଦୂରକୁ ଯିବାକୁ ପଡୁଥିବା କହିଛନ୍ତି।



ରାଜଧାନୀରୁ ପ୍ରାୟ ୨୫ କିଲୋମିଟର ଦୂର ଡମପଡ଼ା ପଞ୍ଚାୟତ ଅଧୀନରେ ରହିଛି ଢୋଲକାଠ ଗାଁ। ଗାଁର ଯେଉଁ କେତେକ ହାତଗଣା ଲୋକଙ୍କ ପାଖରେ ମୋବାଇଲ ରହିଛି ସେଥିରେ ନେଟ୍‌ୱର୍କ ଆସିବା ଏତେ ସହଜ ନୁହେଁ। ଗାଁରେ ନିର୍ଦ୍ଦିଷ୍ଟ ସ୍ଥାନରେ ବାଉଁଶ ବାନ୍ଧି ମଞ୍ଚା ତିଆରି କରାଯାଇଛି। ଯେଉଁଠି ପାଳି କରି ମଞ୍ଚା ଉପରକୁ ଯାଇ ଜଣକ ପରେ ଜଣେ ବନ୍ଧୁ ପରିଜନଙ୍କ ସହ ଯୋଗାଯୋଗ କରିଥା'ନ୍ତି। ମଞ୍ଚା ତଳକୁ ଆସିଲେ ନେଟ୍‌ୱର୍କ ଶୂନ୍। କେହି କେହି ନେଟ୍‌ୱର୍କ ପାଇଁ ନିଜ ଗାଁଠାରୁ ଅନେକ ଦୂରରେ ବଡ଼ ଗଛ ଡାଳରେ ରସି ବାନ୍ଧି ମୋବାଇଲ ଝୁଲାଉଥିବା ମଧ୍ୟ ଦେଖିବାକୁ ମିଳିଛି। ତାହା ପୁଣି ସଞ୍ଜ ନଇଁବା ପୂର୍ବରୁ କରିବାକୁ ହୁଏ। କାରଣ ଏପର୍ଯ୍ୟନ୍ତ ଗାଁକୁ ବିଜୁଳି ସଂଯୋଗ ହୋଇ ନ ଥିବାରୁ ସଞ୍ଜ ନଇଁଲେ ବନ୍ୟଜନ୍ତୁଙ୍କ ଭୟ ରହିଛି। ଆଉ ବର୍ଷା ହେଲେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ। ମହାମାରୀ କରୋନା ସମୟରେ ଶିକ୍ଷାବ୍ୟବସ୍ଥାକୁ ପରିଚାଳିତ କରିବାରେ ପ୍ରମୁଖ ଭୂମିକା ନେଇଥିଲା ମୋବାଇଲ୍। ଏବେ ମଧ୍ୟ ଛୋଟ ପିଲାଙ୍କ ପାଠପଢ଼ା ମୋବାଇଲ ମାଧ୍ୟମରେ ହେଉଛି। ଏହାସାଙ୍ଗକୁ ବ୍ୟାଙ୍କ୍ କାରବାରଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ମୋବାଇଲ ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ହେଲେ ଏହି ଗାଁରେ ଦେଖିବାକୁ ମିଳିଛି ଭିନ୍ନ ଦୃଶ୍ୟ। ପିଲା ତ ଦୂରର କଥା, ଅଭିଭାବକମାନେ ମଧ୍ୟ ମୋବାଇଲ ବିଷୟରେ ଜାଣନ୍ତିନି। କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଦେଖାଉଥିବା ବେଳେ ଖୋଦ୍ ରାଜଧାନୀ ଭୁବନେଶ୍ୱର ଉପକଣ୍ଠବାସୀଙ୍କ ଏଭଳି ସ୍ଥିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚନ୍ଦକାର ପାହାଡ଼ ଓ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶ ମଧ୍ୟରେ ୧୯୬୨ ମସିହାରୁ ଜନବସତି ଆରମ୍ଭ ହୋଇଥିବା ବେଳେ ଲୋକମାନଙ୍କର ସ୍ଥିତିବାନ ଜମି ପଟ୍ଟା ମଧ୍ୟ ରହିଛି। ହେଲେ ଏଯାଏଁ ଗାଁ ଲୋକଙ୍କୁ ଛୁଇଁ ପାରିନି ଆଧୁନିକତା। ଏହି ଗାଁକୁ ଯିବାକୁ ହେଲେ ପ୍ରାୟ ୭କିଲୋମିଟର ଜଙ୍ଗଲ ମଧ୍ୟରେ ଦେଇ ମାଟି ରାସ୍ତାରେ ଯିବାକୁ ପଡ଼ିଥାଏ। ତାହା ପୁଣି ଚାଲି ଚାଲି। ଗାଁର ଜନସଂଖ୍ୟା ପାଖାପାଖି ୪ଶହ ହୋଇଥିବା ବେଳେ ୯୯ ପ୍ରତିଶତ ଲୋକେ ନିରକ୍ଷର। ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ବ୍ୟବସ୍ଥା କହିଲେ ଶୂନ। କେବଳ ଭୋଟ୍ ସମୟ ଆସିଲେ

## ମୋବାଇଲ ଚଳାଇବାକୁ ଯିବାକୁ ପଡୁଛି ୨ କିମି ରାସ୍ତା

ରାଜନେତାଙ୍କ ପାଦ ପ୍ରତି ୫ବର୍ଷରେ ଥରେ ଏହି ପଞ୍ଚାୟତରେ ପଡୁଥିବା ଲୋକମାନେ କହିଛନ୍ତି। ଭୋଟ୍ ପରେ ଗାଁର ସମସ୍ତ ସୁବିଧା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି; ଭୋଟ୍ ସରିବା ପରେ ପ୍ରତିଶ୍ରୁତି ସବୁ ପାଣିର ଗାର ପାଲଟିଯାଏ। ଲୋକମାନେ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ। ଗାଁର ଅଧିକାଂଶ ଲୋକେ ଦିନମଜୁରିଆ ଭାବେ କାମ କରୁଥିବାରୁ ଆର୍ଥିକ ସ୍ଥିତି ମଧ୍ୟ ସେତେ ଭଲ ନାହିଁ। ଗାଡ଼ି ମୋଟର ତ ଦୂରର କଥା; ସାଇକଲ ଖଣ୍ଡେ ଦେଖିବା ସେମାନଙ୍କ ପାଇଁ ବି ସ୍ୱପ୍ନ। ଏନେଇ ଗାଁର ୱାର୍ଡମେମ୍ବର ମହତାବ ନାୟକ କହନ୍ତି, ଆମେ ଯେଉଁଭଳି ଜୀବନଶୈଳୀ ବିତାଉଥିଲୁ ଆମ ପିଲାମାନେ ଯଦି ସେହିଭଳି ବିତାଇବେ, ତେବେ ଗଣତନ୍ତ୍ରରେ ଆମେ ସାମିଲ ହୋଇ ଲାଭ କ'ଣ। ସରକାର ଆମକୁ ମୌଳିକ ସୁବିଧା ଯୋଗାଇଦେବାକୁ ଆମେ ଆଶା କରୁଛୁ। ଅନ୍ତତଃ ଗମନାଗମନ, ସ୍ୱାସ୍ଥ୍ୟ, ପିଇବା ପାଣି, ବିଜୁଳି ଆଦି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ସତ୍ୟବାଦୀ ତହସିଲ୍‌ରେ ମହାପ୍ରଭୁଙ୍କ ଜମିଜମା ରେକର୍ଡ ସଂଶୋଧନ

# ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହେଲା ମହାପ୍ରଭୁଙ୍କ ଭୂ-ସମ୍ପତ୍ତି

ପୁରୀ, ୯।୭ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ଏବଂ ମାର୍ଫତ୍‌ଦାରଙ୍କ ନାମରେ ରେକର୍ଡଭୁକ୍ତ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କାର୍ଯ୍ୟରେ ଆଉ ଏକ ସଫଳତା ମିଳିଛି। ଏହି କ୍ରମରେ ସତ୍ୟବାଦୀ ତହସିଲ୍‌ରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିର ଅରିଜିନାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ସଂଶୋଧନ କାର୍ଯ୍ୟ କରାଯାଇଛି। ସତ୍ୟବାଦୀ ତହସିଲ୍‌ରେ ମୋଟ ୩୮ଟି ଖାତାର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ ୬୯୩.୧୦୬ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଏହି ଜମି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ସତ୍ୟବାଦୀ ତହସିଲ୍‌ଦାର ଏହି ସମ୍ପର୍କିତ ଏକ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ପୂର୍ବରୁ ୪୫୮.୮୯୬ ଏକର ଜମିର ରେକର୍ଡ ସଂଶୋଧନ କରାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଲ୍ୟାଣ୍ଡ ସେଲ ଆରମ୍ଭ ହେବା ପରେ ନୂତନ ଭାବେ ଆଉ ୨୩୪.୨୧ ଏକର ଜମିର ରେକର୍ଡ ସଂଶୋଧନ ହୋଇଛି।

ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଆଇନଗତ ସୁରକ୍ଷା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ନିକଟରେ ଖୋର୍ଦ୍ଧା ଜିଲ୍ଲାର ୪,୭୦୦ ଏକରରୁ ଊର୍ଦ୍ଧ୍ୱ ଜମିର ରେକର୍ଡ ସଂଶୋଧନ ମହାପ୍ରଭୁଙ୍କ ନାମରେ କରାଯାଇଛି। ସେହିଭଳି ପିପିଲି ତହସିଲ୍‌ରେ ମଧ୍ୟ ୮୨ଟି ଖାତାରେ ଥିବା ୭୭.୨୦ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସୁରକ୍ଷା ତଥା ରାଜସ୍ୱ ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା ସହ ଭବିଷ୍ୟତରେ ଜମି ସମ୍ବନ୍ଧୀୟ ବିବାଦ ରୋକିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ଏବଂ ରାଜ୍ୟ ସରକାର ଏହି ଦିଗରେ ତତ୍ପର ଅଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି।

## ଆୟ ବହିର୍ଭୂତ ସମ୍ପତ୍ତି ଠାବ

# କେନ୍ଦ୍ରାପଡ଼ା ବନାଞ୍ଚଳ ରେଞ୍ଜରର ଗିରଫ

କେନ୍ଦ୍ରାପଡ଼ା, ୯।୭ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳ ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଗିରଫ ପରେ ତାଙ୍କୁ କଟକସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯିବ। ଭିଜିଲାନ୍ସ ଅଧିକାରୀ ରେଞ୍ଜରଙ୍କ ବିଭିନ୍ନ ସ୍ଥାନରେ ଥିବା ସମ୍ପତ୍ତି ଉପରେ ଚଢ଼ଉ କରି ତଦନ୍ତ କରିଥିଲେ। ଏହି ତଲାସି ବେଳେ ତାଙ୍କ ନିକଟରୁ ବହୁ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଜବତ ସମ୍ପତ୍ତି ମଧ୍ୟରେ ୨ଟି କୋଠାଘର, ସେଥିରୁ ଗୋଟିଏ ପ୍ରାୟ ୭,୦୩୮ ବର୍ଗଫୁଟ ବିଶିଷ୍ଟ ଚାରି ମହଲା ବିଶାଳ ଅଟ୍ଟାଳିକା, ୬ଟି ଉଚ୍ଚମୂଲ୍ୟର ପ୍ଲଟ୍, ୨୮୩ ଗ୍ରାମ ସୁନା ଅଳଙ୍କାର, ନଗଦ ୨.୧୪ ଲକ୍ଷ ଟଙ୍କା, ପ୍ରାୟ ୭୬ ଲକ୍ଷ ଟଙ୍କାର ବିଭିନ୍ନ ଜମାରାଶି, ଗୋଟିଏ ଚାରିଚକିଆ ଗାଡ଼ି ସମେତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଉକ୍ତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ରେଞ୍ଜର ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନ ଥିଲେ। ଏହାପରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ-୨୦୧୮ ଅନୁଯାୟୀ ୨୫/୨୦୨୬ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ଅନୁମାନ କରାଯାଉଛି।

## ଦୁର୍ଘଟଣାରେ ବଡ଼ ମା' ମୃତ; ପୁତୁରା ଗୁରୁତର

କୁଆଖିଆ, ୯।୭ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ସାହାପୁର ପୋଲ ନିକଟରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତା ମହିଳା ଜଣକ ହେଲେ ଯାଜପୁର ସଦର ଥାନା ଦେବିଲ ଗ୍ରାମର ସଂଯୁକ୍ତା ବିଶ୍ୱାଳ। ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ମୃତ ସଂଯୁକ୍ତାଙ୍କ ପୁତୁରା ପ୍ରିୟବ୍ରତ। ସୂଚନା ମୁତାବକ ଉଭୟ ବଡ଼ ମା' ଓ ପୁତୁରା ଜାରକାରୁ ସୁନା କିଣି ସ୍କୁଟି ଯୋଗେ ଯାଜପୁର ରୋଡ ଆଡକୁ ଯାଉଥିବା ବେଳେ ସାହାପୁର ବ୍ରିଜ ଉପରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ସଙ୍ଗେସଙ୍ଗେ ଯାଜପୁର ଟାଉନ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମହିଳାଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିବା ବେଳେ ପୁତୁରା ପ୍ରିୟବ୍ରତଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ପଠାଯାଇଛି।

## ନାବାଳିକାକୁ ଅପହରଣ କରି ବରଗଡ଼ରେ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ରାଉରକେଲା, ୯।୭ (ସମିସ): ସ୍ଥାନୀୟ ସେକ୍ଟର - ୩ ଅଞ୍ଚଳରୁ ଜଣେ ୧୪ ବର୍ଷୀୟା ନାବାଳିକାକୁ ୩ ଜଣ ଯୁବକ କାର୍‌ରେ ଅପହରଣ କରି ବରଗଡ଼ରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ସେକ୍ଟର - ୩ ଥାନାରେ ହେବାପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଜଣଙ୍କୁ ବରଗଡ଼ରୁ ଗିରଫ କରି ଅଧିକ ପଚରାଉଚୁରା କରୁଛି ପୁଲିସ।

## ଓଡ଼ିଶାରେ ଶିମିଳିପାଳ ଅନନ୍ୟ

# ବାଘ ବଂଶ ବୃଦ୍ଧି ଓ ଆନୁବଂଶିକ ବିବିଧତା ରକ୍ଷାରେ ସଫଳ

ବାରିପଦା, ୯।୭ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ବାଘ ବଂଶ ବୃଦ୍ଧି ଓ ଆନୁବଂଶିକ ବିବିଧତା (ଜେନେଟିକ୍ ବିବିଧତା) ରକ୍ଷା କରିବାରେ ଅନନ୍ୟ ସାବ୍ୟସ୍ତ ହୋଇଛି। ମହାରାଷ୍ଟ୍ରର ତାଡୋବାରୁ ସ୍ଥାନାନ୍ତରିତ ବାଘୁଣୀ ଜିନତ୍ ମେ' ମାସରେ ଚାରୋଟି ସୁସ୍ଥ ଶାବକ ଜନ୍ମ ଦେବା ଭାରତର ଉଚ୍ଚାକାଂକ୍ଷୀ ବ୍ୟାଘ୍ର ଜେନେଟିକ୍ ରେସ୍କ୍ୟୁ କାର୍ଯ୍ୟକ୍ରମର ପ୍ରଥମ ଦୃଶ୍ୟମାନ ସଫଳତା ଆଣିଛି। ଏହି କାର୍ଯ୍ୟକ୍ରମ ଶିମିଳିପାଳ ଜାତୀୟ ଉଦ୍ୟାନର ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା ପାଇଁ ଦେଶର ଅନ୍ୟତ୍ର ସ୍ୱାସ୍ଥ୍ୟବାନ ବାଘ ଜନସଂଖ୍ୟାରୁ ସମ୍ପର୍କହୀନ ବାଘକୁ ଆଣି ସଫଳତା ମିଳିଛି। ଦଶକ ଧରି ଅନ୍ୟ ବାଘ ଅଞ୍ଚଳରୁ ବିଚ୍ଛିନ୍ନ ହୋଇଥିବା କାରଣରୁ ଶିମିଳିପାଳର ବାଘମାନେ ଇନବ୍ରିଡିଂ (ନିକଟ ସମ୍ପର୍କୀୟ ପ୍ରଜନନ) ଯୋଗୁଁ ଜେନେଟିକ୍ ଭାବେ ଦୁର୍ବଳ ହୋଇପଡ଼ିଛନ୍ତି।

୨,୭୫୦ ବର୍ଗ କିଲୋମିଟର ବିସ୍ତୃତ ଶିମିଳିପାଳରେ ପ୍ରାୟ ୩୨ଟି ବାଘ ରହିଛନ୍ତି। ଏହା ବିଶ୍ୱର ଏକମାତ୍ର ଜଣାଶୁଣା ଲ୍ୟାଣ୍ଡସ୍କେପ୍। ଯେଉଁଠାରେ ବହୁସଂଖ୍ୟକ ପ୍ରିଉଡୋ-ମେଲାନିଷ୍ଟିକ୍ (କଳା) ବାଘ ପ୍ରାକୃତିକ ଭାବେ ଦେଖାଯାଏ। ସେମାନଙ୍କର ଆକର୍ଷଣୀୟ ରୂପ ସେମାନଙ୍କୁ ବିଶ୍ୱବ୍ୟାପୀ ପ୍ରସିଦ୍ଧ କରିଛି। କିନ୍ତୁ ସଂରକ୍ଷଣ ବିଦ୍ୱାନମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ଅସ୍ୱାଭାବିକ ଅଧିକ ସଂଖ୍ୟା ରିଜର୍ଭର ହ୍ରାସ ପାଉଥିବା ଜେନେଟିକ୍ ବିବିଧତାର ପ୍ରତିଫଳନ। ଦଶକ ଧରି ଅନ୍ୟ ବ୍ୟାଘ୍ର ଲ୍ୟାଣ୍ଡସ୍କେପ୍ ସହ ବିଚ୍ଛିନ୍ନ ହୋଇଥିବାରୁ ନୂତନ ଜିନ୍ ପ୍ରବେଶ ହୋଇ ନ ଥିଲା। ଫଳରେ ବ୍ୟାଘ୍ରମାନେ କ୍ରମଶଃ ଇନବ୍ରିଡ୍ ହୋଇଗଲେ। ୨୦୦୬ରେ ପ୍ରାୟ ୪୫ଟି ବ୍ୟାଘ୍ର ଥିବା ଅନୁମାନ କରାଯାଇଥିଲା, କିନ୍ତୁ ୨୦୧୮ ସର୍ବଭାରତୀୟ ବାଘ ଗଣନା (ଏଆଇଟିଇ) ରେ ମାତ୍ର ୮ଟି ବାଘ ଥିବା ଫଟୋ ଉତ୍ତୋଳିତ ହୋଇଥିଲା। ବ୍ୟାଘ୍ର ଘନତ୍ୱ ୧୦୦ ବର୍ଗ କିଲୋମିଟର ପ୍ରତି ପ୍ରାୟ ୧.୦୨ଟି ହୋଇଯାଇଥିଲା। ପରେ ଉନ୍ନତ ସୁରକ୍ଷା ଓ ଆବାସ ପରିଚାଳନା ଯୋଗୁଁ ସଂଖ୍ୟା ପୁନରୁଦ୍ଧାର ହୋଇଥିଲା। ତଥାପି କଳା ବାଘଙ୍କ ଦ୍ରୁତ ବୃଦ୍ଧି ନୂଆ ଚିନ୍ତା ସୃଷ୍ଟି କରିଥିଲା। ୨୦୨୩-୨୪ ସର୍ବଭାରତୀୟ ବାଘ ଗଣନାରେ ଶିମିଳିପାଳରେ ୧୩ଟି କଳା ବ୍ୟାଘ୍ର ଦେଖାଯାଇଥିଲା, ଯାହା ମୋଟ ସଂଖ୍ୟାର ପ୍ରାୟ ଅଧା ଅଂଶ। ପ୍ରିଉଡୋ-ମେଲାନିଷ୍ଟିକ୍ ବାଘମାନେ ଅଲଗା ଉପପ୍ରଜାତି ନୁହଁନ୍ତି। ସେମାନେ ବେଙ୍ଗଲ




ଟାଇଗର୍, ଯେଉଁମାନେ ଟାକପେପ୍ ଜିନ୍‌ରେ ଏକ ବିରଳ ରିସେସିଭ୍ ମ୍ୟୁଟେସନ୍ ପାଇଥା'ନ୍ତି। ଉଭୟ ପିତା ଓ ମାତାଙ୍କଠାରୁ ମ୍ୟୁଟେସନ୍ ଜିନ୍ ପାଇଲେ ହିଁ କଳା ରଙ୍ଗ ଦେଖାଯାଏ।

୨୦୨୧ର ଜେନେଟିକ୍ ଅଧ୍ୟୟନରେ ଶିମିଳିପାଳରେ ବାଘଙ୍କ ଅସ୍ୱାଭାବିକ କମ୍ ଜେନେଟିକ୍ ବିବିଧତା ଓ ଉଚ୍ଚ ସମ୍ପର୍କୀୟତା ପ୍ରମାଣିତ ହୋଇଥିଲା। ଏନସିବିଏସ, ବେଙ୍ଗାଲୁରୁର ପ୍ରଫେସର୍ ଉମା ରାମକୃଷ୍ଣନଙ୍କ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନରେ ଶିମିଳିପାଳର ୧୨ଟି ବାଘର ଜେନେଟିକ୍ ନମୁନା ସହ ଦେଶର ବିଭିନ୍ନ ଅଞ୍ଚଳର ୩୬୬ଟି ବ୍ୟାଘ୍ରର ତୁଳନା କରାଯାଇଥିଲା। ଜେନେଟିକ୍ ବିବିଧତା ମାପ ୦.୨୮ ଓ ସମ୍ପର୍କୀୟତା ୦.୩୮ ଜଣାଯିବା, କମ୍ ଜେନେଟିକ୍ ବିବିଧତା ଓ ଗୁରୁତର ଇନବ୍ରିଡିଂ ପ୍ରମାଣ କରୁଥିଲା। ଏଣୁ ବାହାର ଅଭୟାରଣ୍ୟରୁ ବାଘୁଣୀ ଆଣିବାକୁ ଚିନ୍ତା କରାଗଲା। ମଧ୍ୟଭାରତର ବ୍ୟାଘ୍ର ଜନସଂଖ୍ୟାର ଜେନେଟିକ୍ ବିବିଧତା ଅଧିକ ଥିଲା। ମହାରାଷ୍ଟ୍ରର ତାଡୋବା-ଆନ୍ଧାରୀ ଟାଇଗର ରିଜର୍ଭ ସର୍ବୋତ୍ତମ ଡୋନର୍ ହୋଇଉଠିଥିଲା। ୨୦୨୪ରେ ଏନଟିସିଏ ପ୍ରଥମ ପର୍ଯ୍ୟାୟରେ ଜିନତ୍ ଓ ଯମୁନା ନାମକ ଦୁଇ ବାଘୁଣୀ ଆଣିବାକୁ ଅନୁମୋଦନ କରିଥିଲା। ତଦନୁସାରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବରରେ ମହାରାଷ୍ଟ୍ର ତଡବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ମହାବଳ ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଛି। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି। ଆଗାମୀ ପଦକ୍ଷେପ ସ୍ୱରୂପ ଅକ୍ଟୋବର ମାସରେ ଆଉ ୨ଟି ବାଘୁଣୀ ସହିତ ଏକ ମହାବଳ ବାଘ ଆଣିବା ଯୋଜନା କରାଯାଇଛି। ଶିମିଳିପାଳ ଏକାକୀ ପ୍ରାୟ ୭୫ଟି ପ୍ରାପ୍ତବୟସ୍କ ବାଘ ରହିବା ଭଳି କ୍ଷେତ୍ର ସମର୍ଥନ ଦେଇପାରିବ ବୋଲି ଅନୁମାନ କରାଯାଉଛି। ବିସ୍ତୃତ ଲ୍ୟାଣ୍ଡସ୍କେପ୍‌ରେ ୨୦୦ ପର୍ଯ୍ୟନ୍ତ ବାଘ ବାସ କରିବା ସମ୍ଭାବନା ରହିଛି। ଦୀର୍ଘକାଳୀନ ଲକ୍ଷ୍ୟ ହେଉଛି, ପୂର୍ବ ଭାରତରେ ପ୍ରାକୃତିକ ଜିନ୍ ପ୍ରବାହ ପୁନଃସ୍ଥାପନ କରିବା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଧୈର୍ଯ୍ୟ ରଖି କାମ କରନ୍ତୁ। ଆଶା ପୂରଣ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଅତିଥି ସତ୍କାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରିବେ। ଦାନ ଧର୍ମ କରିବେ।

## ଆଜିର ଇତିହାସ

- ୧୯୧୩-ରୋମାନିଆ ବୁଲ୍‌ଗେରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୪- ଡେନମାର୍କ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୬୫- ଗ୍ୱାଲିୟରରେ ମହିଳାମାନଙ୍କ ପାଇଁ ପ୍ରଥମ ଥର ଏନ୍‌ସିସି କଲେଜର ସ୍ଥାପନା କରାଗଲା।
- ୧୯୯୯- ଜେନିଭାରେ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀ ଆରମ୍ଭ ହେଲା।
- ୨୦୧୩- ଚୀନ୍‌ର ସିଚୁଆନ୍‌ରେ ଭୂସ୍ଖଳନ ଯୋଗୁଁ ୪୦ ଲୋକଙ୍କ ମୃତ୍ୟୁ।

# ରୋବଟ୍ ସମ୍ଭାଳିବ ହୋଟେଲ କାମ



ଚୀନ୍ ଆସନ୍ତା ବର୍ଷ ଏମିତି ଏକ ହାଇଟେକ୍ ହୋଟେଲ ଆରମ୍ଭ କରିବାକୁ ଯାଉଛି, ଯାହା ସଂପୂର୍ଣ୍ଣ ଭାବେ ରୋବଟ୍ ଦ୍ୱାରା ପରିଚାଳିତ ହେବ। ହୋଟେଲର ରିସେପସନ୍, ରୁମ୍ ମଧ୍ୟକୁ ଗ୍ରାହକଙ୍କ ଜିନିଷ ପହଞ୍ଚାଇବା କାମ, ଖାଦ୍ୟ ପରଷିବାଠାରୁ ଆରମ୍ଭ କରି ସଫେଇ ଆଦି ସମସ୍ତ ଦାୟିତ୍ୱ ରୋବଟ୍ ସମ୍ଭାଳିବ। ବିଶେଷକରି ଏଆଇ ଟେକ୍ନୋଲୋଜି ଏବଂ ସ୍ମାର୍ଟ ସିଷ୍ଟମ ସାହାଯ୍ୟରେ ତିଆରି ହେଉଥିବା ଏହି ହୋଟେଲ ଭବିଷ୍ୟତର ହୋଟେଲ ଉଦ୍ୟୋଗକୁ ନୂଆ ରୂପ ଦେଖାଇବାକୁ ଯାଉଛି। ଏହା ସେନଜେନ-ଝୋଙ୍ଗସାନ ଲିଙ୍କ୍‌ରେ ଥିବା ଏକ କୃତ୍ରିମ ଦ୍ୱୀପରେ ନିର୍ମାଣ କରାଯାଉଛି। ପୁଡୁ ରୋବଟିକ୍ସ କମ୍ପାନି ଏହି ପ୍ରୋଜେକ୍ଟ ଆରମ୍ଭ କରିଛି। ତେବେ ପ୍ରଥମ ଥର ପାଇଁ କୌଣସି ହୋଟେଲକୁ ପୂରାପୂରି ରୋବଟ୍ ଭରସାରେ ପରିଚାଳିତ କରିବା ଲାଗି ପ୍ରସ୍ତୁତି କରାଯିବ। ତେବେ ଏଠାରେ ଲୋକଙ୍କୁ ପାରମ୍ପରିକ ହୋଟେଲର ଅନୁଭୂତି ହିଁ ମିଳିବ। ହେଲେ କାମ କରୁଥିବା କର୍ମଚାରୀ ଏଠାରେ ମଣିଷ ହେବେ ନାହିଁ। ଏହି ହୋଟେଲରେ ପ୍ରତ୍ୟେକ କାମ ଲାଗି ଅଲଗା ଅଲଗା ରୋବଟ୍‌କୁ ନିଯୁକ୍ତ କରାଯିବ। ଫ୍ଲାସବଟ୍ ରୋବଟ୍ ଡେଲିଭରି କାମ କରିବ। ସେହିଭଳି ପୁଡୁଟି ୩୦୦ ରୋବଟ୍ ଅତିଥିଙ୍କ ଜିନିଷ ବୋହିବା କାମ କରିବ। ଏହା ଲବିରୁ ବ୍ୟାଗ୍ ନେଇ ରୁମ୍‌ରେ ପହଞ୍ଚାଇବ। ପୁଡୁ ସିସି ୧ ପ୍ରୋ ଏବଂ ଏମ୍‌ଟି ୧କୁ ସଫେଇ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ଏଆଇ ସାହାଯ୍ୟରେ ମଇଳାକୁ ଚିହ୍ନଟ କରି ପରିଷ୍କାର କରିବ। କମ୍ପାନି ଅନୁସାରେ, ଏହି ସମସ୍ତ ରୋବଟ୍ ଅଲଗା ଅଲଗା କାମ କରିବେ। ହେଲେ ସେମାନଙ୍କର କଣ୍ଟ୍ରୋଲ ସିଷ୍ଟମ ପରସ୍ପର ସହିତ ଜଡ଼ିତ ରହିବ। ଏହାଦ୍ୱାରା ହୋଟେଲରେ କାମ ଶୀଘ୍ର ଏବଂ ଉନ୍ନତ ଉପାୟରେ ହୋଇପାରିବ। ହୋଟେଲକୁ ପରିଚାଳିତ କରିବା ପାଇଁ ବିଶେଷ ସଫ୍ଟୱେର ଏବଂ ହାର୍ଡୱେର ବ୍ୟବହାର କରାଯିବ। ଅନ୍ୟପଟେ ଭବିଷ୍ୟତରେ ହୋଟେଲ ଇଣ୍ଡଷ୍ଟ୍ରିରେ କ'ଣ ମଣିଷର ଭୂମିକା ଶେଷ ହୋଇଯିବ ବୋଲି ରୋବଟ୍ ହୋଟେଲକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି? ରୋବଟ୍ ଯଦିଓ ଅନେକ କାମ ସହଜ କରିପାରିବ, ତଥାପି ମଣିଷ ବ୍ୟବହାର ଏବଂ ଭାବନାର ସ୍ଥାନ ପୂରାପୂରି ନେବା ଏବେ ସହଜ ନୁହେଁ। ହୋଟେଲରେ ଅତିଥିଙ୍କୁ କେବଳ ସେବା ନୁହେଁ, ବରଂ ସ୍ନେହ, ଶ୍ରଦ୍ଧା ବି ଦରକାର।

# ଓଲିଉଡ୍‌ରେ ଡେବ୍ୟୁ କରିବେ ବଙ୍ଗୀୟ ଲଳନା ଶିବାଂଶୀ



ଓଡ଼ିଆ ଚଳଚ୍ଚିତ୍ର 'ଗୁରୁଜୀ ନମସ୍କାର' ମାଧ୍ୟମରେ ବଙ୍ଗୀୟ ଅଭିନେତ୍ରୀ ତଥା ମଡେଲ୍ ଶିବାଂଶୀ ସେନ୍ ଓଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ସିନେମାରେ ମୁଖ୍ୟ ନାୟିକା 'ପଦ୍ମା' ଭୂମିକାରେ ସେ ଅଭିନୟ କରୁଛନ୍ତି। ସେ ମୁଖ୍ୟ ନାୟକ 'ଗୁରୁଜୀ'ଙ୍କ ଧର୍ମପତ୍ନୀ ଭାବେ ନଜର ଆସିବେ। ପଦ୍ମା ଜଣେ ସ୍ନେହୀ, ସରଳ ଏବଂ ସ୍ୱାଭିମାନୀ ମହିଳା ଭାବରେ ନଜର ଆସିଛନ୍ତି। ଚଳଚ୍ଚିତ୍ରର କାହାଣୀ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ସମସ୍ୟା, ଦୁର୍ନୀତି ଏବଂ ଆହ୍ୱାନ ଉପରେ ଆଧାରିତ। ଏହି ସଂଘର୍ଷମୟ ପରିସ୍ଥିତିରେ, ଯେତେବେଳେ ଗୁରୁଜୀ ଜଣକ ସମାଜର ବ୍ୟବସ୍ଥା ବିରୁଦ୍ଧରେ ଲଢ଼ନ୍ତି, ସେତେବେଳେ 'ପଦ୍ମା' ତାଙ୍କୁ ଏଥିରେ ସମର୍ଥନ କରନ୍ତି। ଏହି ଚରିତ୍ର ମାଧ୍ୟମରେ ଶିବାଂଶୀ ନିଜର ଦମଦାର୍ ଅଭିନୟର ପ୍ରଦର୍ଶନ କରିଛନ୍ତି। ଓଡ଼ିଆ ଭାଷା ଉପରେ ଶିବାଂଶୀଙ୍କର ଭଲ ଦଖଲ ଥିବାରୁ ସେ ଏହି ଚରିତ୍ରକୁ ଅତି ନିଖୁଣ ଭାବେ ପରଦାରେ ଫୁଟାଇ ପାରିଛନ୍ତି। ଏହି ଫିଲ୍ମଟି ଆସନ୍ତାକାଲି( ଜୁଲାଇ ୧୦) ରିଲିଜ୍ ହେବ। ଜିତେନ୍ଦ୍ରିୟ ପ୍ରଧାନ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍କେତ ତ୍ରିପାଠୀ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସହ ପ୍ରଯୋଜନା ଦାୟିତ୍ୱରେ ଇଲା ମିଶ୍ର ଅଛନ୍ତି। ଶିବାଂଶୀ ଅଭିନୟ ବ୍ୟତୀତ ଷ୍ଟାର୍ ସ୍ପୋର୍ଟସ ଚ୍ୟାନେଲ୍‌ରେ କ୍ରିକେଟ୍ ଲିଗ୍‌ର ସ୍ପୋର୍ଟସ ପ୍ରେଜେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ୩ଟି ହିନ୍ଦୀ ୱେବ୍ ସିରିଜ୍ ଏବଂ ଟି-ସିରିଜ୍ ଓ ଜୀ ମ୍ୟୁଜିକ୍ କମ୍ପାନୀର ମ୍ୟୁଜିକ୍ ଭିଡିଓରେ ମଧ୍ୟ ଅଭିନୟ କରିଛନ୍ତି। ଜଣେ ସଫଳ ମଡେଲ୍ ଭାବରେ ସେ ଜାତୀୟ ଏବଂ ଆଞ୍ଚଳିକ ସ୍ତରର ଅନେକ ବଡ଼ ବଡ଼ ବ୍ରାଣ୍ଡର ଟିଭି, ପ୍ରିଣ୍ଟ୍ ଏବଂ ଡିଜିଟାଲ୍ ବିଜ୍ଞାପନରେ ଚେହେରା ସାଜିଛନ୍ତି। ଶିବାଂଶୀ କେବଳ ଗ୍ଲାମର୍ ଜଗତରେ ନୁହେଁ, ଜଣେ ଭଲ ବ୍ୟାଡମିଣ୍ଟନ ଖେଳାଳି ମଧ୍ୟ। ପୂର୍ବରୁ ସେ ପଶ୍ଚିମବଙ୍ଗ ରାଜ୍ୟକୁ ବ୍ୟାଡମିଣ୍ଟନରେ ପ୍ରତିନିଧିତ୍ୱ କରିସାରିଛନ୍ତି। 'ଗୁରୁଜୀ ନମସ୍କାର' ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହେବା ପୂର୍ବରୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଫିଲ୍ମ ଉତ୍ସବରେ ପ୍ରଦର୍ଶିତ ହୋଇ ଗୋଟିଏ ପରେ ଗୋଟିଏ ପୁରସ୍କାର ଜିତି ଓଡ଼ିଆ ସିନେମା ଜଗତକୁ ଗର୍ବିତ କରିଛି। ଏଥିରେ ଶିବାଂଶୀଙ୍କ ସହ ଅମନ ପରାଶର, ସୁକୁମାର ଟୁଡୁ ମୁଖ୍ୟ ଭୂମିକାରେ ଦେଖାଯିବେ। ଇଲୁ ବାନାର୍ଜୀ ଏଥିରେ ସରପଞ୍ଚ ଭୂମିକାରେ ନଜର ଆସିବେ।

## ଜାତକରେ 'ଦୁର୍ଘଟଣା ଯୋଗ'

# ପୁଅକୁ ମିଳିନି ଗାଡ଼ି ଚଳାଇବାର ଅନୁମତି

ଆଜିକାଲି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା ମାନ ସେୟାର୍ କରାଯାଉଛି। ଯାହାକି ଖୁବ୍ କମ୍ ସମୟରେ ଭାଇରାଲ ହେଉଛି। ଏହି କ୍ରମରେ ଏବେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଜଣେ ୨୮ ବର୍ଷୀୟ ଆଇଟି ଇଞ୍ଜିନିୟରଙ୍କ ଜୀବନର ଏକ ବଡ଼ ନିଷ୍ପତ୍ତି ତାଙ୍କ ଜାତକର ଭବିଷ୍ୟବାଣୀ ସହିତ ଜଡ଼ିତ ବୋଲି କୁହାଯାଇଛି। ଅହମ୍ମଦାବାଦର ବ୍ୟବସାୟୀ ପ୍ରୀତେଶ ଲାଖାନି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଛନ୍ତି। ପ୍ରୀତେଶ ସେଥିରେ ଉଲ୍ଲେଖ କରିଛନ୍ତି,ସେ ଏମିତି ଜଣେ ଯୁବକଙ୍କୁ ସାକ୍ଷାତ କରିଛନ୍ତି, ଯାହାଙ୍କ ପରିବାର ଆଜି ପର୍ଯ୍ୟନ୍ତ ସେହି ଯୁବକଙ୍କୁ ଗାଡ଼ି ଚଳାଇବାର ଅନୁମତି ଦେଇ ନାହାନ୍ତି। ପୋଷ୍ଟ ଅନୁସାରେ, ଯୁବକ ଜଣକ ଆଇଟି ଇଞ୍ଜିନିୟର। ସେ ବିବାହିତ ଓ ତାଙ୍କର ପୁଅଟିଏ ଅଛି। ହେଲେ ଆଜି ଯାଏଁ ଯୁବକ ଜଣକ କାର୍, ବାଇକ୍ କିମ୍ବା ସାଇକଲ ଚଳାଇ ନାହାନ୍ତି। ଏବେ ବି ତାଙ୍କ ବାପା ନିତିଦିନ ତାଙ୍କୁ ଅଫିସ୍ ନବା ଆଣିବା କରୁଛନ୍ତି। ସମ୍ପୃକ୍ତ ଯୁବକଙ୍କ ଜାତକରେ ଦୁର୍ଘଟଣା ଯୋଗ ଅଛି। ତେଣୁ ଯଦି ସେ ଗାଡ଼ି ଚଳାଇବେ, ଦୁର୍ଘଟଣା ହେବା ଆଶଙ୍କା ଅଛି। ଏହି କଥାକୁ ଦୃଷ୍ଟିରେ ରଖି ତାଙ୍କ ପରିବାର ଲୋକେ ତାଙ୍କୁ ଗାଡ଼ି ଚଳାଇବାକୁ ଦେଇ ନାହାନ୍ତି। ଏବେ ଏହି ଘଟଣାକୁ ଶୁଣି ଅନେକ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। କାରଣ ଆଜିର ସମୟରେ ଯେଉଁଠି କମ୍ ବୟସରେ ଲୋକେ ଗାଡ଼ି ଚଳାଇବା ଶିଖୁଛନ୍ତି, ଏଭଳି ସ୍ଥିତିରେ ୨୮ ବର୍ଷର ଜଣେ ଯୁବକ ଏଥିପାଇଁ ଅନ୍ୟ ଉପରେ ନିର୍ଭରଶୀଳ ଥିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି।

## 'ସକାଳ'ର ସ୍ୱାସ୍ଥ୍ୟ

# ଗାଉଟ୍



ମନୁଷ୍ୟ ଗ୍ରହଣ କରୁଥିବା ଖାଦ୍ୟ ଶରୀର ଭିତରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଶରୀରରେ ୟୁରିକ୍ ଏସିଡ୍ ମଧ୍ୟ ତିଆରି ହୋଇ ରକ୍ତ ସାଙ୍ଗରେ ମିଶିଥାଏ। ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ଶରୀରରୁ ବାହାରିଯାଏ। ହେଲେ ଶରୀରରେ ୟୁରିକ୍ ଏସିଡ୍ ବଢ଼ିଗଲେ ଏହା କ୍ରିଷ୍ଟାଲରେ ପରିଣତ ହୋଇ ଖଞ୍ଜାରେ ଜମାଟ ବାନ୍ଧିଯାଏ। ଏଥିରୁ ଖଞ୍ଜା ତଥା ଗଣ୍ଠି ଯନ୍ତ୍ରଣା ସମସ୍ୟା 'ଗାଉଟ୍' ହୋଇଥାଏ।

**କେଉଁମାନଙ୍କୁ ବିପଦ:** ବଂଶାନୁଗତ ରୋଗ, ମେଦବହୁଳତା, ଅତ୍ୟଧିକ ଔଷଧ ସେବନ, ଖାଦ୍ୟ ଶୈଳୀରେ ପରିବର୍ତ୍ତନ, ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ, ନିଶା ସେବନ, ଉଚ୍ଚ ରକ୍ତଚାପ, ଥାଇରଏଡ, ବୃକ୍କ ଜନିତ ରୋଗ ଆଦି କାରଣରୁ ୟୁରିକ୍ ଏସିଡ୍ ବୃଦ୍ଧି ପାଇ ବିଭିନ୍ନ ଗଣ୍ଠିଜନିତ ସମସ୍ୟା ହୁଏ। ଚିନ୍ତା, ଅସ୍ତ୍ରୋପଚାର ମଧ୍ୟ ଗାଉଟ ବୃଦ୍ଧିର ଅନ୍ୟ ଏକ କାରଣ।

**ଲକ୍ଷଣ:** ଗୋଇଠିରୁ ଆରମ୍ଭ ହୋଇ ଅନ୍ୟାନ୍ୟ ସନ୍ଧିସ୍ଥଳ ଓ ହାତ ପର୍ଯ୍ୟନ୍ତ ଏହା ବ୍ୟାପିଯାଏ। ଖଞ୍ଜା ଯନ୍ତ୍ରଣା, ବୁଢ଼ା ଅଙ୍ଗୁଠିରେ ହଠାତ୍ ଯନ୍ତ୍ରଣା ହେବା, ଯନ୍ତ୍ରଣା ସ୍ଥାନ ଫୁଲି ଲାଲ୍ ପଡ଼ିବା, ଚଲାବୁଲାରେ ସମସ୍ୟା, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ଏପରିକି ଜଣେ ବ୍ୟକ୍ତି ପୂରା ଅଚଳ ହେବା ମଧ୍ୟ ଏହାର ଲକ୍ଷଣ।

ଏହି ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଯନ୍ତ୍ରଣାବିହୀନ ଔଷଧ ସେବନ କରାଯାଏ। ରକ୍ତରେ ୟୁରିକ୍ ଏସିଡ୍ ପରୀକ୍ଷା, ଇମେଜିଂ ଟେଷ୍ଟ, ଏକ୍ସରେ, ଅଲଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ ଆଦି ପରୀକ୍ଷା କରିବା ସହ ୟୁରିକ୍ ଏସିଡ୍ ବୃଦ୍ଧି କରୁଥିବା ଖାଦ୍ୟକୁ ପରିତ୍ୟାଗ କରି ପୌଷ୍ଟିକ୍‌ଯୁକ୍ତ ଭିଟାମିନ୍-ସି, ସବୁଜ ପନିପରିବା, ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ବ୍ୟାୟାମ, ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇପାରେ।

## ସଞ୍ଜୀବନୀ

# କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ...



ଅତ୍ୟାଧୁନିକ ଜୀବନଶୈଳୀ, ଅତ୍ୟଧିକ ସ୍କ୍ରିନ୍ ବ୍ୟବହାର ଆଦି ଯୋଗୁଁ ଅଧିକାଂଶ ଲୋକ ଚକ୍ଷୁରୋଗରେ ପୀଡ଼ିତ। ଏଥିପାଇଁ ଡାକ୍ତରୀ ପରୀକ୍ଷା କରି ପ୍ରାୟତଃ ଚଷମା ବ୍ୟବହାର କରନ୍ତି। ଆଉ କିଛି ଚଷମା ବଦଳରେ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରିଥାନ୍ତି। ତେଣୁ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ କିଛି ଦିଗକୁ ଧ୍ୟାନ ଦେବା ଜରୁରି।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ଧରି କଣ୍ଟାକ୍ଟ ଲେନ୍ସ ପିନ୍ଧିବା ଦ୍ୱାରା ଚକ୍ଷୁ ଶୁଷ୍କ ହୋଇପାରେ। ଆଖି ଜଳାପୋଡ଼ା, ଲାଲପଡ଼ି କୁଣ୍ଡାଇ ହେବା ସମସ୍ୟା ହୁଏ। ସେହିପରି ଭୁଲ୍ ଶୈଳୀରେ କିମ୍ବା ମଇଳା କଣ୍ଟାକ୍ଟ ଲେନ୍ସ ବ୍ୟବହାର ଦ୍ୱାରା କର୍ଣ୍ଣିଆ କ୍ଷତିଗ୍ରସ୍ତ ହୋଇପାରେ। ସେହିପରି କଣ୍ଟାକ୍ଟ ଲେନ୍ସ ପିନ୍ଧି ବାରମ୍ବାର ମଇଳା ହାତରେ ଆଖିକୁ ରଗୁଡ଼ିବା କିମ୍ବା ଲେନ୍ସ ଭିତରକୁ ବର୍ଷା ପାଣି ପଶିଗଲେ ମଧ୍ୟ ଆଖି ସଂକ୍ରମଣ ହୋଇଥାଏ। ସେଥିପାଇଁ ଗାଧୋଇବା ଏବଂ ଶୋଇବା ସମୟରେ କଣ୍ଟାକ୍ଟ ଲେନ୍ସ ପିନ୍ଧି ରହିବା ଅନୁଚିତ। ସର୍ବଦା ଲେନ୍ସ ପିନ୍ଧିବା ଏବଂ ଓହ୍ଲାଇବା ପୂର୍ବରୁ ହାତକୁ ସଫା ରଖିବା ଆବଶ୍ୟକ।

ଲେନ୍ସ ପିନ୍ଧିବା ପରେ ଆଖିରେ ଯନ୍ତ୍ରଣା, କୁଣ୍ଡାଇ ଲାଲ୍ ପଡ଼ିବା, ପାଣି ଗଡିବା, ତରଳ ପଦାର୍ଥ ବାହାରିବା, ଧୂଆଁଳିଆ ଦେଖାହେଲେ ଚକ୍ଷୁ ବିଶେଷଜ୍ଞଙ୍କୁ ପରାମର୍ଶ କରି ଔଷଧ ସେବନ କରିପାରିବେ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ବ୍ୟବହାର କରିବା ଅନୁଚିତ। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ କଣ୍ଟାକ୍ଟ ଲେନ୍ସ

# ବିନା କାରଣରେ ଓଜନ ହ୍ରାସ



ବର୍ତ୍ତମାନ ସମସ୍ତେ ଫିଟ୍ ଓ ପତଳା ରହିବାକୁ ପସନ୍ଦ କରୁଛନ୍ତି। ଓଜନ ହ୍ରାସ ପାଇଁ ଅଧିକାଂଶ ବ୍ୟାୟାମ, ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତି। ଆଉ କିଛି ନାନାଦି ଉପାୟ ଆପଣାଇଥାନ୍ତି। ହେଲେ ବିନା କାରଣରେ ବି ଅନେକଙ୍କ ଓଜନ ହ୍ରାସ ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟାର ଲକ୍ଷଣ ହୋଇପାରେ।

ବିନା କାରଣରେ ଓଜନ ହ୍ରାସ ହେବାର ଅନେକ କାରଣ ରହିଛି। ଯେପରିକି ମଧୁମେହ ଆରମ୍ଭ ଏବଂ ରକ୍ତରେ ଶର୍କରାସ୍ତର ବଢ଼ିଲେ ଓଜନ ହ୍ରାସ ହୁଏ। ଶରୀରରେ ଥାଇରଏଡ ହରମୋନ୍ ଅଧିକ ମାତ୍ରାର ନିର୍ଗତ ହେଲେ ହଜମ ପ୍ରକ୍ରିୟା ଶୀଘ୍ର ହୋଇ ଓଜନ ହ୍ରାସ ହୁଏ। ସେହିପରି ପାଚନତନ୍ତ୍ର ପ୍ରଭାବିତ ହେଲେ, ହଜମ ପ୍ରକ୍ରିୟାରେ ସମସ୍ୟା, ସିଲିଆକ୍ ରୋଗ, ଇନ୍ଫ୍ଲାମେଟରୀ ବାଓଲ ଡିଜିଜ୍ ଆଦି ହେଲେ ଶରୀର ଖାଦ୍ୟରୁ ପୁଷ୍ଟିକର ଉପାଦାନ ଗ୍ରହଣ କରିପାରେ ନାହିଁ। ଏପରି ସ୍ଥିତିରେ ଓଜନ ହ୍ରାସ ସମସ୍ୟା ହୋଇଥାଏ। ଯକ୍ଷ୍ମା, ଏଚ୍‌ଆଇଭି ପରି ସଂକ୍ରମଣ ରୋଗ, ବିଭିନ୍ନ କର୍କଟ ରୋଗ, ଅତ୍ୟଧିକ ଚାପ, ଚିନ୍ତା, ଅବସାଦ, କୌଣସି ନିର୍ଦ୍ଦିଷ୍ଟ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମଧ୍ୟ ଅଚାନକ ଓଜନ ହ୍ରାସ ହୋଇଥାଏ। ତେଣୁ ଓଜନ ହ୍ରାସ ହେବା ସହ ଥକ୍କାପଣ, ଭୋକରେ ପରିବର୍ତ୍ତନ, ଜ୍ୱର, କାଶ, କିମ୍ବା ଅନ୍ୟାନ୍ୟ ଲକ୍ଷଣ ଦେଖିଲେ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

## ଘର ବଇଦ

# କଟାଘା'ର ଉପଚାର

- ଗେଣ୍ଡୁପତ୍ର ରସରେ କ୍ଷତ ଜାଗା ଧୋଇଦେବେ, ତା ପରେ ସେହି ପତ୍ରକୁ ବାଟି କ୍ଷତ ଜାଗାରେ ଲେପ ଦେଇ ତା ଉପରେ କଦଳୀପତ୍ର ଦେଇ ସଫା କନାରେ ବାନ୍ଧି ଦୁଇ, ତିନି ଦିନ ଖୋଲିବେ ନାହିଁ। ଏହାଦ୍ୱାରା ତିନି ଚାରି ଦିନରେ ଘା ଶୁଖିଯାଇପାରେ।
- ଦୂବକୁ ପରିଷ୍କାର କରି ଧୋଇ ସଫା କନାରେ ପାଣି ପୋଛି ବାଟି କରି କ୍ଷତ ସ୍ଥାନରେ ବାନ୍ଧିବେ।
- ଅପରାଜିତା ପତ୍ର ଓ ଡାଳକୁ ବାଟି ଚିନି ସହିତ ମିଶାଇ କ୍ଷତ ସ୍ଥାନରେ ଲଗାଇଲେ ଲାଭ ମିଳିଥାଏ।
- ବିଶଲ୍ୟକରଣୀ ପତ୍ରକୁ ଛେଚି କ୍ଷତ ସ୍ଥାନରେ କିଛି ସମୟ ଚିପି ଧରିଲେ ରକ୍ତସ୍ରାବ ବନ୍ଦ ହୁଏ। ତାପରେ ବାନ୍ଧି ରଖିଲେ ଘା' ଶୁଖିଯାଏ।
- କୌଣସି ଅଙ୍ଗ କଟିଗଲେ ତହିଁରେ ଦନ୍ତୀପତ୍ର ରସ ଲଗାଇଲେ ରକ୍ତସ୍ରାବ ବନ୍ଦ ହୁଏ ଏବଂ କଟାସ୍ଥାନ ଯୋଡ଼ି ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ହୃଦ୍‌ଘାତ ପୂର୍ବର ସଙ୍କେତ

ବିଶୃଙ୍ଖଳିତ ଜୀବନଶୈଳୀ, କାର୍ଯ୍ୟଚାପ, ବଂଶାନୁଗତ ରୋଗ, ଅନିୟମିତ ଉଚ୍ଚ ରକ୍ତଚାପ ଓ ରକ୍ତ ଶର୍କରା, ଓଜନ ବୃଦ୍ଧି ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହାଦ୍ୱାରା ଅଧିକାଂଶ ଲୋକଙ୍କଠାରେ ହୃଦ୍‌ରୋଗ ଦେଖାଯାଏ। ହୃତ୍‌ପିଣ୍ଡକୁ ରକ୍ତସଞ୍ଚାଳନରେ ବ୍ୟାହତ ହେଲେ ଗୁରୁତର ସମସ୍ୟା ହୋଇପାରେ। ଯାହା ଭିତରେ ହୃଦ୍‌ଘାତ ହେଉଛି ଅତି ସାଂଘାତିକ ପରିସ୍ଥିତି। ତେବେ ହୃଦ୍‌ଘାତ ପୂର୍ବରୁ ଶରୀରରେ ଭିନ୍ନ ଭିନ୍ନ ସଙ୍କେତ ଦେଖାଯାଇଥାଏ। ଏହାକୁ ଅଣଦେଖା କରିବା ଅନୁଚିତ।

ଛାତି ଭାରି ଭାରି ଲାଗିବା, ଜଳାପୋଡ଼ା ବା ଯନ୍ତ୍ରଣା ଅନୁଭବ କରିବା ଆଦି ହୃଦ୍‌ଘାତର ସାଧାରଣ ଲକ୍ଷଣ। ଏହି ଯନ୍ତ୍ରଣା କିଛି ମିନିଟ୍ ଯାଏଁ ରହିପାରେ କିମ୍ବା ବେଳେ ବେଳେ ଅନୁଭବ ହୁଏ। ତେଣୁ ଛାତି ଯନ୍ତ୍ରଣା ଲାଗିଲେ ଆରାମ କରିବା ସତ୍ତ୍ୱେ ଏହା ଠିକ୍ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସେହିପରି ଅଧିକ ପରିଶ୍ରମ ନ କରି ଧଇଁସଇଁ ଲାଗିବା, ବିନା କାରଣରେ ଦୀର୍ଘ ଦିନ ଦୁର୍ବଳ ଅନୁଭବ, ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା, ସିଡ଼ି ଚଢ଼ିବାରେ କଷ୍ଟ ଅନୁଭବ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ଏହା ହୃଦସମ୍ବନ୍ଧୀୟ ସମସ୍ୟାର ଲକ୍ଷଣ ହୋଇପାରେ। ସେହିପରି ହୃଦ୍‌ରୋଗ ସହିତ ଜଡ଼ିତ ଥିଲେ ଛାତି ଯନ୍ତ୍ରଣା ସହିତ ବାମ ହାତ, ଡାହାଣ ହାତ, କାନ୍ଧ, ବେକ, ପିଠି ଏବଂ ପେଟର ଉପର ଭାଗରେ ମଧ୍ୟ ଯନ୍ତ୍ରଣା ହୋଇପାରେ। ଏହାସହିତ ଶରୀରରୁ ଝାଳ ବାହାରିବା, ମୁଣ୍ଡ ବୁଲାଇବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇପାରେ। ତେଣୁ ଉପରୋକ୍ତ ଲକ୍ଷଣକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଆବଶ୍ୟକ। ହୃଦ୍‌ରୋଗ ଦୂର ପାଇଁ ଦୈନିକ ସନ୍ତୁଳିତ ଖାଦ୍ୟପେୟ, ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ, ନିଶା ସେବନଠୁ ଦୂରେଇ ରହିବା ଜରୁରି। ରକ୍ତ ଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲକୁ ନିୟମିତ ପରୀକ୍ଷା କରାଇନେବା ଆବଶ୍ୟକ।






# ବେଲ୍‌ଜିୟମ୍ ବିପକ୍ଷରେ ସ୍ପେନ୍ ଫେଭ୍‌ରାଇଟ୍

ଲସ୍‌ଏଞ୍ଜେଲ୍ସ, ୯।୭ (ଏଜେନ୍ସି):



ୟୁରୋପ ମହାଦେଶର ଦୁଇ ଶକ୍ତିଶାଳୀ ଦେଶ ସ୍ପେନ୍ ଓ ବେଲଜିୟମ୍ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଶୁକ୍ରବାର ଖେଳାଯିବ। ସ୍ଥାନୀୟ ସୋଫି ବା ଲସ୍‌ଏଞ୍ଜେଲ୍ସ ଷ୍ଟାଡିୟମ୍‌ରେ ରାତି ୧୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ଉଭୟ ଦଳ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିଛନ୍ତି। ପ୍ରି-କ୍ୱାର୍ଟରରେ ପାରାଗୁଏକୁ ୧-୦ରେ ସ୍ପେନ୍ ଓ ଆମେରିକାକୁ ୪-୧ ଗୋଲରେ ବେଲଜିୟମ୍ ହରାଇ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟରରେ ଖେଳୁଥିବା ୮ଟି ଦଳ ମଧ୍ୟରୁ ୨୦୧୦ର ଚାମ୍ପିଅନ୍ ସ୍ପେନ୍ ଏକମାତ୍ର ଦେଶ ଯିଏ କି ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଅନ୍ୟପକ୍ଷରେ ଆରମ୍ଭରେ ଭଲ ପ୍ରଦର୍ଶନ କରି ପାରି ନ ଥିବା ବେଲଜିୟମ ଶେଷ ୩ଟି ମ୍ୟାଚ୍‌ରେ ୧୨ଟି ଗୋଲ ସ୍କୋର କରିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ପ୍ରଦର୍ଶନରେ ଉନ୍ନତି ହେଉଛି। ସ୍ପେନ୍ ଏକ ଶକ୍ତିଶାଳୀ ଟିମ୍ ହୋଇଥିବାରୁ ଏହି ମ୍ୟାଚ୍‌ରେ ଦଳକୁ ଫେଭରାଇଟ୍ ବିବେଚନା କରାଯାଉଛି। ବେଲଜିୟମ୍‌କୁ କିନ୍ତୁ ହରାଇବା ଏତେଟା ସହଜ ହେବ ନାହିଁ।

**ରେକର୍ଡ:** ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦେଶ ମଧ୍ୟରେ ୨୨ଟି ମୁକାବିଲା ହୋଇଛି। ଏଥିମଧ୍ୟରୁ ସ୍ପେନ୍ ୧୨ ଓ ବେଲଜିୟମ ୫ ମ୍ୟାଚ ବିଜୟୀ ହୋଇଛି। ସେହିଭଳି ବିଶ୍ୱକପରେ ଶେଷଥର ଲାଗି ଦୁଇଦଳ ୧୯୮୬ ସଂସ୍କରଣରେ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ୍ ଡ୍ର ହେବାପରେ ପେନାଲ୍ଟିରେ ବେଲଜିୟମ୍ ବିଜୟୀ ହୋଇଥିଲା। ଏପରିକି ଶେଷ ୫ଟି ମୁକାବିଲାରେ ସ୍ପେନ୍‌ର ବିଜୟ ହୋଇଛି।

**ଶକ୍ତି ଓ ତାରକା:** ଉଭୟ ବିଭାଗରେ ସ୍ପେନ୍ ବହୁ ଆଗରେ। ପେଡ୍ରୋ ଦଳକୁ ଫେରିବା ପରେ ସ୍ପେନ୍‌ର ଶକ୍ତି ବୃଦ୍ଧି ପାଇଛି। ଯୁବ ଖେଳାଳି ଲାମିନେ ୟମାଲ, ଓୟାରଜାବଲ ଓ ବାଏନାଙ୍କ ପରି ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଥିଲେ ମଧ୍ୟ ସ୍ପେନର ରକ୍ଷଣଭାଗ ସବୁଠାରୁ ଶକ୍ତିଶାଳୀ। ୨୦୧୮ରେ ତୃତୀୟ ଓ ୧୯୮୬ରେ ଚତୁର୍ଥ ହୋଇଥିବା ବେଲଜିୟମ୍ ନିକଟରେ ଗୋଲ ସ୍କୋର କରିବାର ଏକାଧିକ ସୁଯୋଗ ସୃଷ୍ଟିକାରୀ ଖେଳାଳି ରହିଛନ୍ତି। ଏହି ଦଳ ଚଳିତ ବିଶ୍ୱକପ୍‌ର ଶେଷ ୩ଟି ମୁକାବିଲାରେ ୧୨ଟି ଗୋଲ ସ୍କୋର କରିଛି। କିନ୍ତୁ କ୍ୱାଲିଟୀ ଦଳ ବିପକ୍ଷରେ ସଫଳ ହେବାର ଖୁବ୍ କମ୍ ନଜିର ରହିଛି। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି, ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଇପାରେ।

## ଉଦ୍‌ଯାପନୀରେ ୧୧ ମିନିଟର ଧମାକା

ନ୍ୟୁୟର୍କ, ୯।୭ (ଏଜେନ୍ସି): ବିଶ୍ୱକପ୍‌କୁ ଅଧିକ ସ୍ମରଣୀୟ କରିବା ଲାଗି ଏକ ବିରାଟ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଯାଉଛି ଫିଫା। ଜୁଲାଇ ୧୯ ତାରିଖରେ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲ ମୁକାବିଲାର ହାଫ୍ ଟାଇମ୍‌ରେ ଏକ ୧୧ ମିନିଟର ଧମାକାଦାର ନୃତ୍ୟ ଓ ସଙ୍ଗୀତର କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବିଶ୍ୱର ପ୍ରତିଷ୍ଠିତ ଓ ଲୋକପ୍ରିୟ କଳାକାରମାନେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଜଷ୍ଟିନ୍ ବିଏବେର୍, ମାଡୋନା, ସାକିରା ଓ ବିଟିଏସ୍। ଏମାନଙ୍କ ସହ ଯୋଗଦେବେ ସୁପରଷ୍ଟାର ବୁର୍ଣ୍ଣା ବଏ। ଭେନେଜୁଏଲାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗୁସ୍ତାଭୋ ଡୁଡାମେଲ୍, ଅନ୍ତର୍ଜାତୀୟ ପୁରସ୍କାର ବିଜେତା ପିଏସ୍‌୨୨ କୋରସ୍ ମଧ୍ୟ ଅଂଶଗ୍ରହଣ କରିବେ। ଫିଫା ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରଥମଥର ସୁପର ବାଉଲ୍ ଷ୍ଟାଇଲ୍‌ରେ ଆୟୋଜନ କରାଯିବ। ୧୧ ମିନିଟ୍‌ର ଏହି କାର୍ଯ୍ୟକ୍ରମର ପ୍ରସ୍ତୁତକର୍ତ୍ତା ହେବେ କୋଲ୍ଡ ପ୍ଲେ ଫ୍ରଣ୍ଟମ୍ୟାନ୍ କ୍ରିସ୍ ମାର୍ଟିନ। ନ୍ୟୁୟର୍କର ନ୍ୟୁ ଜର୍ସିରେ ହେବାକୁ ଥିବା ଫାଇନାଲ ମୁକାବିଲା ଓ ଏହି କାର୍ଯ୍ୟକ୍ରମକୁ ଦେଖିବା ଲାଗି ଦେଶ ବିଦେଶର ଏକାଧିକ ପ୍ରତିଷ୍ଠିତ ତଥା କିଂବଦନ୍ତି ଫୁଟବଲ ଓ କ୍ରୀଡ଼ାବିତ ମଧ୍ୟ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରୁ ଯେଉଁ ଅର୍ଥ ଆୟ ହେବ ତାହାକୁ ଫିଫା ଗ୍ଲୋବାଲ ସିଟିଜେନ୍ ଏଜୁକେସନ ଫଣ୍ଡକୁ ପ୍ରଦାନ କରାଯିବ। ଉଦ୍‌ଘାଟନୀ ଅପେକ୍ଷା ଉଦ୍‌ଯାପନୀ ଉତ୍ସବର ଗୁରୁତ୍ୱ ଅନେକ ପରିମାଣରେ ବୃଦ୍ଧି ପାଇଛି।




## ବିଶ୍ୱକପ୍ ଜିତିନାହାନ୍ତି ବିଦେଶୀ କୋଚ୍

ନ୍ୟୁୟର୍କ, ୯।୭ (ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଏବେ ୨୩ତମ ସଂସ୍କରଣ ଚାଲିଛି। ଏହା ପୂର୍ବରୁ ଖେଳାଯାଇଥିବା ୨୨ଟି ସଂସ୍କରଣରୁ କେବଳ ୬ଟି ଦେଶ ଟାଇଟଲ ଜିତିଛନ୍ତି। ନିଜ ଦେଶର କୋଚଙ୍କ ପ୍ରଶିକ୍ଷଣରେ ଏହି ଟାଇଟଲ ଗୁଡିକ୍ ଜିତିଛନ୍ତି। ଚଳିତ ବିଶ୍ୱକପ୍ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିବା ୮ଟି ଦେଶ ମଧ୍ୟରୁ କେବଳ ୨ଟି ଦଳର ବିଦେଶୀ କୋଚ୍ ରହିଛି। ଏହା ମଧ୍ୟରୁ ଇଂଲଣ୍ଡ ଟିମ୍‌କୁ ଜର୍ମାନୀର ଥୋମାସ୍ ଟଚେଲ ଓ ବେଲଜିୟମ୍ ଟିମ୍‌କୁ ଫ୍ରାନ୍ସର ରୁଡି ଗାର୍ସିଆ ପ୍ରଶିକ୍ଷଣ ଦେଉଛନ୍ତି। ଯଦି ଏଥର ଏହି ଦୁଇଟି ଦେଶ ଚାମ୍ପିଅନ ହୁଅନ୍ତି, ତେବେ ଇତିହାସ ସୃଷ୍ଟି ହେବ।


## ଟାଇଟଲ ଡିଫେଣ୍ଡ କରିଛି ୨ଟି ଦେଶ

ନ୍ୟୁୟର୍କ, ୯।୭ (ଏଜେନ୍ସି): ଫିଫା ବିଶ୍ୱକପ୍‌କୁ ୬ଟି ଦେଶ ଜିତିଥିଲାବେଳେ ଇତିହାସରେ କେବଳ ୨ଟି ଦେଶ ଟାଇଟଲ ଡିଫେଣ୍ଡ କରିଛନ୍ତି। ଚାରିଥରର ଚାମ୍ପିଅନ ଇଟାଲୀ ୧୯୩୪ ଓ ୧୯୩୮ରେ କ୍ରମାଗତ ଟାଇଟଲ ଜିତିଥିଲା। ସେହିପରି ୫ଥରର ଚାମ୍ପିଅନ ବ୍ରାଜିଲ ୧୯୫୮ ଓ ୧୯୬୨ରେ କ୍ରମାଗତ ଟାଇଟଲ ହାସଲ କରିଛି। ଏବେ ତିଷ୍ଠି ରହିଥିବା ଦଳ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ୩ଥର, ଫ୍ରାନ୍ସ ୨ଥର ଓ ସ୍ପେନ୍ ଥରେ ଲେଖାଏଁ ଫିଫା ବିଶ୍ୱକପ୍ ଜିତିଛନ୍ତି। ଲିଓନେଲ ମେସିଙ୍କ ନେତୃତ୍ୱରେ ଖେଳୁଥିବା ଆର୍ଜେଣ୍ଟିନା ଏଥର ଯଦି ଚାମ୍ପିଅନ ହୁଏ ତେବେ ଇଟାଲୀ ଓ ବ୍ରାଜିଲ କ୍ଲବ୍‌ରେ ସାମିଲ ହେବ।

## ୟୁରୋପ କବ୍‌ଜାରେ ବିଶ୍ୱକପ୍

ନ୍ୟୁୟର୍କ, ୯।୭ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ହଟ୍ ଫେଭରାଇଟ୍ ଫ୍ରାନ୍ସ ସହ ମୁକାବିଲା କରୁଥିବା ମରୋକ୍କୋକୁ ବାଦ୍ ଦେଲେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୬ଟି ଦେଶ ହେଲେ ୟୁରୋପ୍‌ର। ୟୁରୋପ ବାହାରେ ଖେଳାଯାଇଥିବା ବିଶ୍ୱକପ୍‌ରେ ଏହି ମହାଦେଶର ଟିମ୍ ମାତ୍ର ଦୁଇଥର ଟାଇଟଲ ଜିତିଛନ୍ତି। ୨୦୧୦ ଦକ୍ଷିଣ ଆଫ୍ରିକାରେ ସ୍ପେନ୍ ଓ ୨୦୧୪ ବ୍ରାଜିଲ୍‌ରେ ଜର୍ମାନୀ ଚାମ୍ପିଅନ ହୋଇଥିଲା। ଏଥର ଫ୍ରାନ୍ସ ସମେତ ସ୍ପେନ୍, ଇଂଲଣ୍ଡ, ବେଲଜିୟମ୍, ନରୱେ ଓ ସ୍ୱିଜରଲାଣ୍ଡ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଚଳିତଥର ଏକ ୟୁରୋପୀୟ ଦେଶ ଟାଇଟଲ ଜିତିବାର ସମ୍ଭାବନା ଅଧିକ ସୃଷ୍ଟି ହୋଇଛି।

## ଅଡୁଆରେ ପଡ଼ିପାରନ୍ତି ଇନ୍‌ଫାଣ୍ଟିନୋ



ଲଣ୍ଡନ, ୯।୭ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡୋ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଫିଫା ଓ ଏହାର ସଭାପତି ଜିଆନି ଇନ୍‌ଫାଣ୍ଟିନୋ ସମସ୍ତ ନିୟମକୁ ଉଲ୍ଲଙ୍ଘନ କରିଛନ୍ତି। ରେଫରୀଙ୍କ ଦ୍ୱାରା ରେଡକାର୍ଡ ପାଇବା ପରେ ବାସନ୍ଦ ହୋଇଥିବା ଆମେରିକା ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ବାସନ୍ଦାଦେଶ ଫିଫା ପ୍ରତ୍ୟାହାର କରିନେଇଥିଲା। ଏଥିସହ ତାଙ୍କୁ ବେଲଜିୟମ୍ ବିପକ୍ଷ ପ୍ରି-କ୍ୱାର୍ଟରଫାଇନାଲରେ ଖେଳିବାକୁ ସୁଯୋଗ ଦିଆଯାଇଥିଲା। ଏହା ଫିଫା ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଚାର୍ଟରର ଘୋର ଉଲ୍ଲଙ୍ଘନ କରୁଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) କ୍ରୀଡ଼ା ସଂଗଠନ ଗୁଡ଼ିକର କାର୍ଯ୍ୟକ୍ରମରେ ରାଜନୈତିକ ହସ୍ତକ୍ଷେପକୁ ନିଷେଧ କରିଛି। ଯାହା ଫଳରେ କ୍ରୀଡ଼ାକ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରହିବ। ଏବେ ଟ୍ରମ୍ପ ଓ ଇନ୍‌ଫାଣ୍ଟିନୋ ଏକ ଅନାବଶ୍ୟକ ଘଟଣାରେ ଏହାକୁ ଦଳିଚକଟି ଫିଙ୍ଗିଦେଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସଂଗଠନ 'ଫେୟାର ସ୍କୋୟାର' ଆଇଓସିର ଏଥୀକ୍ସ କମିଟି ନିକଟରେ ଇନ୍‌ଫାଣ୍ଟିନୋଙ୍କ ବିରୋଧରେ ଅଭିଯୋଗ କରିବାକୁ ଯାଉଛି। ଏଭଳି କିଛି ଅଭିଯୋଗ ଆସିଲେ ବିଚାର କରାଯିବ ବୋଲି ଆଇଓସି ସଭାପତି କିର୍ଷ୍ଟି କଭେଣ୍ଟ୍ରି ଘୋଷଣା କରିଛନ୍ତି।

## ବେଲ୍‌ଜିୟମ ଗସ୍ତରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ୭ ଖେଳାଳି



ଭୁବନେଶ୍ୱର, ୯।୭ (ସମିସ): ଭାରତୀୟ ଜୁନିଅର ପୁରୁଷ ହକି ଦଳ ବର୍ତ୍ତମାନ ବେଲ୍‌ଜିୟମ ଗସ୍ତରେ ରହିଛି। ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ବିବେକ ଲାକ୍ରା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା, ସଞ୍ଜିତ ତିର୍କୀ, ଆର୍ଯ୍ୟନ ଖେସ ଏବଂ ମୁକେଶ ଟପ୍ପୋ। ଅନମୋଲଙ୍କୁ ଭାରତୀୟ ଦଳର ନେତୃତ୍ୱ ଭାର ମଧ୍ୟ ପ୍ରଦାନ କରାଯାଇଛି। ଏଚ୍‌ପିସିର ୭ ଜଣ ଖେଳାଳି ଜାତୀୟ ଦଳ ପାଇଁ ମନୋନୀତ ହେବା ଓଏନ୍‌ଟିଏଚ୍‌ଏଚ୍‌ପିସିର ଏକ ଉଲ୍ଲେଖନୀୟ ସଫଳତା। ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଆଜି ଦେଶର ଅଗ୍ରଣୀ ହକି ବିକାଶ ଏକାଡେମୀ ଭାବେ ପରିଚୟ ସୃଷ୍ଟି କରିଛି। ମନୋନୀତ ସମସ୍ତ ଖେଳାଳିଙ୍କୁ ଏଚପିସି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ପ୍ରଥମଥର ଫାଇନାଲରେ କାରୋଲିନା

ଲଣ୍ଡନ, ୯।୭ (ଏଜେନ୍ସି): ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା ଏଠାରେ ଚାଲିଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ମହିଳା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମୁକାବିଲା ମୁଚୋଭା ୬-୨, ୧-୬, ୭-୬ ସେଟରେ ଆମେରିକା ତାରକା କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ମୁଚୋଭା ପ୍ରଥମଥର ଲାଗି ୱିମ୍ବଲଡନ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୩ ଫ୍ରେଞ୍ଚ ଓପନ୍‌ରେ ରନର୍ସଅପ୍ ହୋଇଥିବା ମୁଚୋଭା ଫାଇନାଲରେ ମାର୍ତା କୋସ୍ଟ୍ୟୁକ କିମ୍ବା ଲିଣ୍ଡା ନୋସ୍କୋଭାଙ୍କୁ ଭେଟିବେ।




## ସାମ୍‌ସନ୍‌ଙ୍କୁ ବାଦ୍ ଦେବା ଘୋର୍ ଅନ୍ୟାୟ

ଚେନ୍ନଇ, ୯।୭ (ଏଜେନ୍ସି): ଭାରତୀୟ ଟି-୨୦ ସେଟ୍‌ଅପ୍‌ରୁ ବରିଷ୍ଠ ଖେଳାଳି ସଞ୍ଜୁ ସାମସନ୍‌ଙ୍କୁ ବାଦ୍ ଦେବା ଘୋର ଅନ୍ୟାୟ। ଯିଏ ବି ଏହି ନିଷ୍ପତ୍ତି ନେଇ ଥାଆନ୍ତୁ, ସେମାନେ ଖେଳାଳିଙ୍କ ମଧ୍ୟରେ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଛନ୍ତି ବୋଲି ଭାରତୀୟ କ୍ରିକେଟର କିଂବଦନ୍ତି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହା କରିଛନ୍ତି। ଭାରତକୁ ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇବା ପରେ ସାମସନ ଚଳିତ ୟୁକେ ଗସ୍ତରେ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୫, ୦ ଓ ୧ ରନ୍ କରିଥିଲେ। ଏଥିଲାଗି ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ଏବଂ ପରେ ଘୋଷଣା କରାଯାଇଥିବା ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଜଣାଯାଉଛି, ସାମସନ ଫର୍ମ ହରାଇଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ସମୟରେ ତାଙ୍କୁ ବାଦ୍ ଦେବାର ଅନ୍ୟ କୌଣସି କାରଣ ଜଣାପଡୁନାହିଁ। ଇଂଲଣ୍ଡରେ ଭାରତ ଖେଳିଥିବା ଗୋଟିଏ ମ୍ୟାଚ୍‌ରେ ସାମସନ ଖେଳିଥିଲେ। ସେ ଫେଲ୍‌ମାରିବାରୁ ଭାରତ ହାରିଥିଲା ଓ ତାଙ୍କୁ ଦଳରୁ ବିଦା ହେବାକୁ ପଡ଼ିଥିଲା। ଏହି କାରଣରୁ ଯଦି ବାଦ୍ ପଡ଼ିଥାନ୍ତି ତାହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଏହାପରେ ଯଦି ଭାରତ ପୁଣି ହାରିଯାଏ, କିମ୍ବା ଅନ୍ୟ କୌଣସି ସିରିଜ୍‌ରେ ଭାରତ କ୍ରମାଗତ ମ୍ୟାଚ୍‌ରେ ପରାଜିତ ହୁଏ, ତେବେ କ'ଣ ଆଉ କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ କି ବୋଲି ଅଶ୍ୱିନ ପ୍ରଶ୍ନ କରିଛନ୍ତି। ଯଦି ଏଭଳି ଧାରା ବଜାୟ ରୁହେ ତେବେ ଖେଳାଳି ନିଜକୁ ସୁରକ୍ଷିତ ମଣିବେ ନାହିଁ ଓ ସେମାନଙ୍କ ପ୍ରଦର୍ଶନରେ ଆଦୌ ସ୍ଥିରତା ଆସିବ ନାହିଁ। ଆମେ ଏଭଳି ସମୟରେ ଅଛନ୍ତି ଯେ, ଜଣେ ଦୁଇଜଣଙ୍କ ଦ୍ୱାରା ଟି-୨୦ ମ୍ୟାଚ୍ ଜିତିବାରେ ସମର୍ଥ ହେଉନାହାନ୍ତି। ମ୍ୟାଚ୍ ଜିତିବା ଲାଗି ଦଳକୁ ସମସ୍ତ ଖେଳାଳିଙ୍କ ସହଯୋଗ ଆବଶ୍ୟକ। ଏପରି କରିବା ଦ୍ୱାରା ଭାରତ ୧୧ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ସୁଯୋଗ ଦେବାର ସମୟ ପାଇବ ନାହିଁ ବୋଲି ଅଶ୍ୱିନ କହିଛନ୍ତି।

## ଆଜିଠାରୁ କ୍ଲବ୍ ଟିମ୍ ସ୍ନୁକର

ଭୁବନେଶ୍ୱର, ୯।୭ (ସମିସ): ବିଏସ୍‌ଏଓ ବା ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ରାଜ୍ୟରେ ପ୍ରଥମଥର କ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ସାଲିଆସାହିସ୍ଥିତ ଭିକ୍ଟେଜ୍ କ୍ଲବ୍ ପରିସରରେ ଖେଳାଯିବ। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ସେମାନଙ୍କୁ ୨ଟି ଲେଖାଏଁ ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ କ୍ଲବ୍ ସେମିଫାଇନାଲକୁ ଉନ୍ନୀତ ହେବେ। ଜୁଲାଇ ୧୨ରେ ସେମି ଓ ଫାଇନାଲ ମ୍ୟାଚ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି।

## ଯୁବ କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କଲା ବିହାରୀ ଲାଲ୍ ସ୍ପୋର୍ଟ୍ସ



ଭୁବନେଶ୍ୱର, ୯।୭ (ସମିସ): ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବିହାରୀ ଲାଲ ସ୍ପୋର୍ଟସ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବିହାରୀ ଲାଲ ସ୍ପୋର୍ଟସ ଟ୍ରଷ୍ଟ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଆସୁଥିବା କିଛି କ୍ରୀଡାବିତ୍‌ଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ଅକ୍ଷୟ ଜେନା, ପୂର୍ବତନ କ୍ରିକେଟର ରଶ୍ମି ରଞ୍ଜନ ପରିଡା, ଦୀପକ ମଙ୍ଗରାଜ, ପ୍ରଶିକ୍ଷକ କ୍ଷୀରୋଦ ବେହେରା, ମନୋଜ ବିଶ୍ୱାଳ, ତୋଫାନ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଭୁବନେଶ୍ୱରରେ ରାଜ୍ୟ ସିନିଅର ଚେସ୍

ଭୁବନେଶ୍ୱର, ୯।୭ (ସମିସ): ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ସ୍ଥାନୀୟ କିଟ୍ ୟୁନିଭର୍ସିଟିରେ ଥିବା ବିଶ୍ୱନାଥନ ଆନନ୍ଦ ଚେସ୍ ହଲ ପରିସରରେ ଖେଳାଯିବ। ଜୁଲାଇ ୨୫ରୁ ୨୯ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାକୁ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ), ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ, କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ ୯ ରାଉଣ୍ଡ ଖେଳ ହେବ। ମୋଟ ୧,୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୦,୦୦୦, ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୧୫,୦୦୦ ଏବଂ ତୃତୀୟ ସ୍ଥାନିତ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଶାୟୀ ଖେଳାଳିମାନେ ୯୯୦ ଟଙ୍କାର ଏଣ୍ଟ୍ରି ଫି' ସହ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି (ମୋ-୯୯୩୭୮୮୬୩୭୨) କିମ୍ବା ବାହାର ଖେଳାଳିମାନେ ରହିବା ଲାଗି ଗୌରହରି ମହାପାତ୍ର (ମୋ-୭୩୭୭୯୯୫୫୮୩) ସହ ଯୋଗାଯୋଗ କରିବାକୁ ସଭାପତି ପଟ୍ଟନାୟକ ଅନୁରୋଧ କରିଛନ୍ତି।

ନନ୍ଦିଘୋଷ TV
ନନ୍ଦିଘୋଷ
ନିଯୁକ୍ତି ସୁଯୋଗ
ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର ସମ୍ପାଦକୀୟ ବିଭାଗ (Editorial Team) ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।
ଖାଲି ପଦବୀ
1 କରେସ୍‌ପଣ୍ଡେଣ୍ଟ (Correspondent)
ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ
ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।
ଆବଶ୍ୟକ ଦକ୍ଷତା :
- ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
- ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
- ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।
2 ରିପୋର୍ଟର (Reporter)
ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ
ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।
ଆବଶ୍ୟକ ଦକ୍ଷତା :
- ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
- ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜ୍‌ରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।
ଆବେଦନ ପ୍ରକ୍ରିୟା
ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।
ଯୋଗାଯୋଗ ନମ୍ବର
9437016499
HR Dept.

## ଲର୍ଡ୍ସ ଇତିହାସରେ ପ୍ରଥମ ମହିଳା ଟେଷ୍ଟ ଆଜିଠୁ

ଲଣ୍ଡନ, ୯।୭ (ଏଜେନ୍ସି):



କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡ ଇତିହାସ ରଚିବାକୁ ଯାଉଛି। ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି। ଯାହାକି ଲର୍ଡ୍ସ ଗ୍ରାଉଣ୍ଡର ୧୪୨ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ ମହିଳା ଟେଷ୍ଟ ମ୍ୟାଚ୍ ହେବ। ୧୮୮୪ ମସିହାରେ ଲର୍ଡ୍ସରେ ପ୍ରଥମ ପୁରୁଷ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଇତିମଧ୍ୟରେ ୧୪୨ ବର୍ଷ ବିତିସାରିଥିବାବେଳେ ଏହି ଭେନ୍ୟୁ ୧୫୦ଟି ପୁରୁଷ ଟେଷ୍ଟ ମ୍ୟାଚ୍ ଆୟୋଜନ କରିସାରିଛି। କିନ୍ତୁ ଦୁର୍ଭାଗ୍ୟକୁ ଗୋଟିଏ ହେଲେ ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇ ନ ଥିଲା କ୍ରିକେଟ୍‌ର ଏହି ସବୁଠୁ ଆଇକନିକ ଭେନ୍ୟୁ। ତେବେ ପାଖାପାଖି ଦେଢ଼ ଶତାବ୍ଦୀର ଅପେକ୍ଷା ପରେ ଏବେ ଲର୍ଡ୍ସ କ୍ରୀଡ଼ା ପୃଷ୍ଠାରେ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ ଏହି ଐତିହାସିକ ମୁହୂର୍ତ୍ତର ମୁକ ସାକ୍ଷୀ ହେବାକୁଯାଉଛନ୍ତି। ସେହିଭଳି ଇଂଲଣ୍ଡର ୨୦ତମ ଭେନ୍ୟୁ ଭାବେ ଲର୍ଡ୍ସ ମହିଳା ଟେଷ୍ଟ ଆୟୋଜନ କରିବ। ଉଲ୍ଲେଖଯୋଗ୍ୟ ଯେ ଲର୍ଡ୍ସରେ ପ୍ରଥମ ମହିଳା ଦିନିକିଆ ମ୍ୟାଚ୍ ୧୯୭୬ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

**ଘରୋଇ ଇଂଲଣ୍ଡକୁ ଭେଟିବ ଭାରତ**

ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟେଷ୍ଟରେ ମୋଟ୍ ୧୬ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ହରମନପ୍ରୀତ୍ କୌରଙ୍କ ଦଳ ୪ଥର ଓ ଇଂଲଣ୍ଡ ଦୁଇଥର ବିଜୟୀ ହୋଇଛି। ୧୦ଟି ମ୍ୟାଚ୍ ଡ୍ର ରହିଛି। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଏହି ଟେଷ୍ଟ ମ୍ୟାଚ୍ ୫ ଦିନ ବଦଳରେ ୪ ଦିବସୀୟ ହେବ। ପ୍ରତ୍ୟେକ ଦିନ ୧୦୦ ଓଭର ଖେଳାଯିବାକୁ ଲକ୍ଷ୍ୟ ରଖାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS